## ଛୁଟି ଘୋଷଣା

ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ୧୬ ତାରିଖ (ସୋମବାର ) 'ସଂଚାର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୮ ତାରିଖ (ବୁଧବାର) ପ୍ରକାଶ ପାଇବ।

ପ୍ରକାଶକ



# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17





ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ଉପଲକ୍ଷେ ସଂଚାର ପରିବାର ପକ୍ଷରୁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା।




## ମୋହନଙ୍କ ପ୍ରତିଶ୍ରୁତି ପୂରଣକଲେ ଅଶ୍ୱିନୀ

# ଆଦିବାସୀ ଅଞ୍ଚଳରେ ଗଡ଼ିଲା ବନ୍ଦେ ଭାରତ









**ବ୍ରହ୍ମପୁର/ରାଉରକେଲା,୧୫।୯ (ସଂଚାର ବ୍ୟୁରୋ):** ରାଜ୍ୟର ସବୁ ଆଦିବାସୀ ଅଧ୍ୟୁଷିତ ଓ ପଛୁଆ ଅଞ୍ଚଳକୁ ଟ୍ରେନ୍ ସୁବିଧା ଯୋଗାଇଦେବାକୁ ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଓଡ଼ିଶାରେ ୩ଟି 'ବନ୍ଦେ ଭାରତ' ଏକ୍ସପ୍ରେସ୍ ଗଡୁଥିଲାବେଳେ ଆଜି ଆଉ ଦୁଇଟି ଟ୍ରେନ୍‌ର ଶୁଭାରମ୍ଭ ହୋଇଛି। ଆସନ୍ତା ୧୭ ତାରିଖରେ ଆଉ ଗୋଟିଏ ବନ୍ଦେଭାରତ ରାଜ୍ୟର ପଶ୍ଚିମାଞ୍ଚଳଦେଇ ଚାଳଚଳ କରିବ। ଏହାଦ୍ୱାରା ରାଜ୍ୟର ଦକ୍ଷିଣ ଓ ପଶ୍ଚିମ ଓଡ଼ିଶା ମଧ୍ୟରେ 'ବନ୍ଦେ ଭାରତ' ଏକ ଲାଇଫ୍ ଲାଇନ୍ ଭଳି କାମ କରିବ।

ଆଜି ରେଶମ ସହର ବ୍ରହ୍ମପୁର ଏବଂ ଇସ୍ପାତ ନଗରୀ ରାଉରକେଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ଦ୍ୱାରା ବ୍ରହ୍ମପୁର-ଟାଟାନଗର ଓ ରାଉରକେଲା-ହାୱ୍ଡ଼ା ବନ୍ଦେ ଭାରତ ଏକ୍ସପ୍ରେସର ଟ୍ରେନ ଶୁଭାରମ୍ଭ କରିଛନ୍ତି। ବ୍ରହ୍ମପୁର ରେଳ ଷ୍ଟେସନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ରାଉରକେଲା ଷ୍ଟେସନରେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ପ୍ରମୁଖ ଯୋଗ ଦେଇଥିଲେ।

ବ୍ରହ୍ମପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଭିତ୍ତିଭୂମି କ୍ଷେତ୍ରରେ ସାରା ଦେଶ ବିଶ୍ୱର ଅଗ୍ରଣୀ ବିକଶିତ ଦେଶମାନଙ୍କ ସହିତ ସମକକ୍ଷ ହୋଇପାରିଛି । ଦେଶର ୧୪୦ କୋଟି ଜନ ସାଧାରଣ ଏକ ବିକଶିତ ଭାରତର ଲକ୍ଷ୍ୟ ଆଡକୁ ଅଗ୍ରସର ହେଉଛନ୍ତି। ବନ୍ଦେ ଭାରତ ଏକ୍ସପ୍ରେସ ଓଡ଼ିଶାର ରେଶମ ସହର ବ୍ରହ୍ମପୁରକୁ ଇସ୍ପାତ ସହର ଟାଟା ସହିତ ସଂଯୋଗ ହୋଇଛି ।ଏହି ଟ୍ରେନଟି ବ୍ରହ୍ମପୁର ଠାରୁ ଟାଟାକୁ ୯ ଘଣ୍ଟା ୦୫ ମିନିଟରେ ଅତିକ୍ରମ କରିବ । ଏହା ବାଲୁଗାଁ, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଜଖପୁରା, ହରିଚନ୍ଦନପୁର, କେନ୍ଦୁଝରଗଡ଼ ଇତ୍ୟାଦି ଷ୍ଟେସନ ଗୁଡିକରେ ରହଣି କରିବ। ବ୍ରହ୍ମପୁର ଏକ ସମୃଦ୍ଧ ସହର,ଏହାର ରେଶମ ଶାଢ଼ୀ ପାଇଁ ପ୍ରସିଦ୍ଧ, ଯାହାକୁ ବ୍ରହ୍ମପୁରୀ ପାଟ କୁହାଯାଏ । ଏଥିପାଇଁ ବ୍ରହ୍ମପୁର "ରେଶମ ସହର" ଭାବରେ ପରିଚିତ। ଏହା ସହିତ ବ୍ରହ୍ମପୁର ମଧ୍ୟ ଆମ ରାଜ୍ୟର ଏକ ପ୍ରସିଦ୍ଧ ବାଣିଜ୍ୟିକ କେନ୍ଦ୍ର। ବନ୍ଦେ ଭାରତ ଏକ୍ସପ୍ରେସ ଯୋଗୁଁ ସହରର ପର୍ଯ୍ୟଟନ ଓ ବାଣିଜ୍ୟ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟିବ। ରାଜ୍ୟରେ ପୁରୀ-ହାଓଡ଼ା, ପୁରୀ-ରାଉରକେଲା ଏବଂ ଭୁବନେଶ୍ୱର-ବିଶାଖାପାଟନମ୍ ମଧ୍ୟରେ ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ ଚାଲୁଛି । ଆଉ ତିନିଟି ବନ୍ଦେ ଭାରତ ବ୍ରହ୍ମପୁର-ଟାଟା, ରାଉରକେଲା-ହାଓ୍ୱଡା ଏବଂ ରାୟପୁର-ବିଶାଖାପାଟଣା ମଧ୍ୟରେ ଚଳାଚଳ କରିବ। ଏହି ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଲାଇଫ୍ ଲାଇନ୍ ହେବ। ବିଶେଷ କରି ଆମର ଆଦିବାସୀ ବହୁଳ ଅଞ୍ଚଳରେ ଯୋଗାଯୋଗର ବିକାଶ ହେବ ଏବଂ ସେମାନେ ଆମର ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ସାମିଲ ହୋଇ ପାରିବେ। ସେ କହିଥିଲେ, କେନ୍ଦ୍ର ସରକାର ଆମ ରାଜ୍ୟରେ ଗୁଣପୁର-ଥେରୁବାଲି, ଜୁନାଗଡ-ନବରଙ୍ଗପୁର, ବାଦାମପାହଡ-କେନ୍ଦୁଝରଗଡ, ବାଙ୍ଗିରିପୋଷି-ଗୋରୁମହିଷାଣି, ମାଲକାନାଗିରି-ପାଣ୍ଡୁରଙ୍ଗପୁରମ୍, ବାମରା-ଚକୁଳିଆ, ବରଗଡ ରୋଡ-ନୂଆପଡା ଓ ସରଡେଗା-ଭାଲୁମୁଣ୍ଡା ଏହିପରି ୮ଟି ନୂତନ ରେଳ ପଥ ନିର୍ମାଣ ପାଇଁ ଅନୁମୋଦନ କରିଛନ୍ତି। ଏଥି ପାଇଁ ପ୍ରାୟ ୨୦ ହଜାର କୋଟି ଟଙ୍କା ବିନିଯୋଗ ହେବ। ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାରେ ରେଳ ବିକାଶ ପାଇଁ କେନ୍ଦ୍ର ବଜେଟ୍ ରେ ୧୦,୫୮୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ପୁନଶ୍ଚ ଅମୃତ ଭାରତ ଷ୍ଟେସନ ଅଧିନରେ ଆମ ରାଜ୍ୟର ଶ୍ରୀକ୍ଷେତ୍ର ପୁରୀ ଓ ରାଜଧାନୀ ଭୁବନେଶ୍ୱରକୁ ମିଶାଇ ମୋଟ ୫୨ଟି ରେଳ ଷ୍ଟେସନର ଆଧୁନିକୀକରଣ ଓ ସଂପ୍ରସାରଣ ହେବ। ➪ପୃଷ୍ଠା-୬





# ସୁଭଦ୍ରାମୟ ଓଡ଼ିଶା

**ଟ୍ରାଏଲ୍‌ରେ ଗଲା ୧ ଟଙ୍କା**

**ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ପ୍ରୋଗ୍ରାମ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଆସନ୍ତା ୧୭ରେ ହିତାଧିକାରୀଙ୍କୁ ମିଳିବ। ଜନ୍ମ ଦିନରେ ପ୍ରଧାନମନ୍ତ୍ରୀ ଜନତା ମୈଦାନରେ ଅନୁଷ୍ଠିତ ଭବ୍ୟ କାର୍ଯ୍ୟକ୍ରମରେ ପ୍ରଥମ କିସ୍ତି ପ୍ରଦାନ କରି ଯୋଜନାର ଶୁଭାରମ୍ଭ କରିବେ। ଏଥିପାଇଁ ରାଜ୍ୟବ୍ୟାପୀ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଛି। ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରଚାର ପ୍ରସାର କରାଯାଉଛି। ଗତ ସପ୍ତାହରେ ଗାଁଠୁ ସହର ସବୁଆଡ଼େ ପରିକ୍ରମା କରିଥିଲା ସୁଭଦ୍ରା ରଥ। ରବିବାର ପ୍ରତ୍ୟେକ ଜିଲ୍ଲାରେ ଆୟୋଜିତ ହୋଇଛି ସୁଭଦ୍ରା ସ୍ୱାଗତ ପଦଯାତ୍ରା। ଗାଁଗଣ୍ଡା, ସହର ବଜାର ସବୁଠି ମହିଳା, ପ୍ରଶାସନିକ ➪ପୃଷ୍ଠା-୬

## ପିଲା ଖାଲି ପେଟରେ ଖେଳିଲେ

# ପାଭିଲିଅନ୍‌ରେ ୧୦୦୦ କୋଟି ଖୋଲ କରିଦେଲେ ପଟ୍ଟନାୟକ-ପାଣ୍ଡିଆନ

**ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ):** କ୍ରୀଡାପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ଚେଲା ଖେଳପ୍ରିୟ କାର୍ତ୍ତିକ ପାଣ୍ଡିଆନ ଖେଳ ଭିତ୍ତିଭୂମି ନାଁରେ ସରକାରୀ ପଇସାକୁ ଖୋଲ କରିଥିବାନେଇ ଏବେ ଆଲୋଚନା ଜୋର ଧରିଛି । କେବଳ ଗୋଟିଏ ବର୍ଷର ବଜେଟ୍‌ରେ ଖେଳ ଭିତ୍ତିଭୂମି ପାଇଁ ୧୦୪୪ କୋଟି ଟଙ୍କାର ବରାଦ ହୋଇଥିବାବେଳେ ଖେଳାଳିଙ୍କ ପାଇଁ ଏହାର ୧୦ ପ୍ରତିଶତ ଅର୍ଥ ବି ବରାଦ ହୋଇନାହିଁ । ଫଳରେ ଭିତ୍ତିଭୂମି ବିକାଶ ଅର୍ଥରୁ ବ୍ୟାପକ ଖୋଲ ହୋଇଥିବାବେଳେ ଖେଳାଳିମାନେ ଖେଳ ପାଇଁ ସେଭଳି ସୁବିଧା ସୁଯୋଗ ପାଇନାହାନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ୨୦୨୩-୨୪ ବର୍ଷରେ ରାଜ୍ୟ ସରକାର ତାଙ୍କର କ୍ରୀଡା ବଜେଟ୍‌ରେ ୧୨୧୭ କୋଟି ଟଙ୍କାର ବରାଦ କରିଥିଲେ । ଏଥିରୁ ୧୦୪୪ କୋଟି ଟଙ୍କା କେବଳ କ୍ରୀଡା ଭିତ୍ତିଭୂମି ପାଇଁ ଥିଲା । ଖେଳାଳୀଙ୍କ ପାଇଁ ଥିଲା ମାତ୍ର ୩୦ କୋଟି ଟଙ୍କା । ଫଳରେ ଖେଳାଳୀମାନଙ୍କୁ ଯେଉଁଳି ଖାଦ୍ୟ ପେୟ, ସାଜ ସରଞ୍ଜାମ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳିବାକଥା ତାହା ଯୋଗାଯାଇ ପାରିଲାନାହିଁ ।

ଖେଳାଳୀମାନେ ସିନା ସୁବିଧା ପାଇଲେ ନାହିଁ, କିନ୍ତୁ ଭିତ୍ତିଭୂମି ବିକାଶ ବାଟ ଦେଇ ବ୍ୟାପକ ଅର୍ଥ ଖୋଳ ହୋଇଥିବା କୁହାଯାଉଛି। ଏଥିରେ ଗୁରୁ-ଚେଲା ଯୋଡିଙ୍କ ସହିତ କ୍ରୀଡା ସଚିବ, ନିର୍ଦ୍ଦେଶକ ଆସି ହାତ ମିଳାଇଲେ। ସେତେବେଳର ➪ପୃଷ୍ଠା-୬





## ସୁନୀତିଙ୍କ ବେଳେ ଜିରୋ ଟଲରାନ୍ସ

# ଗିରିଶଙ୍କ ବେଳକୁ ଜିରୋ



**ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ବିଜେପି ସଭାପତିଙ୍କ ପାଇଁ ବିଜେପିର ଅଲଗା ପାଠ । ପିସି ପାଇଁ ଠିକାଦାରଙ୍କୁ ପିଟି ମାମଲା ରୁଜୁ ହୋଇଥିଲେ ମଧ୍ୟ ବିଜେପି ରାଜ୍ୟ ବିଜେପି ମୁଖିଆ ନିରବ। ନାଁ ହେଉଛି କୈଫିୟତ ତଲବ ନାଁ ହେଉଛି କାର୍ଯ୍ୟାନୁଷ୍ଠାନ । ରାଜ୍ୟ ବିଜେପିର ଏଭଳି ମୌନବ୍ରତ ଏବେ ଦଳରେ କେବଳ ଗୁଞ୍ଜରଣ ସୃଷ୍ଟି କରିନାହିଁ, ଅନେକଙ୍କୁ ପ୍ରଶ୍ନ ପଚାରିବାପାଇଁ ସୁଯୋଗ ଦେଇଛି। ବିଜେପି ମହଲରେ ହେଉଥିବା ଆଲୋଚନା ଅନୁଯାୟୀ ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ଗିରିଶ ପଟେଲ ପିସି ପାଇବାରେ ସଫଳ ନହେବାରୁ ଜଣେ ଠିକାଦାରଙ୍କୁ ପିଟିଲେ । ଠିକାଦାର ଚାପୁଡା ମାଡ ଖାଇ ଥାନାରେ ଫେରାଦ ହେବାପରେ ଗିରିଶଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। କଥା ସମ୍ବଲପୁରରୁ ଯାଇ ଭୁବନେଶ୍ୱରରେ ପହଞ୍ଚିଲାଣି । ନୂଆ ସରକାରକୁ ଅଡୁଆରେ ପକାଇଥିବା ଗିରିଶଙ୍କ ପ୍ରତି କାହିଁକି ରାଜ୍ୟ ସଭାପତି ମନମୋହନ ସାମଲ ନିରବ ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ବିଜେପି କର୍ମକର୍ତ୍ତାଙ୍କ କହିବା କଥା ଯେ ଠକେଇ ଅଭିଯୋଗ ଆସିବା ପରେ ପରେ ସୁନୀତି ମୁଣ୍ଡଙ୍କ ମୁଣ୍ଡ ଗଡାଇବାକୁ ରାଜ୍ୟ ବିଜେପି ସମୟ ନେଇ ନ ଥିବାବେଳେ ଗିରିଶ କ୍ଷେତ୍ରରେ କିନ୍ତୁ ଏକ ପ୍ରକାର ପଛଘୁଞ୍ଚା । ସମ୍ବଲପୁର ବିଜେପି ରାଜନୀତିରେ ଏକୁ ଆରେକ ମହାରଥୀ ଥିବାବେଳେ ଗିରିଶ କାହା ଛତ୍ରଛାୟାରେ ରହିଛନ୍ତି ତାହା ଏବେ ରାଜ୍ୟ ବିଜେପି ମୁଖ୍ୟାଳୟରେ ଆଲୋଚନାର ବିଷୟ ପାଲଟିଛି । ଯଦି ଗିରିଶଙ୍କ ପ୍ରତି ଦଳ କଠୋର ନ ହୁଏ ତେବେ ଲୋକଙ୍କ ପାଖକୁ ଖରାପ ବାର୍ତ୍ତା ଯିବ ବୋଲି ଖୋଦ ଦଳର କିଛି କର୍ମୀ ଖୋଲାଖୋଲି ଭାବେ କହୁଛନ୍ତି ।

## ସୁଭଦ୍ରା ଶୁଭାରମ୍ଭ ପାଇଁ କଡ଼ା ସୁରକ୍ଷା

**ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ):** ଦିନକ ପରେ ୧୭ରେ ବହୁ ପ୍ରତୀକ୍ଷିତ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସି ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଉକ୍ତ ଯୋଜନାର ଶୁଭାରମ୍ଭ କରିବେ। ଏହାର ସଫଳ ରୂପାୟନ ପାଇଁ ମୋହନ ଚରଣ ମାଝୀଙ୍କ ସରକାର ଓ ପ୍ରଶାସନ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ ୮୧ ➪ପୃଷ୍ଠା-୬

# କମିଶନରଙ୍କୁ ଘାଇଲା କଲେଣି ଲୁଟେରା

- ପିଏମ୍ ସିକ୍ୟୁରିଟି ଯାଞ୍ଚ ବେଳେ ଲୁଟ୍
- ଚନ୍ଦକାରୁ ଲୁଟିଲେ, ତମାଣ୍ଡୋରୁ ଝାମ୍ପିଲେ
- ବୈଜ୍ଞାନିକଙ୍କ ପରେ ଇଞ୍ଜିନିୟରଙ୍କ ଘରେ ବୁଲାଇଲେ କଳାକନା







**ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ):** ଦିନ କେଇଟାର ନୀରବତା ପରେ ପୁଣି ମାତିଲେ ଘରତଡା ଲୁଟେରା। ପାର୍ବଣ ପୂର୍ବରୁ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଘାଇଲା କଲେ ଲୁଟେରା। ବେଧଡକ ପଶିଲେ, ଆଉ ଯାହା ପାରିଲେ ଲୁଟିଲେ । ଦିନକ ତଳେ ଜଣେ ବୈଜ୍ଞାନିକଙ୍କ ଘରୁ ୫୦ ଭରିର ସୁନା ଆଉ ଆଜି ଜଣେ ସଫ୍ଟୱେର ଇଞ୍ଜିନିୟରଙ୍କ ଘରୁ ୨୦ ଲକ୍ଷ ଟଙ୍କାର ସୁନାଗହଣା ଲୁଟ ନେଇ ସାଙ୍ଘାତିକ ଅଭିଯୋଗ ପରେ ପଦାରେ ପଡିଛି ପୋଲିସର ପାରିବାପଣିଆ । ନୂଆଖାଇ ପାଇଁ ସ୍ୱାମୀ ସ୍ତ୍ରୀ ଘରକୁ ଯାଇଥିବା ବେଳେ କବାଟ ତାଡି ଲୁଟି ନେଇଛନ୍ତି ସୁନା ଓ ଟଙ୍କା। ଘଟଣା ଘଟିଛି ଲଚନ୍ଦକା ଥାନା ଅନ୍ତର୍ଗତ ଗୋଠପାଟଣାରେ ଥିବା ଏକ୍ରସ ଆକେରାପଲିଜ୍ ଆପାର୍ଟମେଣ୍ଟରେ । ଖବର ପାଇ ଚନ୍ଦକା ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ ଆସି ଛାନଭିନ କରିଛି। ଲୁଟେରା ଲୁଟ କରିବା ପରେ ଫ୍ରିଜ୍‌ରୁ ଫଳ ଓ କୋଲ୍ଡ ଡ୍ରିଙ୍କସ ପିଇବା ସହ ରୋଷେଇ ଘରୁ ଡ୍ରାଏ ଫୁଡ ଖାଇବା ଘଟଣା ଆପାର୍ଟମେଣ୍ଟ ବାସିନ୍ଦାଙ୍କ ଛାତିରେ ଛନକା ପୁରାଇ ଦେଇଛି। ସନ୍ଧାନି କୁକୁର ଆସି ଛାନଭିନ କଲାବେଳେ ସେହିଠାରେ ଭଡାରେ ରହୁଥିବା କିଛି ଯୁବକଙ୍କୁ ତଦନ୍ତ ପରିସରଭୁକ୍ତ କରିଛି ପୋଲିସ । ସେମାନେ ଇଣ୍ଟେରିୟର ଡ଼ିଜାଇନିଂ କରିବାକୁ କହି ଘର ଭଡା ନେଇଥିବା ବେଳେ ଲୁଟପାଟ କରୁଥାଇପାରନ୍ତି ବୋଲି ସନ୍ଦେହ କରିଛି ପୋଲିସ ।

ଗତକାଲି ଏହି ଆପାର୍ଟମେଣ୍ଟରେ ଥିବା ଜଣେ ବୈଜ୍ଞାନିକ ଙ୍କ ଫ୍ଲାଟରୁ ଲୁଟେରା ଲୁଟିନେଇଥିଲେ ୫୦ ଭରି ସୁନା ସହ ୨ ଲକ୍ଷ ନଗଦ ଟଙ୍କା। ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ଜଣାଶୁଣା ହୋଟେଲ ବ୍ୟବସାୟୀ ଓବରାଇ ପରିବାରରେ ସମ୍ପତ୍ତି ବିବାଦ: ସଂପତ୍ତି ହସ୍ତାନ୍ତର ଉପରେ ଦିଲ୍ଲୀ ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ।
- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଇସ୍ତଫା ଦେବେ ବୋଲି ଘୋଷଣା କରିବା ପରେ ରାଜନୈତିକ ତତ୍ପରତା। ମୁଖ୍ୟମନ୍ତ୍ରୀ ପଦ ପାଇଁ କେଜରୀଙ୍କ ପତ୍ନୀ ସୁନୀତା କେଜରୀୱାଲ, ଅତିଶୀ, ସୌରଭ ଭରଦ୍ୱାଜ ଓ ଗୋପାଳ ରାୟଙ୍କୁ ନେଇ ଆଲୋଚନା।
- ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ମମତା ବାନାର୍ଜୀ ନୈତିକ ଅବସାଦ ଦେଇ ଗତିକରୁଛନ୍ତି ବୋଲି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ କଟାକ୍ଷ।
- ପାକିସ୍ତାନରେ ଶିକ୍ଷା ବ୍ୟବସ୍ଥାର ଦୁରାବସ୍ଥା ନେଇ ଭାରତର 'ଉଲ୍ଲାସ'ଯୋଜନା ଢାଞ୍ଚା ଅପଣାଇବାକୁ ଏଡିବିର ପରାମର୍ଶ।
- ବିରୋଧୀ ଦଳର ଜଣେ ବରିଷ୍ଠ ତଥା ଜଣାଶୁଣା ନେତା ପ୍ରଧାନମନ୍ତ୍ରୀ କରିବା ପାଇଁ ତାଙ୍କୁ ପ୍ରସ୍ତାବ ଦେଇଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ମନ୍ତବ୍ୟ।
- ୧୬ ତାରିଖଠାରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଣଦେଣ ପାଇଁ ୟୁପିଆଇ ମାଧ୍ୟମରେ ଟିକସ ଭରିହେବ ବୋଲି ଏନ୍‌ପିସିଆଇର ସୂଚନା।
- ଆମଦାନୀ ଶୁଳ୍କ ରିହାତି କାମ ଦେଲାନି। ଦେଢ଼ମାସରେ ସୁନା ଦଶଗ୍ରାମ ପିଛା ୫,୪୦୦ ଟଙ୍କା ବଢ଼ିଛି।
- ହିନ୍ଦୁ ବିବାହକୁ ଚୁକ୍ତିପତ୍ର ଭାବେ ଯେତେବେଳେ ନାହିଁ ସେତେବେଳେ ବିଚ୍ଛେଦ ଘଟାଯାଇ ପାରିବନି: ଏଲହାବାଦ ହାଇକୋର୍ଟ।
- ଭୁବନେଶ୍ୱର : ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କ ଉନ୍ମତ୍ତକାଣ୍ଡ।
- ବାଣିବିହାରରେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗର ତଦନ୍ତ ଜାରି।

## ଓଡ଼ିଶା ପାଲଟିଛି ବାହାର ରାଜ୍ୟ ଏନ୍‌ଜିଓଙ୍କ ଚରାଭୁଇଁ

# ଅଣଓଡ଼ିଆଙ୍କ ନିଷ୍ପତ୍ତିର ଫଳ ଭୋଗୁଛନ୍ତି ଓଡ଼ିଆ

**ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ):** ଓଡିଶା ଏବେ ରାଜ୍ୟ ବାହାର ଏନ୍‌ଜିଓମାନଙ୍କର ଚରାଭୁଇଁ ପାଲଟିଛି । ଓଡିଶାର ଏନ୍‌ଜିଓମାନଙ୍କୁ ପ୍ରତି ୫ବର୍ଷରେ ଥରେ ନବୀକରଣ ପାଇଁ ଫତୁଆ ଜାରି ହୋଇଥିବାବେଳେ ବାହାର ରାଜ୍ୟର ଏନ୍‌ଜିଓମାନେ କିନ୍ତୁ ବିନା ନବୀକରଣରେ ଏଠାରେ କୋଟି କୋଟି ଟଙ୍କାର କାମ ହାତେଇ ନେଉଛନ୍ତି । ଏମାନଙ୍କ ଉପରେ ନାଁ କହାର ରହିଛି ନିୟନ୍ତ୍ରଣ ନାଁ ଏମାନେ କାହାକୁ ଖାତିର କରୁଛନ୍ତି ।

ବାହାର ରାଜ୍ୟର ଏନ୍‌ଜିଓମାନେ ଏବେ ସୁନ୍ଦରଗଡ, କେନ୍ଦୁଝର, ଝାରସୁଗୁଡା ଭଳି ଖଣି ଖାଦାନଭରା ଜିଲ୍ଲାରେ ଡେରା ପକାଇଛନ୍ତି । ସେଠାରେ ଥିବା ଡିଏମ୍‌ଏଫ୍ ପାଣ୍ଠି ଓ ବିଭିନ୍ନ ଶିଳ୍ପସଂସ୍ଥାର ସିଏସ୍‌ଆର ପାଣ୍ଠିରୁ ଏମାନେ କୋଟି କୋଟି ଟଙ୍କାରକାମ ପାଉଛନ୍ତି। ଦୀର୍ଘଦିନ ଧରି ଏହିସବୁ ଜିଲ୍ଲାରେ ତୃତୀୟ ମହଲାର ମନପସନ୍ଦର ଅଣଓଡିଆ ଅଫିସରମାନେ ଜିଲ୍ଲାପାଳ ରହିବା ଫଳରେ ଏଭଳି ସ୍ଥିତି ଉପୁଜିଛି । ଜିଲ୍ଲାପାଳମାନେ ନିଜ ପସନ୍ଦର ସଂସ୍ଥାଙ୍କୁ ଆଣି ଓଡିଶାରେ କୋଟି କୋଟି ଟଙ୍କାର କାମ ଦେଇଛନ୍ତି। ଏମାନଙ୍କ କାମରେ କିଛି ଅଡିଟ୍ ନାହିଁ କି ସେହିସଂସ୍ଥା ଓଡିଶା ସରକାରଙ୍କ ନିକଟରେ ଉତ୍ତରଦାୟୀ ନୁହନ୍ତି ।



ଯେହେତୁ ରାଜ୍ୟ ବାହାରର ଏହି ଏନ୍‌ଜିଓମାନେ ଓଡିଶାରେ ପଞ୍ଜିକୃତ ନୁହନ୍ତି ତେଣୁ ସେମାନଙ୍କ ଉପରେ ଓଡିଶା ସରକାରଙ୍କର କୌଣସି କର୍ତ୍ତୃତ୍ୱ ନାହିଁ । ସେମାନେ କାମ କରନ୍ତୁ ବା ନକରନ୍ତୁ ଥରେ ରାଜିନାମାରେ ଦସ୍ତଖତ କରିଛନ୍ତି ମାନେ ଟଙ୍କା ନେବା ଥୟ । ତେବେ ଏହି ରାଜ୍ୟ ବାହାରର ଏନ୍‌ଜିଓମାନେ ବଡ ବଡ କାମ ନେଇ ତାହାକୁ ଜିଲ୍ଲା ସ୍ତରରେ ଥିବା ଛୋଟ ଛୋଟ ସଂସ୍ଥା ହାତରେ କରାଇ ବେଶ୍ ମୁନାଫା ଉଠାଇଛନ୍ତି । ଡିଏମଏଫ୍ ପାଣ୍ଠିରୁ ଏହି ବାହାର ସଂସ୍ଥାମାନେ କିଭଳି କର୍ମଚାରୀ ଯୋଗାଇବା ଠାରୁ ଆରମ୍ଭକରି ଅନ୍ୟାନ୍ୟ କାମ କରିଛନ୍ତି ତାହା କେବଳ ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାରେ ହୋଇଥିବା ଗତ ୫ବର୍ଷର ବିଭିନ୍ନ କାମର କାଗଜପତ୍ର ତନଖି କଲେ ଜଣାପଡିବ । ସେହିଭଳି ରାଜ୍ୟରେ ଥିବା କିଛି ଆର୍ନ୍ତଜାତୀୟ ସଂସ୍ଥାରେ ମଧ୍ୟ ଏହି ରାଜ୍ୟ ବାହାରର ଏନ୍‌ଜିଓମାନେ ପ୍ରବେଶ କରି କାମ ହାତେଇ ନେଇଛନ୍ତି। ଓଡିଶାରେ ସଚେତନତା କାର୍ଯ୍ୟକ୍ରମ ବି ଏମାନେ ଚଳାଇଛନ୍ତି ।

ଏଥିଯୋଗୁଁ ଓଡିଶାରେ ବିଭିନ୍ନ କ୍ଷେତ୍ରରେ ଭଲ କାର୍ଯ୍ୟ କରୁଥିବା ଅନେକ ବେସରକାରୀ ସଂସ୍ଥା ଏବେ ହାତବାନ୍ଧି ବସିଛନ୍ତି । କେତେକ ନିଜ ସଂସ୍ଥାରେ ତାଲା ପକାଇଲେଣି । ଗତ ୫ବର୍ଷ ମଧ୍ୟରେ ସେମାନଙ୍କୁ କୌଣସି କାମଟିଏ ମିଳିପାରୁ ନାହିଁ । ରାଜ୍ୟ ବାହାରର ଅଣଓଡିଆ ଏନ୍‌ଜିଓମାନଙ୍କ ଲବି ଆଗରେ ଏମାନେ ନାଚାର ହୋଇ ଯାଇଛନ୍ତି । ତେବେ ଏମାନଙ୍କୁ କିଏ ଓଡିଶାରେ ପ୍ରବେଶ କରାଇଛି ଓ ସେମାନଙ୍କ ଜରିଆରେ କି କି ଫାଇଦା ଉଠାଇଛି ଏବଂ କେଉଁ କେଉଁ ଜିଲ୍ଲାପାଳମାନେ ଏମାନଙ୍କର ପୃଷ୍ଠପୋଷକ ସାଜିଥିଲେ ତାହାର ଖୋଳତାଡ ପାଇଁ ଦାବି ଉଠିଲାଣି ।

କିଛି ଏନ୍‌ଜିଓଙ୍କ କହିବାକଥା ଯେ ଏ କ୍ଷେତ୍ରରେ ଅସଲ କାର୍ପଟଦାର ➪ପୃଷ୍ଠା-୬

# ଏଇ ବୋଧେ ପ୍ରେମ



## ପୁଷ୍ପଲତା ମିଶ୍ର

ଶିଶୁ ଚପଳତା ବାଲ୍ୟ କାଳର ଧୂଳି ଖେଳ ଖେଳିବା ବେଳେ ରଂଜନ ଭାଇ ଖେଳେ ଆମ ମାନଙ୍କ ସହିତ, ସଢ଼େଇରେ ଭାତ ରାନ୍ଧିଲା ବେଳେ ମିଛି ମିଛିକା ପରିବା କଟାରେ ପାଣି ଆଣି ଚୁଲି ଜଳେଇ ଦିଏ ରଞ୍ଜନ ଭାଇ।ଭାତ ବାଢ଼ି ଖାଇଲା ବେଳେ ଅଧିକ ଭାତ ଡାଲି ବାଢ଼ି ଦିଏ ରଂଜନ ଭାଇ ପତ୍ରରେ ସରିତା। ଅନ୍ୟ ସାଙ୍ଗ ପିଲା ମାନେ ପାଟି କରନ୍ତି କହନ୍ତି ଏ ସରିତା କଣ ପାଇଁ ରଂଜନ ଭାଇ କୁ ଅଧିକା ଦଉଛୁ। ସରିତା ସେଠି କଥା ବଦଳେଇ କୁହେ ରଂଜନ ଭାଇ ପରା ଆମଠାରୁ ବଡ ସେ ଅଧିକ ଖାଇବ ତେଣୁ ତାଙ୍କୁ ମୁଁ ଅଧିକା ଦେଇଦେଲି। ସେତେବେଳେ ବୁଝି ପାରିବାର ବୁଦ୍ଧି ନ ଥାଏ ସରିତାର। ପିଲାବେଳେ ସରିତା ବହୁତ ଦୁର୍ବଳ ଥିଲା ତେଣୁ ସରିତା ର ବୋଉ କହେ ଏ ରଂଜନ ସରିତା କୁ ଜଗି ଥିବୁ କାଳେ କୋଉଠି ପଡ଼ିଯିବ ପଡିଗଲେ ସେ ମୂର୍ଚ୍ଛା ହେଇଯାଏ। ରଞ୍ଜନ ପାଦେ ପାଦେ ଜଗିଥାଏ ସରିତାକୁ।

ସରିତାର ବାପା ଥିଲେ ଗାଁ ସ୍କୁଲର ପ୍ରଧାନ ଶିକ୍ଷକ, ତେଣୁ ସେ ବିଦ୍ୟାଳୟକୁ ଜଲଦି ପଳାନ୍ତି କିନ୍ତୁ ସରିତାକୁ ସାଙ୍ଗରେ ନେଇ ଯାଏ ତାର ରଂଜନ ଭାଇ ......। କାରଣ ସରିତା ଥିଲା ଏକ ମାତ୍ର ଝିଅ ରଘୁ ମାଷ୍ଟ୍ରେଙ୍କର । ସ୍କୁଲ ଛୁଟି ପରେ ଗୁରୁଜୀ କହିବେ ରଂଜନ ତୁ ଘରକୁ ଯା କିନ୍ତୁ ରଂଜନ ଏକା ଘରକୁ ଯାଏ ନାହିଁ, ଜଗି ବସି ଥାଏ ସରିତା କୁ ସାଙ୍ଗରେ ନେଇ ଘରେ ଛାଡ଼ି ନିଜ ଘରକୁ ଯାଏ। ମଧୁ ମାଷ୍ଟ୍ରେ ଗୁଣୁ ଗୁଣୁ ହେଇ କହନ୍ତି କୋଉ ଜନ୍ମରେ ଏମାନଙ୍କର କିଛି ସମ୍ପର୍କ ଥିଲା ପରି ଲାଗୁଛି। ସରିତା ଖେଳପଡିଆରେ ପଡିଗଲେ ଧୂଳି ଝାଡି ଦିଏ ରଂଜନ ! ଯେତିକି କଷ୍ଟ ସରିତା କୁ ହୁଏ ତା ଠାରୁ ଶହେ ଗୁଣ କଷ୍ଟ ରଂଜନ କୁ ହୁଏ।ରଂଜନ କାନ୍ଦି ପକାଇ କୁହେ ତୁ ଏତେ ଜୋର ରେ ଦୌଡୁଛୁ କାହିଁକି ? ଚାଲ ଚାଲ ଘରକୁ ଚାଲ ତୋତେ ଆଗେ ନେଇ ଘରେ ଛାଡ଼ି ଆସିବି।

ଗାଁ ସ୍କୁଲରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥାଏ ତେଣୁ ରଂଜନ ଚାଲି ଗଲା ବାଳକ ବିଦ୍ୟାଳୟକୁ କିନ୍ତୁ ତାର ସମୟ କଟେ ସରିତା ପଢୁଥିବା ଗାଁ ସ୍କୁଲ୍ ରେ...। ଏମିତି କିଛି ବର୍ଷ ପରେ ସରିତା ବି ଗଲା ବାଳିକା ବିଦ୍ୟାଳୟକୁ ଷଷ୍ଠ ଶ୍ରେଣୀରେ ନାମ ଲେଖାଇ, କିନ୍ତୁ ରଞ୍ଜନ ଭାଇ ପାଠ ଛାଡ଼ି ତାର ବାପା ଙ୍କ କୌଳିକ ବୃତି ବ୍ୟବସାୟ ରେ ମନ ଦେଲା।ସରିତା ପଳେଇଲା ଅଲଗା ସ୍କୁଲ କୁ କିନ୍ତୁ ରଂଜନ କିଛି ଭୁଲି ନ ଥିଲା ସରିତାର ସ୍କୁଲ ଯିବା ଆଉ ଫେରିବା ସମୟକୁ, ଏହାକୁ ସହି ପରନ୍ତିନି ଗ୍ରାମ ର କିଛି ଲୋକ ମାନେ ଟାହି ଟାପରା ମଧ୍ୟ କରନ୍ତି। ତେଣୁ ରଂଜନ ଭାଇ ଲୁଚି ଲୁଚି ଆସି ଦେଖା କରେ। ବୁଝି ପାରନ୍ତି ନାହି ସରିତା କି ରଂଜନ,କାହିଁକି ଲୋକମାନଙ୍କର ଏ କଟାକ୍ଷ!! ମୃଦୁ ଚଳନ ସମୀର ର ମନ୍ଦ ମନ୍ଦ ଗତି ରେ ଶୀତଳତାର କମ୍ପନ ପରି ରଂଜନ ଲୋକ ଙ୍କ ସାମ୍ନା ରେ ଦେଖା ନ କରି ବାଟରେ ଘାଟରେ ଦେଖା କରି ପଳେଇ ଯାଏ। ଯେବେ ଦେଖା ନ ହୋଇ ପାରେ ପୂର୍ବ,ପଶ୍ଚିମ,ଉତ୍ତର ଓ ଦକ୍ଷିଣ ପୂରା ଆକାଶ ଟା କଳା ଘୁମର ଦୃଶ୍ୟମାନ ହୁଏ ରଂଜନ କୁ,ଆଖି ଖୋଲିଲା ବେଳକୁ ରାତି ପାହି ସକାଳ ହୋଇଯାଇ ଥାଏ। କିଛି ଭାବିବା ଆଗରୁ ମୁଗ କିଆରୀ ରେ ପାଣି ମଡାଇଓ୍ୱା ୱାହାନା ରେ ରଂଜନ ଭାଇ ଆସି ଯାଏ ସରିତାର ଘର ପଛ ପଟ କେନାଲ ବନ୍ଧ କୁ.....। ଲୁହା ଚୁମ୍ବକକୁ ଟାଣିଲା ଭଳି ସରିତା ବାଡି ର ପଛ ପଟ ସୀମାକୁ ଯାଇ ଶେଷରେ ରଂଜନ ଭାଇ କୁ ଦେଖା କରି ଚାଲି ଆସେ। ରଞ୍ଜନ ଭାଇ ର ତାଗିଦ୍ ଥାଏ ମୁଁ ସିନା ପାଠ ପଢ଼ି ପାରିଲି ନାହି ତୁ ପାଠ ପଢି ନାମ ରଖ।ଏହାହିଁ ଥିଲା ରଂଜନ ଭାଇର କଡ଼ା ତାଗିଦ୍।

ଅନେକ ବନ୍ଧୁର ପଥ ଅତିକ୍ରମ କରି ସରିତା ଦେଖା କରେ ରଂଜନ ଭାଇକୁ .....। ପୂର୍ବ ଜନ୍ମ ର କିଛି ସମ୍ପର୍କ ଅଛି ଭାବି ରଂଜନ ଆସିଛି ସରିତା ଘରକୁ କିନ୍ତୁ ବଦଳି ଯାଇଛି ସମୟ ସାନ ପିଲା ସମୟରେ ଏତେ ଖେଳୁ ବୁଲୁ ମିଶି ବୋହୁ ଚୋରି ଖେଳ ଚୋରା ପୋଲିସ ଖେଳ ଖେଳୁ ଥିଲୁ କିନ୍ତୁ କେହି କିଛି ଭାବୁ ନ ଥିଲେ, ଏବେ କାହିଁକି ଲୋକେ ସନ୍ଦେହ ଚକ୍ଷୁ ରେ ଚାହୁଁଛନ୍ତି ? କଣ ଅଛି ଆମ ଭିତରେ କିଛି ବୁଝି ପାରେନା ସରିତା, ହସି ବି ପାରେନା। ସମସ୍ତେ ପ୍ରାୟ ଜୀବନ ରେ ଯେତେ ଖୁସି ହୁଅନ୍ତି ସରିତା ସେତିକି ଖୁସି ହେଇ ପାରେନା, ଅନେକଙ୍କ ମୁଁହରେ ହସ ଦେଖି ଈର୍ଷା ହୁଏ ତାର, କାହିଁକି ସେ ହସି ପାରେନି,ମନ ରେ ଯେତେ ଭାବ ଭାବାନ୍ତର ଥାଏ କିଛି ମୁହୂର୍ତ୍ତ ରେ ରଂଜନ ଭାଇ ବୁଝେଇ ଦିଏ ,ତୁ ମନ ଦୁଃଖ କରନା ସରିତା ମୁଁ ତୋ ପାଖେ ପାଖେ ଅଛି। ତୁ ସବୁବେଳେ ହସୁଥିବୁ, ତୋ ହସ ଏମିତି ମୁଁ ଦେଖୁଥିବି। ତୁ ପାଠ ପଢ଼ି ନାଁ କର ସରିତା! ମୁଁ ସିନା ପାଠ ପଢି ପାରିଲିନି ତୁ ପାଠରେ ମନ ଦେ, କେତେ ଲୋକ ତ କେତେ କଥା କହିବେ, ତୁ ସେ କଥା ଶୁଣିଲେ ଆଗକୁ ବଢ଼ି ପାରିବୁନାହି। ସଫଳତା ପାଇବା ପାଇଁ କେବଳ ଦୃଢ଼ ଇଚ୍ଛା ଶକ୍ତି ରହିବ ଦରକାର। ଗାଁ ଡ୍ରାମା ଓ ଯାତ୍ରା ସମୟ ରେ ସରିତାକୁ କିଏ କଣ କହିଲେ ଅଣ୍ଟାରେ ଗାମୁଛା ଭିଡ଼ି ଆଗକୁ ବାହାରି ଆସେ ରଂଜନ ଭାଇ .....। ସରିତା ମନ କଷ୍ଟ କରେ କହେ ରଂଜନ ଭାଇ ତୁମେ କେତେ ଲୋକ ଙ୍କ ପାଟି ଚୁପ୍ କରିବ ? ଯାହା ମନ କୁ ଆସୁଛି କହୁଛନ୍ତି କହି ଯାଆନ୍ତୁ। କହିବା ଲୋକ କଣ ବଡ଼ କେତେ ଲୋକ ଙ୍କ ର କେତେ ଲୋକ ଙ୍କ ର କେତେ କଥା ଶୁଣି ଶୁଣି ମୋର ଦେହ ପଥର ହେଇ ଗଲାଣି। ସ୍କୁଲ ପାଠ ସିନା ରଂଜନ ଭାଇ ର ବନ୍ଦ ହୋଇଗଲା। ଜୀବନ ରେ ପାଠ କେବେ ସମାପ୍ତ ହୁଏ ନାହିଁ। କେବଳ ଶିଖିବାର ଇଛା ଶକ୍ତି ବଳ ରେ ସରିତାକୁ ପାଠ ବତେଇ ଦିଏ ରଂଜନ ଭାଇ।

ଗାଁ ଲୋକମାନଙ୍କର ଦେଖେଇ ଶିଖେଇ କହିବା ଏମିତି ବଢି ଚାଲିଲା , ସରିତା ଓ ରଞ୍ଜନ କୁ ନେଇ .....। ସରିତା ର ଶୁଭ ମନାସି ଦୂରେଇ ଗଲା ରଞ୍ଜନ ସରିତା ଠାରୁ.....। ସରିତା ଚାଲି ଗଲା ବାହାରକୁ ପାଠ ପଢ଼ିବାକୁ ଆଗକୁ ସରସ୍ୱତୀ ପୂଜା ସମୟ ରେ ସରିତା ଗାଁ କୁ ଆସିଛି।ଗାଁ ରୁ ଶୁଣିଲା ତା ରଂଜନ ଭାଇ ର ବାହାଘର ଅଥଚ ମତେ ଡାକିଲାନି ? ହଉ ନ ଡାକିଲା ନାହିଁ ,ମନ ରେ ଭାରି ଇଚ୍ଛା ହେଲା ଟିକେ ରଂଜନ ଭାଇ ର ବର ବେଶ ଦେଖିବାକୁ କିନ୍ତୁ ଲୋକ ମାନଙ୍କର ଟିପ୍ପଣୀ କୁ ଡରି ଲୁଚି ଲୁଚି ସନ୍ଧ୍ୟା ରେ ବାଉଁଶ ବୁଦା

ଆଢୁଆଳରେ ଲୋକମାନଙ୍କ ଗହଳି ଭିତରେ ଯାଇ ଦେଖି ପଳେଇ ଆସିଲା। କିଛି ଦିନ ପରେ ସରିତା ଗଲା ରଂଜନ ଭାଇ ଘରକୁ ତା ନୂଆ ବୋଉକୁ ଦେଖିବାକୁ ସତେ ଲକ୍ଷ୍ମୀ ଠାକୁରାଣୀ ପରି ସୁନ୍ଦର ରଂଜନ ଭାଇ ର ସ୍ତ୍ରୀ। ସରିତା ର ତ ନିଜ ଭାଇ ନାହିଁ ତେଣୁ ରଂଜନ ଭାଇ ଆଉ ନୂଆ ବୋଉ କୁ ସେ ପୁରା ନିଜର କରି ନେଲା। ସରିତା ଦିନେ ନ ଦେଖିଲେ ରଂଜନ ଭାଇ କୁ ତାର ଦିନ ଚର୍ଯା ଠିକ୍ ହୋଇ ପାରେନା। ଲୋକ ମାନେ କୁହା କୁହି ହୁଅନ୍ତି ଏମାନଙ୍କ ଭିତରେ କିଛି ଅଛି,ଜଣଙ୍କର ବାହାଘର ପରେ ବି କେହି କାହାକୁ ଛାଡ଼ି ରହିପାରୁ ନାହାନ୍ତି। ଏ ବୋଧେ ପୂର୍ବ ଜନ୍ମର କିଛି ସମ୍ପର୍କ ଯୋଡ଼ି ହୋଇ ରହିଛି।

ସରିତାର ବାହାଘର ବି ହୋଇଗଲା, ସୁନ୍ଦର ବର ସରକାରୀ ଚାକିରୀ, ତା ପରିବାର ନେଇ ସେ ସହର ରେ ବାସ କଲା। ଭୁଲି ପାରିଲାନି ସେ ଗାଁ କୁ ଭୁଲି ପାରିଲାନି ତାର ରଂଜନ ଭାଇ କୁ କିଛି ସମୟ ପାଇଲେ ସରିତା ଗାଁ ଆଡେ ବୁଲି ଆସେ। ବୟସ ର ଅପରାହ୍ନ!! ରଞ୍ଜନ ପୁଅ ବୋହୂ ନାତି ନାତୁଣୀରେ ଘର ଭରପୁର। ସରିତା ବି ସେମିତି ପୁଅ ବୋହୂ ଝିଅ ଜ୍ୱାଇଁ ନାତି ନାତୁଣୀରେ ସମୟ ବିତାଏ ତଥାପି ମନ ଭିତରେ ରହିଥାଏ ଅହେତୁକ ଗାଁର ମୋହ ସମୟ ପାଇଲେ ବି ରଂଜନ ଭାଇ ବୁଲି ଆସେ ସହର କୁ ଦେଖି ଯାଏ ତାର ଶ୍ରଦ୍ଧେୟା ସରିତା କୁ,ନ ହେଲେ ତାର ପୁଅ ମାନଙ୍କୁ ପଠାଇ ବୁଝି ଯାଏ ତା ସରିତାର ଖବର। ଅହେତୁକ ପ୍ରେମ ଭଲ ପାଇବାରେ ନ ଥିଲା ଦୈହିକ ନା ଆଶା ନା କିଛି ଛଳନା !! ଏବେ ବି ଗାଁ ର ଲୋକ ମାନେ କୁହା କୁହି ହୁଅନ୍ତି ଏମାନ ଙ୍କ ଭିତରେ କିଛି ଅଛି, ନ ହେଲେ ଏ ଭଲ ପାଇବା ଏ ମିଳନ ଏ ଭଲ ପାଇବା ଏ ଦେଖା ସାକ୍ଷାତ ଏହାତ ବିରଳ। ସରିତା ଓ ରଞ୍ଜନ ମନେ ମନେ ଭାବୁଛନ୍ତି ଏଇ ବୋଧେ ପ୍ରେମ!

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭



## ଭାରାକ୍ରାନ୍ତ ଜହ୍ନରାତି-୧୪

### ରବିପ୍ରିୟ ଦାଶ

ସଞ୍ଜ ଗଡ଼ିଲା
ଫେରିଲାନି ଜହ୍ନ
ଦିନ ତମାମ
ଜହ୍ନ ରାଇଜରେ ବୁଲିବୁଲି
ବସାକୁ ଆସିଥିବା
ପକ୍ଷୀସବୁ
ଜହ୍ନର ନିଖୋଜ ଖବରକୁ ନେଇ
ଟୁପୁରୁ ଟାପର ହେଲେ।

କିଏ କେତେ ପ୍ରକାର
କଥା କହିଲେ କେହି କେହି
ଜହ୍ନ, ମେଘ ଭିତରେ
ଅଟକି ରହିଥିବା କହିଥିଲେ।

ଏମିତିକି ମହାଶୂନ୍ୟରୁ
ଉଭାନ ହେଇଥିବା କହିବାକୁ
ଅନେକ ପଛେଇ ନଥିଲେ।

ଡେରିରେ ଫେରିଥିବା
ହଳଦୀବସନ୍ତ
ନଈର ଚହଲା ପାଣିରେ
ଜହ୍ନର ଛାଇ ଦେଖିଥିବା
ବଖାଣିଥିଲା।

ଚଢ଼େଇଙ୍କ ଆଖିରେ
ଆଙ୍କି ହେଉଥିଲା
ହଜିଲା ଜହ୍ନର ଛବି।
ଗଛ କୋରଡ଼ରେ ଛାଇ ଯାଇଥିଲା
ଅଜଣା ଭୟର ଅଦୃଶ୍ୟ ଶରୀର।

ଆଲିଙ୍ଗନ ଅପେକ୍ଷାରେ ଥିବା
ନୀଳକଇଁ ଜହ୍ନବିନା
ଜୀବନ୍ୟାସ ପାଇପାରୁ ନଥିଲା।
ଖୋଲିପାରୁ ନଥିଲା ଓଠ
କଢ଼ ଭିତରେ
ବନ୍ଦ ହେଇ ରହିଥିଲା
ଆକର୍ଷିତ ଯୌବନ,
ସହ୍ୟ କରିପାରୁ ନଥିଲା ବିଳମ୍ବ
ପାଣିରେ ଝାସ ଦେବାକୁ
ନିଷ୍ପତ୍ତି ନେଇଥିଲା।

ଝର୍କା ସେପାଖରେ
ଜହ୍ନକୁ ନଦେଖି ଅନ୍ଧାରରେ
ଛଟପଟ ହେଉଥିଲା
କାଳିବାବୁଙ୍କ ନଖରୀ ଝିଅ
ମନସ୍ୱିନୀ।

ଜହ୍ନର ସଫେଦ କିରଣରେ
ବଦଳିଥିବା ଦେହର ରଙ୍ଗ
ଦେଖିବାକୁ
ଅପେକ୍ଷା କରିଥିଲା।
କିଛି ସମୟ ପରେ
ବହି ଉପରେ ମୁଣ୍ଡରଖି
ଘୁମେଇ ପଡ଼ିଲା।
ରାତି ଯେତିକି ବଢୁଥିଲା
ଜହ୍ନ ପାଇଁ ଫୁଲ, ପକ୍ଷୀ ଓ
କୁମାରୀଙ୍କ ଉତ୍ତେଜିତ
ଦେହର ସ୍ୱର
ସେତେ ତୀବ୍ର ହେବାରେ
ଲାଗିଥିଲା।

ଏତେ ସବୁ ପ୍ରେମ ନିବେଦନ,
ବିକଳ ଅପେକ୍ଷା
ରାତିର କାନିରେ ମୁହଁ ଢ଼ାଙ୍କି
ଶୋଇ ଯାଇଥିବା ଜହ୍ନର
ନିଦ, ସ୍ୱପ୍ନ ସବୁ କିଛି
ଭାଙ୍ଗିଦେଲା
ଆଖି ମଳିମଳି ଉଠିପଡ଼ିଲା।

ଚାହୁଁଚାହୁଁ ବିଚ୍ଛୁରିତ ହେଲା
ଝାପ୍‌ସା ଆଲୁଅ
ବିଳମ୍ବିତ ରାତିରେ ଦେଖାଗଲା
ଆକାଶର ମଥାନରେ
ବୁଲୁଥିଲା ଅଧାଜହ୍ନ।



## ହୃଦୟରେ ଲେଖିଛି ତୋହୋର ନାଆଁ

### ସ୍ୱାଗତିକା ସାହୁ

ଆସ...
ଏଥର ହାତ ଧରାଧରି ହୋଇ ଆମେ
ଥରେ ଇତିହାସ ଭିତରକୁ ଯିବା
ଅୟସ୍କାନ୍ତ ମଣି ଭଳି ଆକର୍ଷି ଥିବା
ପ୍ରେମ ଲାବଣ୍ୟର ଅମରାବତୀକୁ
ଥରେ ଫିଟାଇ ଦେଖିବା...
ସ୍ମୃତିର ସିନ୍ଦୂର ଖୋଲି
ବିସ୍ମୃତିକୁ ଖୋଜିବା....
ଯହିଁ ଝଟକେ ମିଳନର ବର୍ଣ୍ଣବୋଧ

ସବୁଜ ହୃଦୟ ଗୋଲାପୀ ବେଳାରେ
ଗଢ଼ା ଥିବା ଦିବ୍ୟ ପ୍ରେମର କୋଣାର୍କ
ଯେତେ ଭାବିଲେ ବି
ମନ ଜଳେ ଜଣକ ପାଇଁ
ସେ ଦିନକୁ ତୁମେ ଭୁଲିନ....
ଆଖି ବୁଝି ଯାଇଥିଲା ହୃଦୟର ଭାଷା
ମନ ଜାଣି ଯାଇଥିଲା ପୀରତିର ବାସ୍ନା
ମୋ ନୀରବତା ଦେଖି
ଓଠ ଖୋଲି କହୁଥିଲ...

ଏଇ....
ଜୀବନଟା ତୁମ ସାଧା କାଗଜ
ସେଥିରେ ରଙ୍ଗ ବୋଳି ଦେବାକୁ
ଖୋଜେ ଟିକେ ମୁରୁଜ...
ପ୍ରେମର ମୁରୁଜ ତୁମ ଦେହରେ ଲାଗିଲେ
ଲିଭିବନି ଆଉ ସମ୍ପର୍କର ଦୀପ
ତୁମେ ମୋ ଜୀବନଠୁ ଜୀବନ
ହୃଦୟରେ ଲେଖିଛି ପରା ତୁମରି ନାଆଁ
ସକାଳ ର ତୁମେ ଫୁଟନ୍ତା ଫୁଲ

ସେ ଫୁଲକୁ ହୃଦୟରେ ମାଖିଲା ପରେ.....
ବିଛାଇ ଥିଲ ଅନେକ ଶବ୍ଦ ପାଖୁଡ଼ା ନେଇ
ଅତି ଯତ୍ନରେ ସିଉଁ ଥିଲ ପ୍ରତି ପୃଷ୍ଠା
ଗଢ଼ା ହୋଇଥିଲା ନୂତନ ଇତିହାସ
ସାତ ସିନ୍ଧୁକର ଫରୁଆ ଭିତରେ
ହଁ ଗୋ......
ରହିଛି ସବୁ ସାଇତି....
ହଁ ତା ଯୌବନକୁ
ତା ସୌନ୍ଦର୍ଯ୍ୟକୁ
ତା ସୌରଭକୁ
କାହାର ନଜର ନ ଲାଗୁ

ଆସନା ମାନସ ଚିତ୍ର ପଟ୍ଟରେ
ନୂଆଁ ଛବି ଆଙ୍କିବା
ଆମେ ଆଉ ଆମର....
ଭଗ୍ନ ପାନ୍ଥଶାଳା କାନ୍ଥରେ
ଲୁପ୍ତ ରେ ନାମ ଲେଖିବା

ଉମରକୋଟ,ନବରଙ୍ଗପୁର



## ସେଇ ରାଣୀ ପଥର

### ବିଷ୍ଣୁ ପ୍ରସାଦ ମିଶ୍ର

ମନର,
ଅନେକ ଆଶା,
ଅନେକ କଳ୍ପନା,
ଅନେକ ପୂଜା, ଉପାସନା,
କେତେ ଯେ ମାନସିକ,
କେତେ ଅଭିଳାଷ,
ଝିଅ ଟିକୁ ନେଇ.
ସେଇ, ବଂଶ ରକ୍ଷା ଟିକକ ପାଇଁ.
ସତରେ କଣ, ଝିଅ ଟିଏ ଅତ୍ୟାବଶ୍ୟକ ?
ପ୍ରକୃତରେ କହିବାକୁ ଗଲେ, ନାରୀ ହିଁ ଆରମ୍ଭ ଆଉ ଶେଷ.
ନାରୀ ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ ସ୍ଥାନରେ, ପ୍ରତ୍ୟେକ
ସ୍ଥିତିର, ପ୍ରତ୍ୟେକ କାର୍ଯ୍ୟର,
ପରିଚାଳନା ତଥା ପରିକଳ୍ପନା ର ମୁଖ୍ୟ ପୃଷ୍ଠ ସାଜିଥାଏ.
ନାରୀ ବିନା ସୃଷ୍ଟିର ସତ୍ତା ନଥାଏ.
ସେ' ମା, ଭଗ୍ନୀ, ଜାୟା, ଜଡ଼ିତା.
ସେ" ସୃଷ୍ଟି, ସେ" ସ୍ଥିତି,ସେ" ସ୍ମୃତି,ସେ" ସ୍ୱପ୍ନ,
ସେ" ସହାୟକ,ସେ ସଂହାରକାରୀ.
ତା' ର, ରୂପ ଅକଳନୀୟ, ଅବାଞ୍ଛନୀୟ, ଅବର୍ଣ୍ଣନୀୟ,
ଅକଥନୀୟ.
ସତରେ,
ନାରୀ" ଯେ, ହାସ୍ୟମୟୀ, ଲାସ୍ୟମୟୀ, ଦାସ୍ୟମୟୀ,
ସେ", ସହାୟିକା, ସମର୍ପିକା, ସାକ୍ଷରୂପା, ସୁଚିନ୍ତିତ.
ଥରୁଟିଏ ଚିନ୍ତା କଲେ "ନାରୀ" ଯେ ସକଳ ଶକ୍ତିର ଆଧାର,
ଏହା, ଅତ୍ୟୁକ୍ତି ନୁହଁ.
ତଥାପି"
ଆଜି ର ସମାଜ ନାରୀ ପ୍ରତି,
କାହିଁକି କଠୋର ? ?.
ପ୍ରଶ୍ନବାଚୀ ପ୍ରଶ୍ନ ହିଁ ସାଜି ଯାଏ.
ସେଇ,
ସମାଜ ନିକଟରେ.
ଯାହା ପାଇଁ,
ନାରୀ ଆଜି,
ସୁପରିକଳ୍ପିତା, କ୍ଷିପ୍ତା, ଭୋକ୍ତା, ପରୀତ୍ୟକ୍ତା,
ସାଜେ ଯିଏ,
ପୁରୁଷର ସର୍ବ ସହିଷ୍ଣୁତା.
ଯା" ଜୀବନ ନୁହେଁ କେବେ ଏକାନ୍ତତା, ସେ ହିଁ ବନୀତା.
ସେ 'ସର୍ବ ଦ୍ରଷ୍ଟା, ସର୍ବ ସ୍ରଷ୍ଟା,
ତଥାପି ଆଜି କାହିଁକି, ଏତେ ପରିତ୍ୟକ୍ତା. ଅନୂଢ଼ା କନ୍ୟା ଟିଏ,
ରୂପ ଲାବଣ୍ୟ ରେ ପରିପୂର୍ଣ୍ଣା,
ଜାତିରେ ଆଦିବାସୀ ସଂପ୍ରଦାୟର,
ହେଲେ କ'ଣ ହେଲା,
ବସନ୍ତର ମଳୟ ସ୍ପର୍ଶତାର
ଗଙ୍ଗଶିଉଳୀ ଟିଏ ଭଳି ସୌନ୍ଦର୍ଯ୍ୟ ପରିପ୍ରାପ୍ତ୍ୱା।
ଯୌବନର ଉଚ୍ଛୁଳା ସାଗରର କମଳ ଟିଏ
କହିଲେ ଅତ୍ୟୁକ୍ତି ହେବନାହିଁ.
ପିଲାଟି ଦିନରୁ
ଚଞ୍ଚଳତା ସତେ ଯେମିତି ତା' ର
ଦୈନନ୍ଦିନ ପ୍ରକଟିତ.
ଅତି ଆଦରଣୀୟା,
ସମସ୍ତଙ୍କ ମନରେ ମୋହିନୀ କନ୍ୟା ଟିଏ ସେ.
ଚାଟଶାଳୀରେ ଶିକ୍ଷା ର
କିଛି ମାତ୍ର ପ୍ରାପ୍ତ ଯୋଗ୍ୟତା ସମ୍ପନ୍ନା.
ଉଚ୍ଚ ଶିକ୍ଷା ତ,
ସପନ କାହାଣୀ.
ଚତୁଃପାଶ୍ୱ ଜଙ୍ଗଲ ପରିବେଶ,
ଗାଁଟିର ସମସ୍ତ ପରିବାର ଆଦିବାସୀ ସଂପ୍ରଦାୟର.
ପ୍ରତିଦିନ ସକାଳୁ ସଞ୍ଜ ଯାଏ
କେବଳ ଜଙ୍ଗଲ ଉପରେ ହିଁ ନିର୍ଭରଶୀଳ.
ସତେ ଯେମିତି,
ଜଙ୍ଗଲ
ତାଙ୍କର ଦାନା, ପାଣି, ବାସ, ବସ୍ତ୍ର, ପରିବେଶ, ପରିପାଟି,
ପରିବାର, ପ୍ରତିପୋଷଣ, ଦାତା, ଦେବତା,
ସବୁ କିଛି,
ସେଇ ଜଙ୍ଗଲ.
ଦିନ ଗଡ଼ି ଚାଲିଥାଏ,
ସେତେବେଳକୁ ଭାରତ ବର୍ଷ
ପରାଧୀନତାର ଶିକାର ହୋଇଥିଲା
ସେଇ ବର୍ବର ଗୋରା ସାହେବଙ୍କ ଗୋଲାମ୍ ରେ.
ସାମାନ୍ୟ ପ୍ରଲୋଭନ ଦେଖାଇ
ଶେଷରେ
ଲକ୍ଷ ଲକ୍ଷ ଜନତାର ଶୋଷିତ ଦାନବ ସାଜି ଯାଇଥିବା
ସେଇ ଅତୀତର ଭାରତ ଲୁଟ୍ କାରୀ
ବର୍ବର ମାନବ ଇଁରେଜ ସରକାର.
ଗୋଟାଏ ପରେ ଗୋଟାଏ
ଧ୍ୱଂସର ଲୀଳା ରଚିବାରେ ଲାଗି ଥାନ୍ତି
ଏହି ଶାନ୍ତି ପୂର୍ଣ୍ଣ ଭାରତବର୍ଷରେ.
କେଉଁଠି ଶୋଷଣ ତ,କେଉଁଠି ଅତ୍ୟାଚାର,
କେଉଁ ଠାରେ ଧ୍ୱଂସ ମୁଖରିତ
କେଉଁଠୁ ଲୁଣ୍ଠନରଲିଳାସେତେବେଳେ
ଗୋରା ରାକ୍ଷସଙ୍କର
ନଜର ଆସିଥାଏ ଅଖଣ୍ଡ ଉତ୍କଳ ରାଜ୍ୟ ଉପରେ.
ଆରମ୍ଭ କରିଥିଲେ କୁ ଚକ୍ରାନ୍ତର ଷଡ଼ଯନ୍ତ୍ର,
ଅପହରଣ, ଦମନ, ଲୁଣ୍ଠନ,ର ତାଣ୍ଡବଲୀଳା.
କ୍ରମେ କ୍ରମେ
ଉତ୍କଳର ଅଭ୍ୟନ୍ତରରେ ଥିବା
ସମସ୍ତ ଦ୍ରବ୍ଯ ଉପରେ
ଲୋଲୁପ ଦୃଷ୍ଟି ଆକର୍ଷଣ କରିଥିଲା
ସେଇ ମୃଢ଼ମତି ଇଁରେଜ ସରକାରଙ୍କର.
ରାଜ ଶାସନର ଲୋପତା ପାଇବାରେ ଲାଗିଥାଏ.
ରକ୍ଷକ କହିଲେ ସେଇ ଗୋରା ସରକାର.
ଭକ୍ଷକ ସାଜି ଚାଲିଥାଏ.
ସେଇ ପାହାଡ଼ି ଖୋଲର
ଷୋରିଷ, ଅଳସୀ ର କ୍ଷେତ ଭରା
ଛୋଟିଆ ଗାଁ,
ଝିଞ୍ଜିରି ଗୁଡ଼ା.
ତିରିଶ ରୁ ଚାଳିଶ ପରିବାର ଭରା
ସବୁଜ ଶାଳବଣ ଘେରା ବୌଦ ଜିଲ୍ଲାର
ଏହି ଆଦିବାସୀ ପରିବେଶ ଗାଁ ଟିଏ.
ସେ ଯୁଗର ଶିକ୍ଷା କହିଲେ
ପ୍ରାଥମିକ, ଚାଟଶାଳା, ବ୍ୟତୀତ ଅନ୍ୟ କିଛି ନଥାଏ.
ଅନତୀଦୂରରେ
ସୋନପୁର ସହର.
ବଲାଙ୍ଗୀର ରୁ ବୌଦ କନ୍ଧମାଳ ଯିବାକୁ ହେଲେ
ବିରାଟ ଜଙ୍ଗଲ ମଧ୍ୟ ଦେଇ ଜାତୀୟ ରାଜପଥ ର ସଡ଼କ.
ଘାଟିରାସ୍ତା.
ଆକାଶ ଚୁମ୍ବି ଶାଳ ପିଆଶାଳ ଭରା
ଘଞ୍ଚଜଙ୍ଗଲ.
ସେଇ ପାହାଡ଼ର ପାଦଦେଶରେ ଅବସ୍ଥିତ
ଏହି ଝିଞ୍ଜିରି ଗୁଡ଼ା ଗାଁଆ.
ଜଙ୍ଗଲର ସୁନ୍ଦର ଝରଣା ଟିଏ
ଗାଆଁ ଶେଷ ମୁଣ୍ଡ ଅନତୀ ଦୁରରେ.
ସମସ୍ତ ଗାଁ ଲୋକଙ୍କ ଜୀବନ କହିଲେ ଅତ୍ୟୁକ୍ତି ହେବନାହିଁ.
ସୁନ୍ଦର ଜଙ୍ଗଲି ବୁଦା ଆଢୁଆଳରେ
ସୁନ୍ଦର ପରିବେଶ,
ନୈସର୍ଗିକ ଶୋଭାରାଜି ସ୍ଥଳୀ.
ନିକଟରେ ବନଦେବୀଙ୍କ ଆସ୍ଥାନ.
ମନୋରମ ଆଦିବାସୀ ପରିପାଟି ରେ ସଜ୍ଜିତ
ଦେବୀଙ୍କ ବାସସ୍ଥାନ.
ପ୍ରତ୍ୟେକ ବ୍ୟକ୍ତି ନିଜର ମାନସିକ ପୂରଣ କରିବା ପାଇଁ
ସେଇ ଗ୍ରାମଦେବତୀଙ୍କୁ ଆରାଧନା କରି
ନାଚଗୀତରେ ମନାଇଥାନ୍ତି ଦେବୀଙ୍କ ମନକୁ.
ଅତି ମନୋହର
ସେଇ ଆଦିବାସୀ କଳା ଓ ସଂସ୍କୃତି ର ପରିପାଟି.
ହଠାତ୍
ଝିଞ୍ଜିରି ଗୁଡ଼ା ଗାଁ ଆକାଶରେ ଦିନେ
କଳାବାଦଲ ଢ଼ାଙ୍କିଦେଲା, ସେଇ
ନର ରାକ୍ଷସ ଗୋରା ସରକାରଙ୍କ ଲୋଲୁପ ଦୃଷ୍ଟିରେ.
ନିରୀହ ସାଜିଲେ ଶିକାର.
ଶାନ୍ତି ସାଜିଲା ସ୍ମୃତି.
ଆଦିବାସୀଙ୍କ ଶିକାରୀ ସାଜିଲେ ଗୋରା ସାହେବ.
ସେଇ ଶୀକାର ର
ସ୍ମୃତି ପଥର ଟିଏ ପାଲଟିଗଲା
ନହୁଲି ଆଦିବାସୀ
କୋମଳମତି କନ୍ଯା "ରାଣୀ".
ସତେ ଯେମିତି
ସେଇ ଉତ୍ସବ ର ରାତି ଥିଲା
"ରାଣି" ପାଇଁ କାଳର ରାତ୍ରି.
ସୋନପୁର ରୁ ବୌଦ ଦୀର୍ଘ ସମୟର ରାସ୍ତା,
ସେଇ ଦିନ ବୌଦ ରୁ ସୋନପୁର ଯାଉଥାନ୍ତି
ଇଁରେଜ ଗୋରା ସାହେବ.
ଯିବା ସମୟରେ ସଂନ୍ଧ୍ୟା ହୋଇ ଯିବାରୁ ଆଉ
ଆଗକୁ ନ ଯାଇ ଅଟକି ଗଲେ
ସେଇ ରାଜରାସ୍ତା କଡ଼ରେ ଥିବା ଝିଞ୍ଜିରି ଗୁଡ଼ା ଗାଁ ରେ.
ସାହେବଙ୍କୁ ଭେଟିବା ଲାଗି
ଆଦିବାସୀ ମାନଙ୍କ ମନରେ ଭୟର ଆତଙ୍କ.
ବଡ଼ ସାହେବ ସେ,
ଇଁରେଜ ମାନଙ୍କ ସମ୍ମୁଖରେ କାହାର ସାହସ ନଥାଏ
ମୁଣ୍ଡ ଉଠାଇ କଥା ହେବାକୁ.
ସମସ୍ତଙ୍କ ଭୟ.
ହଠାତ୍ କିଛି ଲୋକଙ୍କୁ
ହାତଠାରି ଡାକୁଥିଲେ ସାହେବ.
ଭିତତ୍ରସ୍ତ ମନରେ ପହଞ୍ଚିଲେ କିଛି ଆଦିବାସୀ ଜନତା,
ଅନ୍ୟ ଜଣକ ଦାରୋଗା ବାବୁଙ୍କୁ କିଛି
କହିବାକୁ ଲାଗିଲେ ଗୋରା ସାହେବ.
ରାତ୍ରି ଯାପନ ର ବ୍ୟବସ୍ଥା କରିବା ପାଇଁ
ଆଦେଶ ଦେଇଥିଲେ ସେ.
ସତର୍କତା ସହିତ
ସମସ୍ତ ଦାୟିତ୍ୱତୁଲାଇଥିଲେ ସେଇ ଗାଁ ର
ଆଦିବାସୀ ମାନେ.
ଠିକ୍ ଏହି ସମୟରେ
ହଠାତ୍ ସାହେବଙ୍କ
ଲୋଲୁପ ଦୃଷ୍ଟି ଆକର୍ଷଣ କରିଥିଲା "ରାଣୀ".
ସାଂନ୍ଧ୍ୟ ସମାଗମ ରେ
ସମସ୍ତ ସାଙ୍ଗ ମାନଙ୍କ ସହ
ଝରଣାରୁ ଫେରୁଥିବା ସେଇ କୋମଳାଙ୍ଗୀ
ରାଣୀର ରୂପ ଲାବଣ୍ୟର ତୀର
ସତେକି ନିକ୍ଷେପ କରିଥଲା
ଗୋରା ସାହେବର ମର୍ମ ସ୍ଥଳକୁ.
କାମାହତ ସାଜିଥିଲା ସାହେବ.
ସତେକି ଆହତ ବାଘ ଟିଏ.
ଶୀକାରି ଗୁଳିରେ ଦଂଶିତ ହୋଇ କୃର ସାଜିଛି ସେ.
ସାହେବର ଗର୍ଜନ
ସତେ ଯେମିତି ବଜ୍ର ସମ
କର୍ଣ୍ଣପାତ ହୋଇଛି ଜନତା ନିକଟରେ.
କୃର ଆଦେଶ.
ଦାରୋଗା
ଏ ଯୁବତୀ କନ୍ୟା ମୋ ନିକଟରେ ପହଞ୍ଚାଅ.
ନିରୁପାୟ ଦାରୋଗା,
ଆଦିବାସୀ ମାନଙ୍କ ନିକଟରେ
ସାହେବଙ୍କ ଆଦେଶ ଶୁଣାଇଛନ୍ତି ଗ୍ରାମବାସୀଙ୍କୁ.
ସମସ୍ତେ ପ୍ରତ୍ୟୁତ୍ତର କରିଥିଲେ ସାହେବଙ୍କ ପାଖରେ.
ପ୍ରତି ଉତ୍ତରରେ ସାହେବଙ୍କ କମାଣ ରୁ
ଛୁଟିବାକୁ ଲାଗିଲା ଉତ୍ତପ୍ତ ଗୁଳି.
ଟଳି ପଡ଼ିଥିଲେ ଅନେକ ନିରୀହ ଆଦିବାସୀ.
ନିଜର ସମସ୍ତ ଶକ୍ତି ସହିତ
ରାଣୀ ପହଞ୍ଚି ଯାଇଥିଲା ଗ୍ରାମଦେବତୀ ନିକଟରେ.
ସେଠାରେ ନିଜର
ପବିତ୍ର ସମ୍ପଦ କୁ ରକ୍ଷା କରି ନିଜ ଜୀବନକୁ ଉତ୍ସର୍ଗ
କରିଦେଇଥିଲା ଗ୍ରାମଦେବତୀଙ୍କ ତ୍ରିଶୂଳ ମୁନରେ.
ସାଜିଥିଲା ସ୍ମୃତିର ପଥର.
ସେଇ ପବିତ୍ର କିମ୍ବଦନ୍ତୀ ଅନୁଯାୟୀ
ଆଜି ପାହାଡ଼ ପାଦଦେଶରେ ଅବସ୍ଥିତ ରାଣୀ ମନ୍ଦିର
ତାହାର ଜ୍ୱଳନ୍ତ ଉଦାହରଣ.
ସେଇ ତରୁଣୀର ସ୍ମୃତି ରେ ପାହାଡ଼ି ରାଜପଥ କୁ
"ରାଣୀ ପଥର ଘାଟି "ନାମରେ ନାମିତ କରାଯାଇଛି

ରଥଶର୍ମା କଲୋନୀ, କୋରାପୁଟ
ମୋବାଇଲ୍: ୯୧୨୪୦୪୯୧୨୯

# ଭାରତ ବିରୋଧୀ ମନ୍ତବ୍ୟ ଦେବା ରାହୁଲଙ୍କ ଚିରାଚରିତ ସ୍ୱଭାବ



**ଭୁବନେଶ୍ୱର,୧୫ା୯(ସଂଚାର ବ୍ୟୁରୋ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବିକାଶ ଶିଖରକୁ ଦ୍ରୁତ ଗତିରେ ଅଗ୍ରସର ହେଉଥିବାବେଳେ ସଂସଦର ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ରାହୁଲ ଗାନ୍ଧୀ ଏଥିରେ ଅନ୍ତରାୟ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ଗତ ସପ୍ତାହରେ ରାହୁଲ ଗାନ୍ଧୀ ବିଦେଶ ଗସ୍ତରେ ଥିଲାବେଳେ ଭାରତ ଓ ଭାରତୀୟ ସମ୍ପ୍ରଦାୟ ବିରୋଧରେ ଯେଉଁଭଳି ଭାବେ ହୀନ ମନ୍ତବ୍ୟ ଦେଇଥିଲେ, ତାହା ଅତ୍ୟନ୍ତ ଦୁର୍ଭାଗ୍ୟ ଏବଂ ଲଜ୍ଜାଜନକ। ଏହା ରାହୁଲଙ୍କ ଭାରତ ବିରୋଧି ମନ୍ତବ୍ୟ ସିରିଜ୍‌ରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ଦେଇଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଡା. ଯତୀନ୍ ମହାନ୍ତି କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡା.ମହାନ୍ତି କହିଛନ୍ତି ଯେ, ବିଦେଶରେ ଥିଲାବେଳେ ଭାରତ ବିରୋଧରେ ମନ୍ତବ୍ୟ ଦେବା, ଏହାର ଗଣତନ୍ତ୍ର ଓ ବୈଶିଷ୍ଟତାଠାରୁ ଆରମ୍ଭ କରି ସଂସ୍କୃତି ଏବଂ ପରମ୍ପରାକୁ ନିନ୍ଦା କରିବା ରାହୁଲଙ୍କ ଅଭ୍ୟାସରେ ପରିଣତ ହୋଇଯାଇଛି। ବିଦେଶ ଗସ୍ତରେ ଥିବା ଶ୍ରୀ ଗାନ୍ଧୀ ଶିଖ୍ ସମ୍ପ୍ରଦାୟ ବିରୋଧରେ ବକ୍ତବ୍ୟ ଦେଇ ସେମାନଙ୍କ ସ୍ୱାଭିମାନ, ବଳିଦାନ, ବିରତ୍ୱକୁ ଅପମାନିତ କରିଛନ୍ତି। ଏହା କେବଳ ଶିଖ୍ ସମ୍ପ୍ରଦାୟ ଭାଇ ଭଉଣୀଙ୍କୁ ନୁହେଁ, ବରଂ ସମଗ୍ର ଭାରତବର୍ଷକୁ ଲଜ୍ଜିତ କରିଛି। ଏଭଳି ମନ୍ତବ୍ୟ ତାଙ୍କର ତୁଚ୍ଛ ମାନସିକତାର ପରିଚୟ ଦେଇଛି ବୋଲି ଡା.ମହାନ୍ତି କହିଛନ୍ତି। ରାହୁଲଙ୍କ ପାରିବାରିକ ସମ୍ପର୍କ ଇଟାଲି, କଲୋମ୍ବିଆ, ସ୍ପେନ, ଥାଇଲାଣ୍ଡ ସହ ଥାଇପାରେ। କିନ୍ତୁ ଭାରତ ଏକ ଭିନ୍ନ ରାଷ୍ଟ୍ର ଏବଂ ସଭ୍ୟତାର ଏକ୍ତୁଡ଼ିଶାଳ। ଏଠାରେ ବସବାସ କରୁଥିବା ପ୍ରତ୍ୟେକ ନାଗରିକ ଜଣେ ଜଣେ ଗର୍ବିତ ସୁସନ୍ତାନ। ଭାରତର ସଂସ୍କୃତି, ପରମ୍ପରା, ଐତିହ୍ୟକୁ ସମୃଦ୍ଧ କରିବାରେ ସେମାନଙ୍କର ବଡ଼ ଭୂମିକା ରହିଛି। ମାତ୍ର ଶ୍ରୀ ରାହୁଲଙ୍କ ଏଭଳି ମନ୍ତବ୍ୟ ଦ୍ୱାରା କଂଗ୍ରେସର ପ୍ରକୃତ ଚେହେରା ପଦାରେ ପଡ଼ିଯାଇଛି। ପୂର୍ବ ଦଶନ୍ଧିରେ ଭାରତକୁ ଖଣ୍ଡବିଖଣ୍ଡିତ କରିବା ପାଇଁ ଏହି ଦଳ ଅନେକ ଷଡ଼ଯନ୍ତ୍ର କରିଥିଲା।

# ୬୬୦ କୋଟିର ରେଳ ପ୍ରକଳ୍ପ ଶିଳାନ୍ୟାସ କଲେ ମୋଦୀ

**ରାୟପୁର, ୧୫ା୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଝାଡ଼ଖଣ୍ଡର ଟାଟାନଗରରେ ୬୬୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ୩୨ ହଜାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମଏୱାଇ-ଜି) ହିତାଧିକାରୀଙ୍କୁ ଅନୁମୋଦନ ପତ୍ର ବଣ୍ଟନ କରିଥିଲେ। ଏହା ପୂର୍ବରୁ ଶ୍ରୀ ମୋଦୀ ଭିଡିଓ କନଫରେନ୍ସିଂ ଜରିଆରେ ଟାଟାନଗର ଜଙ୍କସନ ରେଳ ଷ୍ଟେସନରେ ୬ଟି ବନ୍ଦେ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ବାବା ବୈଦ୍ୟନାଥ, ବାବା ବାସୁକିନାଥ ଓ ଭଗବାନ ବିର୍ସା ମୁଣ୍ଡାଙ୍କ ମାଟି ଆଗରେ ପ୍ରଣାମ କରି ପ୍ରଧାନମନ୍ତ୍ରୀ ଅଭିଭାଷଣ ଆରମ୍ଭ କରିଥିଲେ। ପ୍ରକୃତିଙ୍କୁ ପୂଜା କରିବା ପାଇଁ ସମର୍ପିତ ଝାଡ଼ଖଣ୍ଡରେ କର୍ମା ପର୍ବର ପବିତ୍ର ଅବସରରେ ଆଜି ରାଞ୍ଚି ବିମାନବନ୍ଦରରେ ତାଙ୍କୁ ସ୍ୱାଗତ କରିବା ସହ କର୍ମା ପର୍ବର ପ୍ରତୀକ ତାଙ୍କୁ ଜଣେ ମହିଳା ପ୍ରଦାନ କରିଥିଲେ। ଝାଡ଼ଖଣ୍ଡରେ ଆଜି ୬ଟି ନୂଆ ବନ୍ଦେ ଭାରତ ଟ୍ରେନ୍, ୬୦୦ କୋଟିରୁ ଅଧିକ ଟଙ୍କାର ଉନ୍ନୟନ ମୂଳକ ପ୍ରକଳ୍ପ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟବାସୀଙ୍କ ପାଇଁ ପକ୍କା ଘର ପ୍ରଦାନ କରି ଆଶୀର୍ବାଦ ପାଇଛି। ଶ୍ରୀ ମୋଦୀ ବନ୍ଦେ ଭାରତ ସଂଯୋଗ ପାଇଥିବା ଝାଡ଼ଖଣ୍ଡ ଏବଂ ଅନ୍ୟ ରାଜ୍ୟର ପ୍ରକଳ୍ପ ପାଇଁ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

୬ଟି ନୂତନ ବନ୍ଦେ ଭାରତ ଟ୍ରେନ୍ ଯୋଗୁଁ ସାଂସ୍କୃତିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ବାରାଣସୀ-ଦେଓଘର ବନ୍ଦେ ଭାରତ ପ୍ରଚଳନ ସହିତ ଭାରତ ଏବଂ ବିଶ୍ୱରୁ କାଶୀକୁ ଆସୁଥିବା ବହୁ ସଂଖ୍ୟକ ତୀର୍ଥଯାତ୍ରୀ ଏବେ ଦେଓଘରର ବାବା ବୈଦ୍ୟନାଥଙ୍କୁ ଦର୍ଶନ କରିବାର ସୁଯୋଗ ପାଇବେ। ଏହା ଏହି ଅଞ୍ଚଳରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଏବଂ ଟାଟାନଗରର ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବ। ସମସ୍ତଙ୍କ ପାଇଁ ଗୃହ ନିର୍ମାଣ ପ୍ରତି ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ ପ୍ରଧାନମନ୍ତ୍ରୀ ଝାଡ଼ଖଣ୍ଡର ୩୨, ୦୦୦ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମଏୱାଇ-ଜି) ହିତାଧିକାରୀଙ୍କୁ ଅନୁମୋଦନପତ୍ର ବଣ୍ଟନ କରିଥିଲେ। ହିତାଧିକାରୀଙ୍କୁ ସହାୟତାର ପ୍ରଥମ କିସ୍ତି ପ୍ରଦାନ କରିଥିଲେ। ୪୬ ହଜାର ହିତାଧିକାରୀଙ୍କ ଗୃହ ପ୍ରବେଶ ଉତ୍ସବରେ ମଧ୍ୟ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିଥିଲେ। ଏହି



ଅବସରରେ ଝାଡ଼ଖଣ୍ଡ ରାଜ୍ୟପାଳ ଶ୍ରୀ ସନ୍ତୋଷ ଗଙ୍ଗୱାର ଏବଂ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ଉପସ୍ଥିତ ଥିଲେ।



# ଗହୀରମଥାରୁ ଟ୍ରଲର ଜବତ

## ୧୧ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୧୫ା୯ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ନିଷିଦ୍ଧ ଅଂଚଳ ରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା । ୧୧ ଜଣ ମତ୍ସ୍ୟଜୀବୀ କୁ ଗିରଫ କରିଛି । ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝୀ, ଫରେଷ୍ଟଗାର୍ଡ ମଦନମୋହନ ହାଁସଦା ଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ପେଣ୍ଠ ଠାରୁ ୫ କିଲୋମିଟର ଦୂରରେ ମା ଦୁର୍ଗା ନାମକ ଟ୍ରଲର କୁ ଜବତ କରିଥିଲେ । ଜବତ ଟ୍ରଲରରୁ ତିନି କୁଇଣ୍ଟାଲ ମାଛ, ଗୋଟିଏ ଜିପିଏସ, ୩ଟି ଭିଏଚଏଫ, ଗୋଟିଏ ଫିସ ଫାଇଣ୍ଡର ଓ ୧୩ଟି ଜାଲ, ୧୨ଟି ମୋବାଇଲ ଫୋନ ଜବତ କରାଯାଇଛି ।

# ଲୁଟ ଘଟଣାର ପର୍ଦାଫାଶ କଲା ଜୁନାଗଡ ପୋଲିସ

**କଳାହାଣ୍ଡି ୧୫ା୯ (ସଂଚାର ବ୍ୟୁରୋ ):** ଗତ ୧୦/୪/୨୪ଦିନ ଭବାନୀପାଟଣା ଏକ୍ସିସ ବେଙ୍କ ର ସୁଶାନ୍ତ କୁମାର ନାଏକ ନାମକ ଏକ କର୍ମଚାରୀ ଏବଂ ତାଙ୍କ ସହକର୍ମୀ ଲୋନ ଟଙ୍କା କଲେକ୍ସନ ପାଇଁ ଜୁନାଗଡ଼ ବ୍ଲକ ର ନାନ୍ଦୋଳ , କେନ୍ଦୁପାଟି ଅଂଚଳ କୁ ଯାଇଥିଲେ । ଅପରାହ୍ନ ୪ଟା ସମୟ ରେ ଲୋନ ଟଙ୍କା ସଂଗ୍ରହ ଫେରୁଥିବା ବେଳେ ତଲ ଜାରିଙ୍ଗ ରେଲୱେ ଅଣ୍ଡର ବ୍ରିଜ ନିକଟରେ ୭ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ, ମାଡ଼ ମାରିବା ସହ ସଂଗ୍ରହ କରିଥିବା ୧ଲକ୍ଷ ୮୬ହଜାର ଟଙ୍କା ଲୁଟ କରି ନେଇଯାଇ ଥିଲେ । ଏନେଇ ସୁଶାନ୍ତ ନାଏକ ଜୁନାଗଡ଼ ଥାନା କୁ ଆସି ଲିଖିତ ଅଭିଯୋଗ କରିଥିଲେ । ଏ ସଂକ୍ରାନ୍ତ ରେ ଜୁନାଗଡ଼ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ । ଶୁକ୍ରବାର ଦିନ ଜୁନାଗଡ଼ ଥାନା ଅଧିକାରୀ ନିଜ ଟିମ ସହ ୩ ଜଣ ଲୁଟେରା କୁ ଜିଲ୍ଲା ର ବିଭିନ୍ନ ସ୍ଥାନରୁ ଗିରଫ କରିଥିଲେ ।

# ଗୋରୁ ବୋଝେଇ ଗାଡ଼ି ଅଟକାଇଲେ ଗ୍ରାମବାସୀ

**ସୁନ୍ଦରଗଡ,୧୫ା୦୯(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ାରେ ଗୋରୁ ବୋଝେଇ ପିକଅପ ଗାଡ଼ି ଅଟକ ରଖିଛନ୍ତି ଲେଫ୍ରିପଡ଼ା ଗ୍ରାମବାସୀ। ସୂଚନାରୁ ପ୍ରକାଶ ଲେଫ୍ରିପଡ଼ା ପଞ୍ଚାୟତ ପାଖରେ ଥିବା ବ୍ଲକ ପଡ଼ିଆରେ ୨୦ ରୁ ୨୫ ଗାଈଗୋରୁଙ୍କୁ ଗାଁର ଏକ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ସମ୍ପ୍ରଦାୟର ୪ ଜଣ ବ୍ୟକ୍ତି ଦଲାଲ ସାହାଯ୍ୟରେ ଗୋ ଚାଲାଣ କରୁଥିବା ସମୟରେ କୌଣସି ସୂତ୍ରରୁ ଗାଁର ଯୁବକମାନେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଯୁବକ ଓ ଗ୍ରାମବାସୀ ପହଞ୍ଚିଲା ବେଳକୁ ତାଙ୍କୁ ଦେଖି ଦୁଇଟି ଗାଡ଼ି ଫେରାର ହୋଇ ଯାଇଥିଲେ ଓ ଯେଉଁ ଗୋଟିଏ ଗାଡ଼ିରେ ଗୋରୁ ବୋଝେଇ ହୋଇଥିଲେ ସେ ଗାଡ଼ିକୁ ଗ୍ରାମବାସୀ ଅଟକ ରଖି ଲେଫ୍ରିପଡା ଥାନାକୁ ଖବର ଦେଇଥିଲେ। ଅନ୍ୟପଟେ ଯେଉଁ ଗାଡ଼ିରେ ଗୋରୁ ବୋଝେଇ ହୋଇଥିଲା ସେଥିରୁ ଦୁଇଟି ଗୋରୁ ଙ୍କ ମୃତ୍ୟୁ ହୋଇଯାଇଛି। ତେବେ ଗୋଟିଏ ପଟେ ଗୋ ବଂଶର ରକ୍ଷା କରିବା ପାଇଁ ବିଭିନ୍ନ ସଂଗଠନ କାର୍ଯ୍ୟ କରୁଥିବା ବେଳେ ଅନ୍ୟପଟେ ଦଲାଲ ଓ ମାଫିଆମାନେ ସକ୍ରିୟ ହୋଇ ଖୁଲମଖୁଲା ବେପାର ଚଳାଇଛନ୍ତି । ଗ୍ରାମବାସୀ ଗୋରୁ ବୋଝେଇ ଗାଡ଼ି ସହ ଦୁଇଟି ବାଇକ୍‌କୁ ଅଟକ ରଖି ପୋଲିସକୁ ଖବର ଦେଇଛନ୍ତି ।

# କଟକରୁ ନିଖୋଜ, ଜଗତ୍‌ସିଂହପୁରରୁ ମୃତଦେହ



**କଟକ,୧୫ା୯(ସଂଚାର ବ୍ୟୁରୋ):** ବାଇକରେ କଟକରୁ ଫେରୁଥିବା ବେଳେ ନିଖୋଜ ହୋଇଯାଇଥିବା ଜଗତସିଂହପୁର ଜିଲ୍ଲାର ୨ ଜଣ ଯୁବକଙ୍କ ମୃତଦେହ ଆଜି ରାସ୍ତାକଡ଼ରୁ ମିଳିଛି। ଜଗତସିଂହପୁର-ତାରପୁର ରାସ୍ତାର ଏକ ସ୍ଥାନରୁ ସେମାନଙ୍କ ମୃତଦେହ ଓ ବାଇକ ମିଳିଛି। ମୃତକ ଦ୍ୱୟ ହେଉଛନ୍ତି, ଗୋପାଳପୁର ଗାଁର କୃଷ୍ଣଚନ୍ଦ୍ର ସାହୁଙ୍କ ପୁଅ ଦିଲ୍ଲୀପ ସାହୁ ଓ ଅକ୍ଷୟ ସିଂହଙ୍କ ପୁଅ ଅଭିଜିତ ସିଂହ। ସେମାନଙ୍କୁ କୌଣସି ଗାଡ଼ି ଧକ୍କା ଦେଇ ପଳାଇଥିବା କୁହାଯାଉଛି। ଦିଲ୍ଲୀପ ଓ ଅଭିଜିତ ଗତକାଲି ରାତିରେ ବାଇକ ଯୋଗେ କଟକରୁ ଘରକୁ ଫେରୁଥିଲେ। କିନ୍ତୁ ଘରେ ପହଞ୍ଚି ନଥିଲେ। ଘର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ସେମାନଙ୍କୁ ପାଇ ନଥିଲେ। ଆଜି ସନ୍ଧ୍ୟାରେ ଖୋଜାଖୋଜି କରିବା ବେଳେ ଗୋପାଳପୁର ଗାଁଠାରୁ ପ୍ରାୟ ୫ କିମି ଦୂରରେ ଜଗତସିଂହପୁର-ତାରପୁର ରାସ୍ତାକଡ଼ରୁ ସେମାନଙ୍କ ମୃତଦେହ ମିଳିଥିଲା। ସେଠାରେ ବାଇକଟି ମଧ୍ୟ ପଡ଼ିଥିଲା। ପୁଲିସ୍ ମୃତଦେହ ଦୁଇଟିକୁ ଜବତ କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମୃତଦେହ ଦୁଇଟିର ବ୍ୟବଚ୍ଛେଦ ହେବ। ପୁଲିସ ଘଟଣାର ଖୋଳତାଡ଼ କରୁଛି।

# ଜାଭିଅର ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟର ବ୍ୟବସାୟ ଉତ୍କର୍ଷ ସମ୍ମିଳନୀ

**ଭୁବନେଶ୍ୱର,୧୫ା୯(ସଂଚାର ବ୍ୟୁରୋ):** ଜାଭିଅର ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଭୁବନେଶ୍ୱର ୧୪-୧୫ ଦୁଇଦିନ ବ୍ୟାପି ବାର୍ଷିକ ବ୍ୟବସାୟ ଉତ୍କର୍ସ ସମ୍ମିଳନୀର ଷଷ୍ଠ ସଂସ୍କରଣ ଆୟୋଜନ କରିଥିଲା । ଚଳିତବର୍ଷ ଶିଖର ସମ୍ମିଳନୀ ପାଇଁ ବିଷୟବସ୍ତୁ ଅଛି " ସମ୍ଭାବନା କୁ ପୁନଃ ନିର୍ଣ୍ଣୟ କରିବା । ଏହି କାର୍ଯ୍ୟକ୍ରମରେ ଉପ କୁଳପତି ଫ୍ରା ଆଣ୍ଟନି ଆର ଭତାରୀ , ଏସ ଜେ ଡେପୁଟି ରେଜିଷ୍ଟ୍ରାର ତଥା ମୁଖ୍ୟ ଆର୍ଥିକ ଅଧିକାରୀ ଫ୍ରା ଭି ଆରୋକିଆ ଦାଶ୍ ଏସ ଜେ ଆସୋସିଏଟ ଡ଼ିନ - କ୍ୟାରିୟର ଏଡଭାଜରି ସର୍ଭିସେସ ,ପ୍ରଫେସର ଫ୍ରାନ୍ସ ଥୋମାସ କାଷ୍ଟଲିନୋ ,ପ୍ରଫେସର ଡ଼ି ଭି ରମଣା ଏବଂ ମାନ୍ୟବର ମୁଖ୍ୟ ବକ୍ତା ମେର୍ସର ଅଧ୍ୟକ୍ଷ ଶ୍ରୀ ସିଦ୍ଧାର୍ଥ ଗୁପ୍ତା ପ୍ରମୁଖ ଯୋଗଦାନ କରିଥିଲେ । ଫ୍ରା ଆଣ୍ଟନି ଆର ଭତାରି ଏସ ଜେ ପ୍ରଦୀପ ପ୍ରଜ୍ୱଳନ କରି ବ୍ୟବସାୟ ବାର୍ଷିକ ସମ୍ମିଳନୀ ୨୦୨୪ ଉଦଘାଟନ କରିଥିଲେ । କାର୍ଯ୍ୟ ନିର୍ବାହୀ ପରିଷଦର ସାଧାରଣ ସମ୍ପାଦକ ସ୍ୱୟଂଦୀପ ଦାସ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ସିଦ୍ଧାର୍ଥ ଗୁପ୍ତା XIM ଭୁବନେଶ୍ୱର ପୁରାତନ ଛାତ୍ର ପୁନଃ ନିର୍ଣ୍ଣୟ ସମ୍ଭାବନା ଉପରେ ଏକ ପ୍ରେରଣା ଦାୟକ ବାର୍ତ୍ତା ପ୍ରଦାନ କରିଥିଲେ । ସେହିପରି ଶ୍ରୀ ଶୁଭଙ୍କର ପଟ୍ଟନାୟକ ନିର୍ଦ୍ଦେଶକ ତଥା ବିଡ଼ ମ୍ୟାନେଜମେଣ୍ଟ ଏନନୀ ଭାରତ ସାପ ଏହି ପରିବର୍ତ୍ତନ ଗୁଡିକ ଉଭୟ ସମାନତା ଏବଂ ପାର୍ଥକ୍ୟ ଦର୍ଶାଇ ସମୟ ସହିତ ଟେକ୍ନୋଲୋଜି କିପରି ବଦଳୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ରାଜେନ ମିଶ୍ର ନିର୍ଦ୍ଦେଶକ ଟେକ୍ ଆଧୁନିକରଣ ଗ୍ରାଣ୍ଟ ଥନ୍ର ଟନ ଇଣ୍ଡସ XIM ଭୁବନେଶ୍ୱର ସମ୍ମାନିତ ଆଲୁମନସ ,କର୍ପୋରେଟ ଦୁନିଆରେ ଉନ୍ନତି ପାଇଁ ଆବଶ୍ୟକ ଦକ୍ଷତା ଉପରେ ଗୁରୁତ୍ୱ ଦେଇ ଏକ ପରିଚାଳନା ଛାତ୍ରଙ୍କ ଜୀବନ ଉପରେ ମୂଲ୍ୟବାନ ଜ୍ଞାନ ବାଣ୍ଟିଥିଲେ । ଶ୍ରୀ ଅମିତ ତାଲଚେରୀ ,ଶ୍ରୀ ରିଷୀ କୁମାର ବର୍ମା , ଶ୍ରୀମତୀ ମନମିତ ସିନ୍ଧୁ ମଧ୍ୟ XIM ଭୁବନେଶ୍ୱରର ଜଣେ ସମ୍ମାନିତ ଆଲୁମିନସ ଯିଏ କି ଫୋନ ପେ କୁ ଯାଉଥିବା ତାଙ୍କ ବୃତ୍ତିଗତ ଯାତ୍ରାର ମୁଖ୍ୟ ଆକର୍ଷଣ ବିଷୟରେ ଆଲୋଚନା କରିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରଶ୍ନ କରି କୌତୁହଳର ସମାଧାନ କରିଥିଲେ । ଅନ୍ତର୍ନିହିର୍ତ୍ତ ଅଧିବେଶନ ପ୍ରଫେସର ସୋମ୍ୟ ସରକାରଙ୍କ ଏକ ଭାବ ପ୍ରବଣ ପ୍ରତିଫଳନ ସହିତ କାର୍ଯ୍ୟକ୍ରମ ସମାପ୍ତ ହେଲା , ବ୍ୟବସାୟ ଉତ୍କର୍ସ ସମ୍ମିଳନୀ ଦଳ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ରକ୍ତଦାନ ଶିବିର

**ଖୋର୍ଦ୍ଧା,୧୫ା୯(ସଂଚାରବ୍ୟୁରୋ):** ଆଜି ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ମାନ୍ୟବର ବିଧାୟକ ବେଗୁନିଆ ବୋଲଗଡ଼ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ବିଜେଡି ଭୁବନେଶ୍ୱର ଜୋନ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଶ୍ରୀକାନ୍ତ ତ୍ରିପାଠୀଙ୍କ ସଂଯୋଜନାରେ ତା ୧୫.୦୯.୨୪ ରିଖ ରବିବାରରେ ଓଡ଼ିଶା ମୋ ପରିବାର "ଜୀବନ ବିନ୍ଦୁ" ଆନୁକୁଲ୍ୟରେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡିଆପଲ୍ଲୀ ଗ୍ରାମ ପଞ୍ଚାୟତର ନବଜ୍ୟୋତି ଯୁବକ ସଂଘ, ଶାମୁକା ପାଟଣା ଦ୍ୱାରା ସଂଘ ସଭାଗୃହ ଠାରେ ଜୀବନ ବିନ୍ଦୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିର ଟି ବିଧାୟକ ସାହୁଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଉପସ୍ଥିତ ଥିଲେ ବୋଲଗଡ଼ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ସରପଞ୍ଚ ଙ୍କ ପ୍ରତିନିଧି ପ୍ରଫୁଲ୍ଲ ତ୍ରିପାଠୀ, ସମିତି ସଭ୍ୟ ରଞ୍ଜନ କୁମାର ପଣ୍ଡା, ରାଜ୍ୟ ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖଡ଼ାଙ୍ଗା, ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ଛାତ୍ର ବିଜେଡ଼ି ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ସାହୁ, ଶିକ୍ଷକ ଶିଶିର ମହାପାତ୍ର, ସାମ୍ବାଦିକ ମିହିର ମହାପାତ୍ର ପ୍ରମୁଖ । ଯୁବକ ସଂଘର ସମସ୍ତ କର୍ମକର୍ତ୍ତା, ସଭ୍ୟ ଓ ଯୁବ ଗୋଷ୍ଠୀଙ୍କ ଉଦ୍ୟମରେ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଅଛି ।

# ଗଣେଶ ଭସାଣି ବେଳେ ଛୁରାମାଡ଼

## ୩ ଆହତ

**ଢେଙ୍କାନାଳ,୧୫ା୯(ସଂଚାରବ୍ୟୁରୋ):** ଢେଙ୍କାନାଳ ସଦର ଥାନା ତରଭା ଗାଁରେ ଗଣେଶ ପୂଜା ଭସାଣ ଉତ୍ସବ ବେଳେ କିଛି ଯୁବକ ସଂଘବଦ୍ଧ ହୋଇ ଖଣ୍ଡା ଓ ଛୁରୀରେ ଆକ୍ରମଣ କରିବାରୁ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନେ ହେଉଛନ୍ତି ତରଭା ବଡ଼ ଗାଁର ଛବିଳ କୁମାର ସ୍ୱାଇଁ, ବିଶ୍ୱ ମୋହନ ସ୍ୱାଇଁ ଓ ସୁବ୍ରତ ସ୍ୱାଇଁ। ଛବିଳ ସାମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ଟିକେ ଗୁରୁତର ରହିଛି। ବିଶ୍ୱମୋହନଙ୍କର ଛାତିରେ ଓ ସୁବ୍ରତଙ୍କର ପେଟରେ ଆଘାତ ଲାଗିଛି। ସେମାନଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ କରାଯାଇଥିବା କୁହାଯାଉଛି। ଅଭିଯୋଗ ମୁତାବକ ଆହତମାନେ ଗଣେଶ ପୂଜା ଭସାଣ ଶୋଭାଯାତ୍ରା ଦେଖୁଥିବା ସମୟରେ ତରଭା ଅପାଳିକିଆ ଗାଁର ହରେଶ କୁମାର ସ୍ୱାଇଁ, ସିପୁ ମଲ୍ଲିକ, ସୂର୍ଯ୍ୟକାନ୍ତ ମଲ୍ଲିକ, ପାପୁଲି ମଲ୍ଲିକ ଓ ପବିତ୍ର ମଲ୍ଲିକ ମିଶି ସେମାନଙ୍କୁ ଛୁରୀ ଓ ଖଣ୍ଡାରେ ଆକ୍ରମଣ କରିଥିଲେ। ଛବିଳ ସ୍ୱାଇଁଙ୍କ ମୁଣ୍ଡରେ ବନ୍ଧୁକ ରଖି ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରିଥିବା



ଅଭିଯୋଗ ହୋଇଛି। ଆହତ ବିଶ୍ୱ ମୋହନ ସ୍ୱାଇଁ କହିଛନ୍ତି ଯେ ଭସାଣ ଶୋଭାଯାତ୍ରା ଚାଲିଥିବା ବେଳେ ସେମାନେ ରାସ୍ତାକଡ଼ରେ ଛିଡ଼ା ହୋଇଥିଲେ। ସେଠାରେ ତାଙ୍କ ପରିବାର ଲୋକ ମଧ୍ୟ ଥିଲେ। ଭସାଣ ଶୋଭାଯାତ୍ରା ଚାଲିଥିବା ବେଳେ ଅଭିଯୁକ୍ତମାନେ ନିଜ ନିଜ ମଧ୍ୟରେ ପାଟିତୁଣ୍ଡ କରି ଆସୁଥିଲେ। କିନ୍ତୁ ହଠାତ୍ ସେମାନେ ତାଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଛାତିରେ ଆଘାତ ଲାଗିଛି। ସେହିପରି ତାଙ୍କ ପାଖରେ ଠିଆ ହୋଇଥିବା ସୁବ୍ରତ ସ୍ୱାଇଁ ମଧ୍ୟ ଛୁରୀ ମାଡ଼ରେ ଆହତ ହୋଇଥିଲେ। ଢେଙ୍କାନାଳ ସଦର ଥାନା ପୁଲିସ ଘଟଣାର ତଦନ୍ତ କରୁଛି।

# ଦିନ ଦିପହରରେ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଚୋରି

**ନୟାଗଡ଼, ୧୫ା୯ (ସଂଚାର ବ୍ୟୁରୋ):** ନୟାଗଡ଼ ସହରରେ ପୁଣି ଚୋରି । ବିଭିନ୍ନ ସିରିଜ ଲୁଟ ଘଟଣାର ପର୍ଦ୍ଦାଫାଶ ହୋଇନଥିବା ବେଳେ ଆଜି ପୁଣି ନୟାଗଡ଼ ସହରରୁ ଦିନ ଦ୍ୱିପହରରେ ଲୁଟ ହୋଇଛି । ନୟାଗଡ଼ ଟାଉନଥାନା ଅନ୍ତର୍ଗତ ଦେବୋତ୍ତର କଲୋନୀ ୪ ନମ୍ବର ଲେନ୍‌ରୁ ଲୁଟ ହୋଇଛି । ଲୁଟେରା ଭଡ଼ାରେ ରହିଥିବା ଇଟାମାଟି ବଡ଼ଟାଙ୍ଗିପାଟଣାର ଶିବ ପ୍ରସାଦ ସାହୁଙ୍କ ଭଡ଼ା ଘରୁ ବ୍ୟାପକ ପରିମାଣର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଛନ୍ତି । ଶିବ ପ୍ରସାଦ ତାଙ୍କ ଭଡ଼ା ଘର ଚାବି ପକାଇ ଆଜି ମଧ୍ୟାହ୍ନରେ ଶ୍ୱଶୁର ଘର ପଞ୍ଚରିଡ଼ାକୁ ଯାଇଥିଲେ । ସେଠାରୁ ଫେରିବା ପରେ ଘର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଘର ଭିତରକୁ ଯିବା ପରେ ଗଡରେଜ୍ ଆଲମିରା ଭାଙ୍ଗି ଟଙ୍କା ଓ ସୁନା ଲୁଟ ହୋଇଥିବା ଦେଖିଥିଲେ । ୩ ଲକ୍ଷ ଟଙ୍କା, ୩ ଶହ ଗ୍ରାମ ସୁନା, ୫ ଶହ ଗ୍ରାମ ରୂପା ଅଳଙ୍କାର ଚୋରୀ ହୋଇଥିବା ନେଇ ସେ ଥାନାରେ



ଅଭିଯୋଗ କରିଛନ୍ତି । ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିବା ଜଣାପଡ଼ିଛି । ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମର ମଧ୍ୟ ସହାୟତା ନିଆଯାଇଛି ।

# ନଦୀକୁ ଡେଇଁ ଯୁବକ ନିଖୋଜ



**କେନ୍ଦ୍ରାପଡ଼ା,୧୫ା୯ (ସଂଚାର ବ୍ୟୁରୋ):** ଜଣେ ଯୁବକ ବସପୁର ଲୁଣାନଦୀର ପୋଲ ଉପରୁ ନଦୀର ଗଭୀର ଜଳକୁ ଡେଇଁ ନିଖୋଜ ଅଛନ୍ତି। ନିଖୋଜ ଯୁବକ ଜଣକ ହେଲେ ମାର୍ଶାଘାଇ ବ୍ଲକ ଆୟତପୁର ପଂଚାୟତ ଅନ୍ତର୍ଗତ ଅମୃତମଣେହିପାଟଣା ଗ୍ରାମର ବ୍ରହ୍ମାନନ୍ଦ ନାୟକଙ୍କ ୪୦ ବର୍ଷୀୟ ପୁଅ ଚିନ୍ମୟ ନାୟକ। କାହିଁକି ଓ କେଉଁ କାରଣରୁ ଚିନ୍ମୟ ନଦୀ ମଧ୍ୟକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କଲେ ତାହା ଅସ୍ପଷ୍ଟ ରହିଛି । ପାରିବାରିକ କଳହରୁ ଏହା ଘଟିଥାଇପାରେ ବୋଲି ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆଲୋଚନା ହେଉଛି। ପ୍ରତ୍ୟେକ୍ଷ ଦର୍ଶୀଙ୍କ କହିବା ଅନୁଯାୟୀ ଆଜି ଅପରାହ୍ନରେ ଚିନ୍ମୟ ଏକ ସାଇକେଲରେ ଆସି ପୋଲ ଉପରେ ଅଟକିଥିଲେ । ପୋଲ ଉପରେ ଚିନ୍ମୟ ତାଙ୍କ ସାଇକେଲ ଓ ଚପଲ ଥୋଇ ହଠାତ୍ ଭରାନଦୀ ମଧ୍ୟକୁ ଡେଇଁ ପଡ଼ିଥିଲେ । ତୁରନ୍ତ ଉପସ୍ଥିତ ଲୋକମାନେ ଅଗ୍ନିଶମ ବାହିନୀକୁ ଖବରଦେଇଥିଲା । ଘଟଣା ସ୍ଥଳରେ ସଦର ଥାନା ପୋଲିସ ପହଂଚି ତଦନ୍ତ ଜାରି ରଖିଛି ।

# ପଶ୍ଚିମ ଓଡ଼ିଶାକୁ ଅବହେଳା କରିଛନ୍ତି ନବୀନ

## ମୁଖ୍ୟମନ୍ତ୍ରୀଙ୍କ ଉପରେ ଲୋକଙ୍କ ଅଖଣ୍ଡ ଭରସା ରହିଛି

**ଭୁବନେଶ୍ୱର,୧୫ା୯(ସଂଚାର ବ୍ୟୁରୋ):** ଏକଦା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଆକ୍ଷେପ କରି "ବେଇମାନ ଲିଗାସି ଇନ୍ ନବୀନ ପଟ୍ଟନାୟକଏସ୍ ବିଜେଡି" ବୋଲି କହିଥିବା ବିଜେଡି ସାଂସଦ ତଥା ମୁଖପାତ୍ର ଶ୍ରୀ ସସ୍ମିତ ପାତ୍ରଙ୍କ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତି ଟିପ୍ପଣୀ ଅତ୍ୟନ୍ତ ହାସ୍ୟାସ୍ପଦ। ଚାଟୁକାରିତାର ଚରମ ସୀମା ଉଲ୍ଲଂଘନ କରି ନବୀନ ବାବୁଙ୍କୁ ଅନୁସରଣ କରିବାକୁ ଉପଦେଶ ଦେବାରେ ମଧ୍ୟ ଶ୍ରୀ ପାତ୍ର ପଛାଇନାହାନ୍ତି। ବିଜେଡି କ୍ଷମତାରୁ ବିତାଡିତ ହେବା ପରେ ଶ୍ରୀ ପାତ୍ର ନିଜ ଅତୀତକୁ ଭୁଲିଯାଇ ଏଭଳି ମନ୍ତବ୍ୟ ଦେଇଛନ୍ତି। ବିଜେଡି ମୁଖପାତ୍ର ଶ୍ରୀ ପାତ୍ର ବୋଧ ହୁଏ ବର୍ଷକ ତଳର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ କାର୍ଯ୍ୟକଳାପକୁ ମନେ ପକାଇ ଏଭଳି ବକ୍ତବ୍ୟ ଦେଇଛନ୍ତି। ନବୀନ ବାବୁ ବାସ୍ତବରେ "ସାଧୁ ପୁରୁଷ ନା ବେଇମାନ", ତାହା ଶ୍ରୀ ପାତ୍ର ପ୍ରଥମେ ସ୍ପଷ୍ଟ କରନ୍ତୁ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ମନୋଜ ମହାପାତ୍ର କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମହାପାତ୍ର କହିଛନ୍ତି ଯେ, ଗତ କାଲି ଶ୍ରୀ ପାତ୍ର ପୂର୍ବ ସରକାରକୁ ଅନୁସରଣ କରିବା ପାଇଁ ବକ୍ତବ୍ୟ ଦେଇଛନ୍ତି। ଦୀର୍ଘ ୨୪ ବର୍ଷ ଧରି ଶାସନରେ ଥିବା ସତ୍ତ୍ୱେ ନବୀନ ପଟ୍ଟନାୟକ ନେତୃତ୍ୱ ବିଜେଡି ସରକାର ଓଡ଼ିଶାର ବିକାଶ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ମାତ୍ର ଅହଂକାରରେ ବୁଡି ରହିଥିବା ବିଜେଡି ସଭାପତି ଏବଂ ବିଜେଡି ନେତାମାନେ ଓଡ଼ିଶାକୁ ନିଜ ଜାଗିରିଦାରୀ ଭାବି ନେଇଥିଲେ। ଶାସନ ଦାୟୀତ୍ୱରେ ଥିବାବେଳେ ନବୀନ ବାବୁ ନିଜ ଅଧସ୍ତନ କର୍ମଚାରୀଙ୍କ କବଳରେ ଗୃହବନ୍ଦୀ ଭାବେ ରହି କିଭଳି ପରିଚାଳିତ ହେଉଥିଲେ, ତାହା ସମଗ୍ର ଓଡ଼ିଶାବାସୀ ଦେଖିଛନ୍ତି। ନବୀନବାବୁ ନା ବିଧାନସଭାକୁ ଆସୁଥିଲେ, ନା ସଚିବାଳୟ ଯାଉଥିଲେ।

# ସରକଣାରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା



**ଭୁବନେଶ୍ୱର, ୧୫ା୯ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତରେ ରବିବାର ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳେ ପଞ୍ଚାୟତ ପକ୍ଷରୁ ଆୟୋଜିତ ପଦଯାତ୍ରାରେ ଆଇସିଡିଏସ୍ ସୁପରଭାଇଜର ବିନୋଦିନୀ ପ୍ରଧାନ, ସରପଞ୍ଚ ବିଷ୍ଣୁପ୍ରିୟା ସାହୁ, ସମାଜସେବୀ ନାରାୟଣ ସାହୁ, ୱାର୍ଡ ସଭ୍ୟା ମୋନାଲିସା ସେନାପତି, ଅଙ୍ଗନୱାଡ଼ି କର୍ମୀ ଶୁଭଶ୍ରୀ ଦାସ, ଯୁବ ସମାଜେସେବୀ କାଳୁ ସାମଲ, ପିଇଓ ପ୍ରମୁଖ ପଦଯାତ୍ରାର ପରିଚାଳନା କରିଥିଲେ। ଏସ୍‌ଏଚ୍‌ଜିର ସଦସ୍ୟା, ସୁଭଦ୍ରା ହିତାଧିକାରୀଙ୍କ ସମେତ ଶତାଧିକ ମହିଳା ସୁଭଦ୍ରା ପ୍ଲାକାର୍ଡ ଧରି ସ୍ଥାନୀୟ ଭଗବତୀ ମନ୍ଦିରରୁ ପଦଯାତ୍ରାରେ ବାହାରି ସରକଣା ଗ୍ରାମ ପରିକ୍ରମା କରିବା ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଏକାଠି ହୋଇଥିଲେ। ସେହିପରି ରଣପୁର, ବ୍ରାହ୍ମଣ ସୁଆଁଲୋ, କଇଜଙ୍ଗା, ସରକଣା ଶାସନ, ପଣ୍ଡାସାହି, କାଜିପୁର, ସୁଧଷଡ଼ଙ୍ଗୀ, ବିଲିପଡ଼ା, ବିରିବାଟି, ବାଲିଗୁଣ୍ଡି ଆଦି ଅଙ୍ଗନୱାଡ଼ି କେନ୍ଦ୍ର ପକ୍ଷରୁ ପଦଯାତ୍ରା ଆୟୋଜିତ ହୋଇଥିଲା। ଅଙ୍ଗନୱାଡ଼ି କର୍ମୀ ଡଲି ଖୁଣ୍ଟିଆ, ମିନତି ବେହେରା, ସସ୍ମିତା ଦାସ, ମଧୁସ୍ମିତା ସେଠୀ, ମମତା ରଥ, ଗୀତାଞ୍ଜଳି ସାମଲ, ଓମ୍‌ପ୍ରିୟା ରାଉଳ, ବୀଣାପାଣି ଭୋଇ, ସରୋଜିନୀ ପଣ୍ଡା, ଆଶା କର୍ମୀ ସୁଚିତ୍ରା ସେନାପତି ପ୍ରମୁଖ ସୁଭଦ୍ରା ସ୍ୱାଗତ ଶୋଭାଯାତ୍ରା ପରିଚାଳନା କରିଥିଲେ। ଉକ୍ତ ଶୋଭାଯାତ୍ରାରେ ଶହଶହ ମହିଳା ସାମିଲ ହୋଇଥିଲେ।

# ବିକ୍ରି ହେଲାନି ରକ୍ତ ଚନ୍ଦନ-୩୪୯କୋଟି ରାଜସ୍ୱ ମିଳିଲାନି

**ଭୁବନେଶ୍ୱର, ୧୫ା୯:** ତିତିଲ ବାତ୍ୟା ସମୟରେ ଗଜପତି ଜିଲ୍ଲାର ଜଙ୍ଗଲରୁ ମିଳିଥିବା ରକ୍ତଚନ୍ଦନ କାଠ ବିକ୍ରି ହୋଇ ନପାରିବାରୁ ୩୪୯ କୋଟି ଟଙ୍କାରୁ ଅଧିକ ରାଜସ୍ୱ କ୍ଷତିକୁ ଧରିଛନ୍ତି ସିଏଜି। ସିଏଜି ଅଡିଟ୍‌ରୁ ଏହା ଧରାପଡ଼ିଥିବାବେଳେ ଚଳିତବର୍ଷ ଫେବୃୟାରୀ ଶେଷ ସୁଦ୍ଧା ରାଜ୍ୟ ସରକାର ଏହାର ଉତ୍ତର ରଖିନାହାନ୍ତି।



ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ ୨୦୧୮ ମସିହାରେ ଆସିଥିବା ତିତିଲ ବାତ୍ୟାରେ ଗଜପତି ଜିଲ୍ଲାର ଜଙ୍ଗଲରୁ ଉପୁଡି ଯାଇଥିବା, ଅଧା ଭାଙ୍ଗିଥିବା ରକ୍ତଚନ୍ଦନ ଗଛ ମିଳିଥିଲା। ଏହି ମୂଲ୍ୟବାନ୍ କାଠକୁ ବିକ୍ରି ପାଇଁ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମର (ଓଏଫ୍‌ଡିସି) ର ନିର୍ଦ୍ଦେଶକମଣ୍ଡଳୀ ଅନୁମତି ପ୍ରଦାନ କରିଥବଲେ। ତେବେ ଭାରତ ସରକାର ରପ୍ତାନି ନୀତିରେ କୋହଳ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବାତ୍ୟାରେ ପଡ଼ି ଯାଇଥିବା କାରଣରୁ ୮୧୦ ମେଟ୍ରିକ ଟନ୍ ରକ୍ତ ଚନ୍ଦନ କାଠକୁ ଲଗ୍ ଫର୍ମରେ ରପ୍ତାନି ପାଇଁ ଅନୁମତି ଦେଇଥିଲେ ଏବଂ ବିଜ୍ଞପ୍ତି ପ୍ରକାଶ ପାଇବାର ୧୨ମାସ ମଧ୍ୟରେ ଚୂଡାନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୨୨ ନଭେମ୍ବର ମାସରେ ଏହି ଅବଧିକୁ ଆଉ ୬ମାସ ତଥା ୨୦୨୩ ଅକ୍ଟୋବର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

ତେବେ ଆର୍ନ୍ତଜାତୀୟ ଟେଣ୍ଡର ପାଇଁ ରାଜ୍ୟ ସରକାର ୨୦୨୨ ଜାନୁୟାରୀ ମାସରେ ଏକ ୮ଜଣିଆ କମିଟି ଗଠନ କରିଥିଲେ। ଆନ୍ଧ୍ରପ୍ରଦେଶ ଜଙ୍ଗଲ ନିଗମ କିଭଳି ରକ୍ତ ଚନ୍ଦନ କାଠ ବିକ୍ରି କରୁଛନ୍ତି ତାହାର ଅନୁଧ୍ୟାନ ପାଇଁ ଆନ୍ଧ୍ରପ୍ରଦେଶ ଯିବାକୁ ମଧ୍ୟ ଏକ କମିଟି ଗଠନ କରାଯାଇଥିଲା।

ପାରଳାଖେମୁଣ୍ଡି ଡିଏଫ୍‌ଓ ୨୦୨୨ ଫେବୃୟାରୀରେ ଦର୍ଶାଇଥିଲେ ଯେ ବ୍ରହ୍ମପୁର କେନ୍ଦ୍ରୀୟ ଗୋଦାମରେ ଥିବା ୮୧୦ ମେଟ୍ରିକ ଟନ୍ ରକ୍ତଚନ୍ଦନ କାଠ ମଧ୍ୟରୁ ୫୦୩ ଟନ୍ ଏ ଗ୍ରେଡ୍, ୨୩୨ ଟନ୍ ବି ଗ୍ରେଡ୍ ଓ ୨୩.୬୩ ଟନ୍ ସି ଗ୍ରେଡ୍‌ର ରହିଛି। ଏହି ସମସ୍ତ ରକ୍ତଚନ୍ଦନ କାଠର ମୂଲ୍ୟ ୩୪୭ କୋଟି ୯୨ଲକ୍ଷ ଟଙ୍କା ହେବ। ତେବେ ବାତ୍ୟାରେ ଉର୍ଦ୍ଧ୍ୱାର ହୋଇଥିବା ରକ୍ତଚନ୍ଦନ କାଠର ବହୁ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ବିକ୍ରି ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା। ଏହାର ଗୁଣବତ୍ତା ଖରାପ ସହିତ ଶୁଖିବାର ସମ୍ଭାବନା ଥିଲା। ସିଏଜି ଦର୍ଶାଇଛନ୍ତି ଯେ ଏଭଳି ମୂଲ୍ୟବାନ କାଠର ବିକ୍ରୟରେ ବିଳମ୍ବ ଯୋଗୁଁ ୩୪୯ କୋଟି ୭୦ଲକ୍ଷ ଟଙ୍କା ମିଳିପାରି ନଥିଲା। ତେବେ ଏ ସଂକ୍ରାନ୍ତରେ ସରକାରଙ୍କୁ ଅବଗତ କରାଯିବା ପରେ ଡିଏଫ୍‌ଓ ଦର୍ଶାଇଥିଲେ ଯେ ସମସ୍ତ ଅନୁମତି ପରେ ଏହାକୁ ବିକ୍ରି କରାଯିବ। ତେବେ ଏହାର ଉତ୍ତର ଗ୍ରହଣୀୟ ନୁହେଁ ବୋଲି ସିଏଜି ଦର୍ଶାଇଛନ୍ତି। କାରଣ କେନ୍ଦ୍ର ସରକାର ଏହାର ରପ୍ତାନି ପାଇଁ ସର୍ତ୍ତ ଅନୁଯାୟୀ ବିଜ୍ଞପ୍ତି ଠାରୁ ୧୨ମାସର ଅବଧି ଦେଇଥିବାବେଳେ ରପ୍ତାନି ପାଇଁ ମୋଡାଲିଟି ଚୂଡାନ୍ତ ସହିତ ଏହାର ବିକ୍ରି ପାଇଁ ଅନୁମତି ଦେଇ ସାରିଥିଲା ଯାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ୨୦୨୨ ନଭେମ୍ବର ସୁଦ୍ଧା ଏହି ରକ୍ତଚନ୍ଦନ କାଠ ବିକ୍ରି ନହେବା ଫଳରେ ରାଜସ୍ୱ ମିଳିପାରି ନଥିଲା। ଏହି ମାମଲା ସରକାରଙ୍କ ନଜରକୁ ୨୦୨୨ ନଭେମ୍ବର ମାସରେ ଅଣାଯାଇଥିବାବେଳେ ଚଳିତବର୍ଷ ଫେବୃୟାରୀ ଶେଷସୁଦ୍ଧା ଏହାର ଉତ୍ତର ସିଏଜି ପାଇନାହାନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପୂର୍ଣ୍ଣଭକ୍ତି-ନିଜକୁ ଶୂନ୍ୟ କରିଦେଲେ ମୋତେ ଏପରି ଭକ୍ତି କର ଯେ ଦେଖିବ ଦିନେ ମୁଁ ମୋର ସର୍ବସ୍ୱ ତୁମକୁ ସମର୍ପି ଦେଇ ମୁଁ ନିଜକୁ ଶୂନ୍ୟ ହୋଇ ତୁମର ଦାସ ବନି ଭିକ୍ଷାପାତ୍ର ଧରି ଠିଆ ହୋଇଛି ତୁମ ବାଜଦୁଆରେ, ତୁମ ଦରଶନ କରି ନିଜକୁ ଧନ୍ୟ ମଣି ପୁଣ୍ୟ ସଂଚିବା ପାଇଁ।



# କେଜରିୱାଲଙ୍କ ରଣନୀତି

୧୭୭ଦିନ ଜେଲରେ ରହିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମୁକୁଳିଛନ୍ତି। ସୁପ୍ରିମକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜାମିନରୁ ମୁକୁଳିବା ପରେ କେଜରିୱାଲ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ତାଙ୍କ ସ୍ଥାନରେ ମନିଷ ସିସୋଦିଆ ମଧ୍ୟ ମୁଖ୍ୟମନ୍ତ୍ରୀ ହେବେ ନାହିଁ। କାରଣ ସେ ବି ସର୍ତ୍ତମୂଳକ ଜାମିନରେ ଆସିଛନ୍ତି। ଉଭୟଙ୍କ ନାମରେ ମାମଲା କୋର୍ଟରେ ବିଚାରାଧିନ ରହିଛି। ଅନ୍ୟ କେହି ଯୋଗ୍ୟ ବ୍ୟକ୍ତି ନିର୍ବାଚନ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ରହିବେ। କେଜରିୱାଲ କହିଛନ୍ତି ଯେ, ସେ ନିର୍ବାଚନରେ ଲୋକଙ୍କ ପାକକୁ ଯିବେ ଏବଂ ଜନତାଙ୍କ ଅଦାଲତରୁ ନିର୍ଦ୍ଦେଶ ପାଇଲେ ମୁଖ୍ୟମନ୍ତ୍ରୀ ପଦକୁ ଫେରିବେ। ଉଲ୍ଲେକ ଯୋଗ୍ୟ ଯେ, କେଜରିୱାଲଙ୍କୁ ଜାମିନ ପ୍ରଦାନ ବେଳେ ସୁପ୍ରିମକୋର୍ଟ ସର୍ତ୍ତ ରଖିଛନ୍ତି ଯେ, ମାମଲାର ଫଇସଲା ହେବା ପର୍ଯ୍ୟନ୍ତ ସେ ସିଏମଓକୁ ଯିବେ ନାହିଁ କିମ୍ବା ଦିଲ୍ଲୀ ଉପ-ରାଜ୍ୟପାଳଙ୍କ ଅନୁମତି ବିନା କୌଣସି ଫାଇଲରେ ସ୍ୱାକ୍ଷର କରିପାରିବେ ନାହିଁ। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ କେଜରିୱାଲ ମୁଖ୍ୟମନ୍ତ୍ରୀ ଭାବେ ଆଉ କାର୍ଯ୍ୟ କରିବା ସମ୍ଭବ ନୁହେଁ। ତେଣୁ ସେ ଇସ୍ତଫା ଦେବାକୁ ବାଧ୍ୟ। କିନ୍ତୁ ସେ ଯେପରି ସ୍ୱରରେ ଇସ୍ତଫା କଥା କହୁଛନ୍ତି ସତେ ଯେମିତି ସେ ବହୁତ ବଡ଼ ନିଷ୍ପତ୍ତି ନେଉଛନ୍ତି ଏବଂ ବଡ଼ ତ୍ୟାଗ ସ୍ୱୀକାର କରୁଛନ୍ତି। ବାସ୍ତବରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ବାଧ୍ୟ। ଏହି ନିଷ୍ପତ୍ତି ସେ ଛଅ ମାସ ପୂର୍ବରୁ ନେବାର କଥିଲା। ମନିଷ ସିସୋଦିଆ ଗିରଫ ହେବା ପରେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମଧ୍ୟ ଏଭଳି କରିଥିଲେ। କିନ୍ତୁ କେଜରିୱାଲ କ୍ଷମତା ମୋହ ଛାଡ଼ିପାରିଲେ ନାହିଁ। ଦ୍ୱିତୀୟରେ ହେସ ଚାହୁଁନାହାଁନ୍ତି ଦଳରେ ଆଉ କେହି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହୁଅନ୍ତୁ। ସେ ହିଁ ଏକାକି ଏହି ପଦ ପାଇଁ ଯୋଗ୍ୟ। ସେ କହିଛନ୍ତି ଯେ, ନିର୍ବାଚନ ପର୍ଯ୍ୟନ୍ତ ଆଉ କେହି ଜଣେ କାମଚଳା ମୁଖ୍ୟମନ୍ତ୍ରୀ ହୋଇ ରହନ୍ତୁ। ତାଙ୍କର ଯଦି ସତସାହସ ଏବଂ ନୈତିକତା ଅଛି ତେବେ ସେ ଆଉ କାହାକୁ ସ୍ଥାୟୀ ଭାବେ ମୁଖ୍ୟମନ୍ତ୍ରୀ କରନ୍ତୁ। ନିଜେ ଜାତୀୟ ରାଜନୀତି ପ୍ରତି ଧ୍ୟାନ ଦିଅନ୍ତୁ। କେଜରିୱାଲ ମହାରାଷ୍ଟ୍ର ସହିତ ଆସନ୍ତା ନଭେମ୍ବରରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଏକତ୍ର କରିବାକୁ ଦାବି କରିଛନ୍ତି। ତାଙ୍କର ଲକ୍ଷ୍ୟ ହେଲା ଲୋକଙ୍କ ସହାନୁଭୂତିରୁ ଫାଇଦା ଉଠାଇବା। କିନ୍ତୁ ଏହା ତାଙ୍କ ପାଇଁ ବୁମେରାଂ ହୋଇପାରେ। ସ୍ମରଣ କରାଯାଇପାରେ ଯେ, ଦିଲ୍ଲୀ ସରକାରଙ୍କ ମଦ ନୀତି ନିର୍ଦ୍ଧାରଣରେ ଦୁର୍ନୀତି ଅଭିଯୋଗରେ କେଜରିୱାଲଙ୍କୁ ଗତ ମାର୍ଚ୍ଚରେ ପିଏମଏଲଏରେ ପ୍ରଥମେ ଇଡି ଗିରଫ କରିଥିଲା। ପରେ ସିବିଆଇ ମଧ୍ୟ ତାଙ୍କୁ ଦୁର୍ନୀତି ଅଭିଯୋଗରେ ଗିରଫ କରିଥିଲା। କିଛି ଦିନ ତଳେ ଇଡି ମାମଲାରେ ସୁପ୍ରିମକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଏବେ ସିବିଆଇ ତାଙ୍କୁ ଜାମିନ ପ୍ରଦାନ କରିଛି। ଏହା ପରେ କେଜରିୱାଲ ତିହାର ଜେଲରୁ ମୁକୁଳିଛନ୍ତି। ମାମଲାରେ ଦିଲ୍ଲୀର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ ଏବଂ ବିଆରଏସ ନେତ୍ରୀ କେ କବିତାଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଥିଲେ। ଜାମିନ ଆବେଦନର ଶୁଣାଣୀ ବେଳେ ସୁପ୍ରିମକୋର୍ଟ ସିବିଆଇକୁ ଭର୍ତ୍ସନା କରିଛନ୍ତି। ଦୁଇ ବର୍ଷ କାଳ ତଦନ୍ତ ପରେ କେଜରିୱାଲଙ୍କୁ ସିବିଆଇ ଗିରଫ କଲା। ସେ ୬ ମାସ ହେବ ଜେଲରେ ରହିଲେ। ଏହା ସତ୍ତ୍ୱେ ସିବିଆଇ ବା ଇଡି ତାଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିପାରିଲା ନାହିଁ। ତେଣୁ ବିନା ଟ୍ରାଏଲରେ ଅଭିଯୁକ୍ତଙ୍କୁ ଅଧିକ ଦିନ ଜେଲରେ ରଖାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ସିବିଆଇ ଏକ ପିଞ୍ଜରାବଦ୍ଧ ଶୁଆ ବୋଲି ସାଧରଣରେ ଯେଉଁ ଧାରଣା ସୃଷ୍ଟି ହୋଇଛି ତାହାକୁ ବଦଳାଇବା ନିମନ୍ତେ ସିବିଆଇ ଉଦ୍ୟମ କରିବା ଉଚିତ। ଅର୍ଥାତ ମଦ ଦୁର୍ନୀତି ମାମଲାରେ ସିବିଆଇ ଏବଂ ଇଡି କାର୍ଯ୍ୟାନୁଷ୍ଠାନର ଯଥାର୍ଥତା ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଗତ ମେ' ମାସରେ ସୁପ୍ରିମକୋର୍ଟ କେଜରିୱାଲଙ୍କୁ ସାମୟିକ ଜାମିନ ପ୍ରଦାନ କରିଥିଲେ। ନିର୍ବାଚନ ପ୍ରଚାର ନିମନ୍ତେ ତାଙ୍କୁ ଏହି ଛୁଟି ଦିଆଯାଇଥିଲା। ନିର୍ବାଚନ ଶେଷ ହେବା ପରେ କେଜରିୱାଲ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଶୁକ୍ରବାର ତିହାର ଜେଲରୁ ବାହାରିବା ପରେ କେଜରିୱାଲ ଗଣମାଧ୍ୟମକୁ କହିଛନ୍ତି ଯେ, ଏବେ ସେ ଶହେ ଗୁଣ ଅଧିକ ଉତ୍ସାହ ଏବଂ ଶକ୍ତିରେ ଦଳ ପାଇଁ କାର୍ଯ୍ୟ କରିବେ, ବିଜେପି ବିରୋଧରେ ଲଢ଼େଇ ଜାରି ରଖିବେ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ। ଆଗକୁ ହରିୟାନା ଏବଂ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ଆସୁଛି। ହରିୟାନାର ସମସ୍ତ ୯୦ ଆସନରେ ଆପ ପ୍ରାର୍ଥୀ ଘୋଷଣା କରିଛି। ପଞ୍ଜାବ ଓ ଦିଲ୍ଲୀ ସୀମାକୁ ଲାଗିଥିବା ହରିୟାନାରେ ଆମ ଆଦମୀ ପାର୍ଟୀ ନିଜ ଶକ୍ତି ପ୍ରଦର୍ଶନ କରିବ ବୋଲି ଆଶା ରଖିଛି। ଏବେ କେଜରିୱାଲ ହରିୟାନାରେ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ଏହାର କ'ଣ ପ୍ରଭାବ ପଡ଼ିବ ତାହା ଭିନ୍ନ କଥା। କିନ୍ତୁ ହରିୟାନା ବିଧାନସଭା ନିର୍ବାଚନ ଏହା ଦ୍ୱାରା ବେଶ ରୋମାଞ୍ଚକର ହେବା ନିଶ୍ଚିତ। ଆଗକୁ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ଦୁଇ ରାଜ୍ୟରେ ଆପର ବିଶେଷ ପ୍ରଭାବ ନଥିଲେ ମଧ୍ୟ ଆପ କର୍ମୀମାନେ ଏବେ ଯେପରି ଉତ୍ସାହିତ ହୋଇଛନ୍ତି ସେଥିରେ ସେମାନେ ଏହି ଦୁଇ ରାଜ୍ୟରେ ମଧ୍ୟ ଯୋରଦାର ଲଢ଼େଇ କରିବାକୁ ଅଣ୍ଟା ଭିଡ଼ିବେ। ଦିଲ୍ଲୀ ମଦ ଦୁର୍ନୀତି ମାମଲାର ଶୀଘ୍ର ଫଇସଲା ହେବା ଉଚିତ। ଏ ସମ୍ପର୍କରେ ସନ୍ଦେହର କୁହେଳିକା ଦୂର ହେବା ଉଚିତ। ସିବିଆଇ ଏବଂ ଇଡି ଆଉ ଆଇନ ସହିତ ଖେଳିବା ଅନୁଚିତ। ଜନ ଆନ୍ଦୋଳନରୁ ରାଜନୀତିକୁ ଆସି ସଫଳ ହୋଇଥିବା କେଜରିୱାଲ ଜଣେ ଅତି ଚତୁର ଖେଳାଳୀ। ଜନ ମାନସିକତାକୁ ସେ ଭଲଭାବେ ପଢ଼ିପାରନ୍ତି। ଏଥିପାଇଁ ସେ ବିଧାନସଭା ନିର୍ବାଚନରେ ବାରମ୍ବାର ବିଜୟୀ ହୋଇଆସୁଛନ୍ତି। ଏବେ ଦିଲ୍ଲୀରେ ଆଗୁଆ ନିର୍ବାଚନ କରି ସେ ରାଜନୈତିକ ଫାଇଦା ହାସଲ କରିବା ଲକ୍ଷ୍ୟରେ ଅଛନ୍ତି। କିନ୍ତୁ ଏଥର ତାଙ୍କ ରଣନୀତି ସଫଳ ହୋଇନପାରେ। କାରଣ ଦିଲ୍ଲୀବାସୀ ଏବେ କେଜରିୱାଲଙ୍କ ପ୍ରତି ବିତସ୍ପୃହ। ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଜେପି ତାଙ୍କୁ ସିବିଆଇ-ଇଡି ଲଗାଇ ବିନା କାରଣରେ ହଇରାଣ କରୁଛି ଏକଥାକୁ ଦିଲ୍ଲୀବାସୀ ଗ୍ରହଣ କରୁ ନାହାଁନ୍ତି। ତେଣୁ ଦିଲ୍ଲୀରେ ଆଗୁଆ ବିଧାନସଭା ନିର୍ବାଚନ ହେଲେ ବି ଆପ ସେଥିରେ ବିଜୟୀ ହେବ ବୋଲି ସୁନିଶ୍ଚିତ ହୋଇଯିବା ଠିକ ନୁହେଁ। ତାଙ୍କୁ ଅନେକ ପ୍ରଶ୍ନର ଜବାବ ଦେବାକୁ ପଡ଼ିବ। ନିର୍ବାଚନରେ ଯଦି ବା ଆପ ବିଜୟୀ ହେବ ତେବେ ସୁପ୍ରିମକୋର୍ଟ ଜାମିନ ପ୍ରଦାନ ବେଳେ ଦେଇଥିବା ସର୍ତ୍ତ ହଟିଯିବ ନାହିଁ। ତେଣୁ କେଜରିୱାଲଙ୍କ ପାଇଁ ପୁନର୍ବାର କ୍ଷମତାକୁ ଫେରିବା ଏବେ ସମ୍ଭବ ହୋଇନପାରେ।

## ସମ୍ପାଦକଙ୍କୁ ପତ୍ର

### ଆଉ କେତେ ଜୀବନ ଯିବ ?

ମହାଶୟ,

ଏବେ ଦେଶର ଅଧିକାଂଶ ସହରରେ ବାରମ୍ବାର ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ମଧ୍ୟମ ଧରଣର ବର୍ଷାରେ ମଧ୍ୟ ସହର ଜଳାର୍ଣ୍ଣବ ହେଉଛି। ଜଳ ନିଷ୍କାସନର ସୁବ୍ୟବସ୍ଥା ନଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି। ସହରର ଅନେକ ସ୍ଥାନରେ ୪ରୁ ୧୦ଫୁଟ ଉଚ୍ଚର ପାଣି ଜମିବା ଏବଂ କେତେକ ସ୍ଥାନରେ ଅତି ପ୍ରଖର ଜଳସ୍ରୋତ ଦେଖିବାକୁ ମିଳୁଛି। ଫଳରେ ଅନେକ ସମୟରେ ଅନେକ ଏହି ପାଣିରେ ଭାସିଯାଇ ପ୍ରାଣ ହରାଉଛନ୍ତି। ଗତ ସପ୍ତାହରେ ଦିଲ୍ଲୀ ନିକଟ ଫରିଦାବାଦରେ ରେଳବାଇ ଅଣ୍ଡରପାସରେ ଏକ ଏସୟୁଭି ପାଣିରେ ବୁଡ଼ିଯିବା ଫଳରେ ଜଣେ ବ୍ୟାଙ୍କ ମ୍ୟାନେଜର ଏବଂ ଜଣେ କ୍ୟାସିୟର ପ୍ରାଣ ହରାଇଛନ୍ତି। ଅଣ୍ଡରପାସରେ ବର୍ଷା ପାଣି ଏତେ ଅଧିକ ଥିବ ବୋଲି ସେମାନେ ଆକଳନ କରିପାରିନଥିଲେ। ଏହା ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଦେଶର ବିଭିନ୍ନ ରାଜ୍ୟରେ ନିୟମିତ ଏଭଳି ଘଟଣା ଘଟୁଛି। ଏହାର ସ୍ଥାୟୀ ପ୍ରତିକାର କରାଯିବା ଉଚିତ। ଆଉ କେତେ ଜୀବନ ଗଲେ ସରକାର ଚେତିବେ ତାହା ଏକ ପ୍ରଶ୍ନ। ଯଦି ଜଳନିଷ୍କାସନ ହୋଇପାରୁନି ତେବେ ଅନ୍ତତଃପକ୍ଷେ ବର୍ଷା ପରେ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ପୋଲିସ ଉପସ୍ଥିତ ରହି ଲୋକଙ୍କୁ ସତର୍କ କରିବା ବ୍ୟବସ୍ଥା ହେଉ।

ସମୀର ରଞ୍ଜନ ଚୌଧୁରୀ, ଚୌଧୁରୀ ବଜାର, କଟକ

# ଶାନ୍ତିଦୂତ ମହାମାନ୍ୟ ପୈଗମ୍ବର ମୁହମ୍ମଦ



ମୌଲାନା ଫଜଲ ହକ ଖାଁ

ପରମେଶ୍ୱର ସକଳ ଧର୍ମ ଓ ସଂମ୍ପ୍ରଦାୟରେ ଅବତାର, ପ୍ରବର୍ତ୍ତକ, ବାର୍ତ୍ତାବହ, ମହାପୁରୁଷ ତଥା ସୁଧାରକମାନଙ୍କୁ ସତ୍ୟଧର୍ମର ପ୍ରଚାର କରିବା ପାଇଁ ଧରାପୃଷ୍ଠରେ ଅବତରଣ କରାଇଥାନ୍ତି। ସେଇଥି ପାଇଁ ଶାସ୍ତ୍ର କହିଥାଏ, 'ବସୁଧୈବ କୁଟୁମ୍ବକମ'। ସମଗ୍ର ବିଶ୍ୱବାସୀ ଏକ ପରିବାର ସଦୃଶ୍ୟ। ମାନବ ସମାଜ ସଭିଏ ଭାଇଭାଇ। ସେଇଭଳି ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ଇସଲାମ ଧର୍ମର ପ୍ରବର୍ତ୍ତକ ଭାବେ ଧରାଧାମରେ ଆଗମନ କରିଥିଲେ। ସେ ୫୭୦ ମସିହାର ଅପ୍ରିଲ ୨୦ ତାରିଖରେ, ଅରବ ଦେଶର ମକ୍କା ସହରରେ ଜନ୍ମ ହୋଇଥିଲେ। ତାଙ୍କ ବାପାଙ୍କ ନାମ 'ଅବଦୁଲ୍ଲାଃ'ଏବଂ ମାଆଙ୍କ ନାମ 'ଆମନା' ଥିଲା। ସେ ଶୈଶବରୁ ପିତାମାତାଙ୍କୁ ହରାଇ ଅନାଥ ହୋଇ ଯାଇଥିଲେ। ଜେଜେ ଅବ୍ଦୁଲ ମୁତଲିବ ବାପ-ମାଆ ଛେଉଣ୍ଡ ମୁହମ୍ମଦଙ୍କର ଲାଳନ-ପାଳନ ଭାର ଉଠାଇ ଥିଲେ। ମାତ୍ର ଦୁଇବର୍ଷ ପରେ ଜେଜେଙ୍କର ମଧ୍ୟ ଦେହାନ୍ତ ହୋଇଗଲା। ଶେଷରେ କକା ଅବୁ ତାଲିବ ମୁହମ୍ମଦଙ୍କର ପ୍ରତିପୋଷଣ କରିଥିଲେ। ସେ ଚାଳିଶ ବର୍ଷ ବୟସ ପର୍ଯ୍ୟନ୍ତ କକାଙ୍କ ତତ୍ତ୍ୱାବଧାନରେ ରହିଥିଲେ। ଚାଳିଶ ବଷୟ ବୟସରେ ମହାମାନବ ପୈଗମ୍ବର ମୁହମ୍ମଦ ସଲ୍ଲମଙ୍କୁ ଦୈବୀବାଣୀ ହେଲା ଏବଂ ସେ ଈଶ୍ୱରଦୂତ ନିଯୁକ୍ତ ହେଲେ। ପରବର୍ତ୍ତୀ ୨୩ ବର୍ଷ ଈଶ୍ୱରଦୂତ ଭାବେ ଦିବ୍ୟଧର୍ମର ପୁନଃସ୍ଥାପନା ପାଇଁ, ସମାଜକୁ ଅନ୍ୟାୟ ଓ କୁସଂସ୍କାରରୁ ମୁକ୍ତ କରିବା ପାଇଁ ସେ କଠୋର ସଂଗ୍ରାମ କରିଥିଲେ। ଫଳରେ ସେ ଏକ ଆଦର୍ଶ ସମାଜ ଗଢିବାକୁ ସମର୍ଥ ହୋଇ ପାରିଥିଲେ। ଖ୍ରୀ.ଅ. ୬୩୨ ଜୁନ ୮ ତାରିଖରେ ସେ ମଦିନାରେ ଇହଧାମ ତ୍ୟାଗ କରିଥିଲେ। ମହାମାନବ ସମଗ୍ର ସଂସାରବାସୀଙ୍କ ପାଇଁ କରୁଣାର ସାଗର ହୋଇ ଆସିଥିଲେ। ବିନା ଭେଦଭାବ ଏବଂ ବିନା ବୈରିରେ ସେ ମାନବ ଅଧିକାର ପାଇଁ ନିଜର ସମଗ୍ର ଜୀବନ ସଂଘର୍ଷ କରିଥିଲେ। ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ପାଇଁ ସମାଜରେ ଏକ ବିପ୍ଳବ ସୃଷ୍ଟି କରିଥିଲେ। ଯାହା ଫଳରେ ଏପରି ଏକ କ୍ରାନ୍ତିକାରୀ ଅଧ୍ୟାୟ ଜନ୍ମ ନେଲା, ଯାହାର ଇତିହାସରେ କୌଣସି ପଟାନ୍ତର ନାହିଁ। ସର୍ବ ପ୍ରଥମେ ପୈଗମ୍ବର ମୁହମ୍ମଦ ସଲ୍ଲମ ମାନବ ଅଧିକାରକୁ ଶ୍ରେଷ୍ଠ ମଣି ସେମାନଙ୍କୁ ସାମାଜିକ, ନୈତିକ, ଭୌତିକ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ସମ୍ମାନ ଜନକ ଅଧିକା ଦେଇଥିଲେ।

ବିଶ୍ୱଗୁରୁ ହଜରତ ମୁହମ୍ମଦ ସଲ୍ଲମଙ୍କ ଆବିର୍ଭାବ ସମୟରେ ବିଶ୍ୱସମାଜରେ ଆରବବାସୀଙ୍କ ଚିତ୍ର ଓ ଚରିତ୍ର ଭଲ ନଥିଲା। ମଣିଷ ସହ ପଶୁ ସମାନ ବ୍ୟବହାର କରାଯାଉଥିଲା। ମାତା ପିତା ତଥା କନ୍ୟା ସନ୍ତାନର ସମ୍ମାନ ଓ ସତ୍‌କାର ନଥିଲା। ଏପରି କି କନ୍ୟା ସନ୍ତାନ ଜନ୍ମ ହେଲା ମାତ୍ରେ ଘରେ ଓ ପରିବେଶରେ ଅଶୁଭ ମନେକରୁଥିଲେ ଏବଂ କନ୍ୟା ସନ୍ତାନକୁ ଜୀବିତ ସମାଧି ଦିଆଯାଉଥିଲା। ପିତା ମାତାର ସେବା ଓ ସତ୍‌କାର କରିଲେ ହିଁ ସ୍ୱର୍ଗପ୍ରାପ୍ତ ହେବ ବୋଲି ହଜରତ ମୁହମ୍ମଦ କହି ସର୍ବ ପ୍ରଥମେ ମାତା ପିତାଙ୍କୁ ତାଙ୍କର ଉଚିତ୍ ସମ୍ମାନ ଦେଇଥିଲେ। ଏପରି ବି କହିଦେଲେ ଯେ ମାଆଙ୍କ ଚରଣରେ ସ୍ୱର୍ଗ ମିଳିଥାଏ। ହତଭାଗା ସେହି ବ୍ୟକ୍ତି ଯାହାକୁ ଜୀବନରେ ପିତା ମାତା ପରି ଅମୂଲ୍ୟ ସମ୍ପଦ ମିଳିଥାଏ, କିନ୍ତୁ ସେ ତାଙ୍କର ସେବା ଓ ସତ୍‌କାର କରି ସ୍ୱର୍ଗଗାମୀ ହୋଇ ପାରିନଥାଏ। ପୁଣି ସେ କହିଲେ; ଈଶ୍ୱରଙ୍କୁ ସବୁଠାରୁ ଭଲ ଲାଗୁଥିବା ଉତମ କାର୍ଯ୍ୟ ମଧ୍ୟରୁ ମାତା ପିତାଙ୍କ ସହ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ଅନ୍ୟତମ। କନ୍ୟା ସନ୍ତାନକୁ ସୁରକ୍ଷା ଦେବା ପାଇଁ କହିଲେ, ଯଦି କାହା ଘରେ ଗୋଟିଏ ବା ତା'ଠାରୁ ଅଧିକ କନ୍ୟା ସନ୍ତାନ ଜନ୍ମ ହୋଇଥାନ୍ତି ଏବଂ ମାତା ପିତାମାନେ ତାଙ୍କର ଉଚିତ୍ ରକ୍ଷଣା ବ୍ୟକ୍ଷଣ କରିବା ସହ



ପବିତ୍ର ମୁହମ୍ମଦ ଜୟନ୍ତୀ ଉପଲକ୍ଷେ

ସେମାନଙ୍କୁ ଉଚିତ୍ ଶିକ୍ଷା ଦେଇ କୃତକାର୍ଯ୍ୟ କରାଇଥାନ୍ତି, ତେବେ ସେହି ମାତା ପିତା ବୈକୁଣ୍ଠର ଅଧିକାରୀ ହୋଇଥାନ୍ତି। କନ୍ୟା ସନ୍ତାନ ହେଉ ବା ପୁତ୍ର ସନ୍ତାନ ସେମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା ପାଇଁ ଦରକାର ପଡ଼ିଲେ ଚୀନ ପରି ସୁଦୂର ଦେଶକୁ ପଠାଇବାକୁ ଅନୁମତି ଦେଇଥିଲେ। ପ୍ରତ୍ୟେକ ମଣିଷ ସେ ନର ହେଉ ବା ନାରୀ ଶିକ୍ଷା ଅର୍ଜନ କରିବା ଜରୁରୀ ବୋଲି ଘୋଷଣା କରିଥିଲେ। ପାଠ ପଢ଼ିବା ଦ୍ୱାରା ମଣିଷ ଭଲ ମନ୍ଦ ଏବଂ ଉଚିତ୍ ଓ ଅନୁଚିତ୍ ବିଷୟରେ ବୁଝିପାରିଥାଏ। ଯଦ୍ୱାରା ସେ ସତ୍‌ପଥ ଓ ଅସତ୍‌ପଥ ବିଷୟରେ ଜାଣିପାରିଥାଏ। ଯାହାଦ୍ୱାରା ସମାଜରେ ଉନ୍ନତି ଓ ଏକ ସଭ୍ୟ ସମାଜ ଗଢି ଉଠିଥାଏ। ଜଣେ ସ୍ତ୍ରୀ ପ୍ରତି ଉଦାରତା ଓ ସଦ୍‌ବ୍ୟବହାର ପ୍ରଦର୍ଶନ କରିବାକୁ ସେ ଆଦେଶ ଦେଇଥିଲେ। ସ୍ୱାମୀ ମରଣାନ୍ତେ ସ୍ତ୍ରୀ ପ୍ରତି ସମାଜରେ ଅନ୍ୟାୟ ଓ ଅତ୍ୟାଚାର ବଢ଼ିଥାଏ, କିନ୍ତୁ ମହାମାନବ ହଜରତ ମୁହମ୍ମଦ ସଲ୍ଲମ ସ୍ତ୍ରୀକୁ ସ୍ୱାମୀର ସମ୍ପତିର ଅଂଶୀଦାର ହେବାର ଘୋଷଣା କରି ସ୍ତ୍ରୀ ଜାତି ପ୍ରତି ଉଚିତ ନ୍ୟାୟ କରିଥିଲେ। ଏପରି କି ବିଧବା ସ୍ତ୍ରୀମାନଙ୍କୁ ଅନୁମତି ପ୍ରଦାନ କରିଥିଲେ ଯେ ସେମାନେ ଅନ୍ୟ କାହା ସହ ପୁନର୍ବିବାହ କରି ନିଜ ସୁଖ ବୈବାହିକ ଜୀବନ ଯାପନ କରିପାରିବେ। ସେ ଜଗତ ବାସୀଙ୍କ ପାଇଁ ଏପରି ଆଦର୍ଶ ଛାଡ଼ିଯାଇଛନ୍ତି କି ସ୍ତ୍ରୀର ପ୍ରତ୍ୟେକ ଅଧିକାରକୁ ପୁରଣ କରିବା ପୁରୁଷ ପ୍ରତି ଏକ ସମ୍ପୂର୍ଣ୍ଣ ଦାୟିତ୍ୱ ବୋଲି କହି ମହିଳାଙ୍କ ପ୍ରତି ନ୍ୟାୟ ଓ ସମ୍ମାନ ବ୍ୟକ୍ତ କରିଛନ୍ତି। ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଆବିର୍ଭାବ ସମୟରେ କ୍ରୀତଦାସ ପ୍ରଥା ଖୁବ ପ୍ରଚଳିତ ଥିଲା। ଏପରି କି ମଣିଷ ସହ ପଶୁ ଭଳି ବ୍ୟବହାର କରାଯାଉଥିଲା। ଅସଭ୍ୟତାର କୌଣସି ସୀମା ନଥିଲା। ସେହି କରୁଣାର ସାଗର ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କ୍ରୀଦଦାସମାନଙ୍କୁ ମୁକ୍ତ କରାଇଥିଲେ। ସେମାନଙ୍କୁ ସମାଜରେ ଉଚିତ୍ ସମ୍ମାନ ଓ ଅଧିକାର ଦେଇଥିଲେ। ସେମାନଙ୍କୁ ଧର୍ମ ଓ କର୍ମ କ୍ଷେତ୍ରରେ ଆଗକୁ ଆଣିଥିଲେ। ଏପରି କି ସେମାନଙ୍କୁ ପ୍ରଭୁଭକ୍ତ କରାଇଥିଲେ। ଯାହାଙ୍କ ଜୀବନାର୍ଦଶ ଏବେ ମଧ୍ୟ ଇସଲାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ଏପରି କି ପ୍ରଭୁ ଅଲ୍ଲାଃ ସେମାନଙ୍କ ଉପରେ ଚୀର କାଳ ପାଇଁ ପ୍ରସନ୍ନ ହୋଇଛନ୍ତି। ଇତିହାସ ସାକ୍ଷୀ ଦେଉଛି କି ସେହି ଜଙ୍ଗଲୀ, କ୍ରୀତଦାସ ଓ ଅସଭ୍ୟ ବୋଲାଉଥିବା ଅମଣିଷ ପର ସମୟରେ ରାଜା ମହାରାଜା ଏବଂ ଗଭର୍ନର ହୋଇପାରିଥିଲେ। ପଡ଼ୋଶୀ ସହ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା, ଶିଶୁ ସନ୍ତାନ ପ୍ରତି ବାତ୍ସଲ୍ୟ ମମତା ପ୍ରକଟ କରିବା, ଗୁରୁଜନ ପ୍ରତି ସମ୍ମାନ ବ୍ୟକ୍ତ କରିବା, ଅତିଥିମାନଙ୍କୁ ସତ୍କାର କରିବା, ପଥଚାରୀମାନଙ୍କୁ ପାଣି ପିଆଇବା, ବୃଦ୍ଧାଙ୍କ ସହ ସେବା ଓ ସାହାଯ୍ୟ କରିବା, ଗରିବ ଓ ଅସହାୟମାନଙ୍କୁ ସାହାଯ୍ୟ ଓ ସହଯୋଗ କରିବା, ପାପିମାନଙ୍କୁ ପାପରୁ ମୁକ୍ତ କରାଇବା, ଅମଣିଷକୁ ମଣିଷ କରିବା, ଅସଭ୍ୟକୁ ସଭ୍ୟକରିବା ତଥା ବିଶ୍ୱରେ ପ୍ରେମ, ସ୍ନେହ, ସୌହାର୍ଦ୍ଦ, ସଦ୍‌ଭାବନା, ସହିଷ୍ଣୁତା, ଭ୍ରାତୃଭାବ ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେହି ମହାମାନବ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଜଗତବାସୀଙ୍କ ପାଇଁ ଅବଦାନ ବିରଳ ଓ ଆଦର୍ଶନୀୟ।

ଆଜି ବିଶ୍ୱ ସମାଜରେ ଅହମଦୀୟା ମୁସଲିମ ସଂଗଠନ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଆନୁଗତ୍ୟରେ ସେହି ମହାନ ଶାନ୍ତି ପ୍ରଦାୟକ ଶିକ୍ଷାକୁ ସମଗ୍ର ବିଶ୍ୱରେ ପ୍ରଚାର ଓ ପ୍ରସାର କରିଚାଲିଛି। ବିଶ୍ୱରେ ସ୍ଥାୟୀ ଶାନ୍ତି ସ୍ଥାପନା ପାଇଁ ନିରନ୍ତର ପ୍ରୟାସ କରିଚାଲିଛି। ଅହମଦୀୟା ମୁସଲିମ ସଂଗଠନର ମୂଳମନ୍ତ୍ର " ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ "ର ବାର୍ତ୍ତା ଆଜି ଘରେ ଘରେ, ଦେଶ ବିଦେଶରେ ଶାନ୍ତି ପ୍ରତି ଆହ୍ୱାନ ଦେଉଛି। ସମଗ୍ର ବିଶ୍ୱ ଆଜି ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଜୀବନାର୍ଦଶ ଅନୁଯାୟୀ ଅନୁପ୍ରାଣୀତ ହେବାରେ ଲାଗିଲାଣି। ପ୍ରତ୍ୟେକ ରାଷ୍ଟ୍ର ଇସଲାମର ଶାନ୍ତି ଓ ସହିଷ୍ଣୁତାର ଶିକ୍ଷାକୁ ଆପଣାଇବାକୁ ଉଦ୍ୟମ କଲାଣି। ପ୍ରତ୍ୟେକ ରାଷ୍ଟ୍ରର ନିଅମ କାନୁନରେ ଇସଲାମୀୟ ଶିକ୍ଷାକୁ ଉଚିତ୍ ସ୍ଥାନ ମିଳିଲାଣି। ଏପରି କି କେତେକ ରାଷ୍ଟ୍ରର ସମ୍ବିଧାନରେ ମଧ୍ୟ ଇସଲାମର ସୁନ୍ଦର ଓ ଶାନ୍ତିଦାୟକ ଶିକ୍ଷାକୁ ଲାଗୁ କରାଗଲାଣି।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ସେହି ମହାମାନବ, ଜଗତଗୁରୁ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ପବିତ୍ର ଆଦର୍ଶକୁ ମନେପକାଇ ସବୁ କ୍ଷେତ୍ରରେ ମାନବକୁ ତା'ର ଉଚିତ୍ ଅଧିକାର ଦେବା ପାଇଁ ଉଦ୍ୟମ ଜାରି ରଖିବା। ବିଶ୍ୱଶାନ୍ତି, ଏକତା ଓ ଅଖଣ୍ଡତା ତଥା ଭାଇଚାରା ପ୍ରତିଷ୍ଠା ଦିଗରେ ଏକ ମନ ଏକ ପ୍ରାଣ ହୋଇ ମଳିତ ପ୍ରୟାସ କରିବା। ସର୍ବେ ଭବନ୍ତୁ ସୁଖିନଃ।

ମଙ୍ଗଳାବାଗ-କଟକ
ମୋ:୯୬୯୨୨୨୫୦୫୭

# ଜନପ୍ରତିନିଧିଙ୍କ ଦାୟିତ୍ୱ ଓ କ୍ଷମତା

ଅନିଲ କୁମାର ବିଶ୍ୱାଳ

ଆଜି ଦୁନିଆରେ ଯେତେ ପ୍ରକାରର ଶାସନ ବ୍ୟବସ୍ଥା ରହିଛି ସବୁଠାରୁ ଗଣତାନ୍ତ୍ରିକ ବ୍ୟବସ୍ଥାଟିକୁ ସବୁଠାରୁ ସର୍ବୋତମ ଶାସନ ବ୍ୟବସ୍ଥା ଭାବରେ ଗ୍ରହଣ କରାଯାଇଛି। କାରଣ ଏଥିରେ କିଏ ଶାସନ କରିବ ତାଙ୍କୁ ବାଛିବାର ଅଧିକାର ଲୋକଙ୍କୁ ଦିଆଯାଇଛି। ଗଣତନ୍ତ୍ରରେ ଲୋକମାନେ ଭୋଟ ଦେଇ ସେମାନଙ୍କର ପ୍ରତିନିଧୀ ବାଛିବେ, ସେହି ଜନପ୍ରତିନିଧୀମାନଙ୍କ ମୁଣ୍ଡରେ ଶାସନର ଦାୟୀତ୍ୱ ରହିବ। ସେମାନେ ଲୋକଙ୍କ ପାଖରେ ଉତର ଦାୟୀ ରହିବେ। ସେଥିପାଇଁ ନିର୍ବାଚିତ ହେଉଥିବା ଜନପ୍ରତିନିଧୀ ଯଥା ବିଧାୟକ, ସାଂସଦ, ସଂରପଚ, ଜିଲ୍ଲା ପରିଷଦ, ବ୍ଲକ ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ଏମାନେ ହେଉଛନ୍ତି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜଣେ ଜଣେ ମଙ୍ଗୁଆଳ। ସେମାନେ ଯେତେ କ୍ଷମତାଶାଳି ହେବେ ଲୋକମାନେ ସେତେ ଶକ୍ତିମାନ ହେବେ। ଏଠାରେ କ୍ଷମତା କହିଲେ ଶକ୍ତି ପଦର୍ଶନକାରୀ କ୍ଷମତା ନୁହେଁ, ଏହା ହେଉଛି ଲୋକଙ୍କ ପାଇଁ କାମ କରିବାର ଦାୟୀତ୍ୱ ଏବଂ ସକ୍ଷମତା। ବେଳେବେଳେ ପ୍ରଶ୍ନ ଉଠେ ଯେ ବର୍ତ୍ତମାନର ପ୍ରଚଳିତ ବ୍ୟବସ୍ଥାରେ ସତରେ କଣ ଜନପ୍ରତିନିଧୀମାନଙ୍କୁ ଯଥେଷ୍ଟ କ୍ଷମତା ଦିଆଯାଇଛି କି ? ଏହା ଉପରେ ତର୍ଜମା କରିବାର ଆବଶ୍ୟକତା ଅଛି ବୋଲି ମନେହୁଏ।



ଯେପରି ରାଜ୍ୟର ମୁଖ୍ୟ ହେଉଛନ୍ତି ମୁଖ୍ୟମନ୍ତ୍ରୀ, ଦେଶର ମୁଖ୍ୟ ପ୍ରଧାନମନ୍ତ୍ରୀ, ଜିଲ୍ଲାର ମୁଖ୍ୟ ହେଉଛନ୍ତି ଜିଲ୍ଲାପାଳ। ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ହେଉଛି ଲୋକଙ୍କ ଦ୍ୱାରା ନିର୍ବାଚିତ ପଦବୀ, କିନ୍ତୁ ଜିଲ୍ଲାପାଳ ତାହା ନୁହେଁ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସନ ବ୍ୟବସ୍ଥାର ଏଭଳି ଏକ ମୁଖ୍ୟପଦବୀକୁ ଯଦି ଲୋକଙ୍କ ଦ୍ୱାରା ସିଧାସଳଖ ବା ପରୋକ୍ଷ ଭାବରେ ନିର୍ବାଚିତ କରାଯାଆନ୍ତା ତାହେଲେ ଲୋକଙ୍କ କ୍ଷମତା ବଢ଼ନ୍ତା ଏବଂ ପଦବୀର ଉତର ଦାୟୀତ୍ୱ ଲୋକଙ୍କ ପାଖରେ ବୃଦ୍ଧି ହୁଅନ୍ତା। ତେଣୁ ଜିଲ୍ଲାମୁଖ୍ୟ ପଦଟିକୁ ଜନ ପ୍ରତିନିଧୀ ପଦରେ ପରିଣତ କରିଲେ କେମିତି ହୁଅନ୍ତା ଏହା ଉପରେ ଆଲୋଚନା କରିବାର ଆବଶ୍ୟକତା ରହିଛି। ଶାସନର ସୁବିଧା ଦୃଷ୍ଟିରୁ ତାଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଶାସନିକ ଅଧୀକାରୀ ନିଯୁକ୍ତି କରିବାରେ କିଛି ଅସୁବିଧା ନାହିଁ। ଏମିତିକି ସାଂସଦ ହୁଅନ୍ତୁ ବା ବିଧାୟକ ହୁଅନ୍ତୁ ତାଙ୍କ ପାଇଁ ନିଜ ଅଞ୍ଚଳରେ ସରକାରୀ ସ୍ତରରେ କାର୍ଯ୍ୟାଳୟ ବୋଲି କିଛି ନାହିଁ।

ଦେଶର ସମ୍ବିଧାନ ପୁରା ଶାସନ ବ୍ୟବସ୍ଥାକୁ ତିନି ଭାଗରେ ବିଭକ୍ତ କରିଛି। ନ୍ୟାୟପାଳିକାକୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି ସତ କିନ୍ତୁ ଦେଶ ଚଳାଇବା ଦୃଷ୍ଟିରୁ ସବୁଠାରୁ ଅଧିକ କ୍ଷମତାଯୁକ୍ତ କରାଯାଇଛି ବ୍ୟବସ୍ଥାପିକାକୁ। କିନ୍ତୁ କିଛି ସୀମିତତା ପାଇଁ ବାସ୍ତବରେ ଜନପ୍ରତିନିଧୀମାନଙ୍କ ଆଗରେ କାର୍ଯ୍ୟପାଳିକା ବେଶି କ୍ଷମତାଯୁକ୍ତ ପ୍ରତୀୟମାନ ହେଉଛି। ସେଥିପାଇଁ ବ୍ୟବସ୍ଥାଗତ ତ୍ରୁଟି ଗୋଟିଏ କାରଣ ହୋଇଥିବାବେଳେ ଆଉ ଗୋଟିଏ କାରଣ ହେଉଛି ରାଜନୈତିକ।

ଆମେ ବ୍ୟବସ୍ଥାଗତ ତ୍ରୁଟି ଉପରେ ଆଲୋଚନା କରିବା। ଲୋକମାନେ ଭୋଟ ଦେଇ ସରକାର ବାଛିଲେ। ହେଲେ ସରକାରରେ ସମସ୍ତ ଜନପ୍ରତିନିଧୀଙ୍କର ସ୍ଥାନ ନାହିଁ। ସରକାର କହିଲେ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ମନ୍ତ୍ରୀ ମଣ୍ଡଳ, ଶାସନ ସଚିବ, ଜିଲ୍ଲାପାଳ ଏବଂ ଅନ୍ୟ ଅଧିକାରୀଗଣ। ସରକାର କେମିତି ଚାଲିବ, କଣ ନିଷ୍ପତି ନିଆଯିବ ସେଥିରେ ଜଣେ ସାଧାରଣ ନିର୍ବାଚିତ ଜନପ୍ରତିନିଧୀର ବିଶେଷ କିଛି ଭୂମିକା ନାହିଁ। ସରକାରରେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ପାଖରେ ଅନ୍ୟ ଜନପ୍ରତିନିଧୀଙ୍କ ତୁଳନାରେ ଆଉ ଏମିତି କେଉଁ ବିଶେଷ କ୍ଷମତା ଅଧିକ ଅଛି ଯେଉଁଥି ପାଇଁ ସେମାନେ ଅଧିକ କ୍ଷମତାଶାଳୀ ? ଦୁଇ ଜଣ ଯାକ ନିର୍ବାଚିତ ଜନପ୍ରତିନିଧୀ ହେଲେ ମନ୍ତ୍ରୀଙ୍କ ପାଖରେ ରହିଛି କାର୍ଯ୍ୟନିବାହୀ କ୍ଷମତା ଯାହା ଜଣେ ମନ୍ତ୍ରୀଙ୍କୁ ଆଉ ଜଣେ ବିଧାୟକ ବା ସାଂସଦଙ୍କ ଅପେକ୍ଷା ବେଶୀ କ୍ଷମତାଶାଳୀ ଏବଂ ବେଶି ଉତରଦାୟୀ କରୁଛି। ଜଣେ ସାଧାରଣ ବିଧାୟକ ବା ସାଂସଦଙ୍କ ପାଖରେ କାର୍ଯ୍ୟନିବାହୀ କ୍ଷମତା ନାହିଁ। କେବଳ ନିଜ ଆଞ୍ଚଳିକ ଉନ୍ନୟନ ହାତ ପାଣ୍ଠି ଛଡା ଆଉ କୌଣସି ଆର୍ଥୀକ କ୍ଷମତା ମଧ୍ୟ ନାହିଁ। ଏପରିକି ନିଜ ନିର୍ବାଚନ ମଣ୍ଡଳୀରେ କୌଣସି ଉନ୍ନୟନ ମୁଳକ କାମ କରିବାକୁ ହେଲେ ସେମାନଙ୍କୁ ଜିଲ୍ଲାପାଳ, ମନ୍ତ୍ରୀ, ସଚିବଙ୍କୁ ଅନୁରୋଧ କରିବାକୁ ପଡ଼ିବ। ତାହା ହେବକି ନହେବ ତାହା ଜନପ୍ରତିନିଧୀଙ୍କର କଥାରେ ନଥାଏ। କିନ୍ତୁ ଜଣେ ପ୍ରଶାସନିକ ଅଧିକାରୀଙ୍କର ଏ ସମସ୍ତ ପ୍ରକାର କ୍ଷମତା ରହିଛି। ଜଣେ ଜିଲ୍ଲାପାଳ ଚାହିଁଲେ କୌଣସି ନିୟମ ସେହି ଜିଲ୍ଲା ପାଇଁ କରିପାରିବେ, ଯେକୌଣସି ଉନ୍ନତି ମୁଳକ କାମ ପାଇଁ ଅର୍ଥ ବରାଦ କରିପାରିବେ, ନୂଆ ପ୍ରକଳ୍ପ ଆରମ୍ଭ କରିପାରିବେ, ବିଭିନ୍ନ ପ୍ରକାରର ଜନକଲ୍ୟାଣ ଯୋଜନାକୁ ଲାଗୁ କରାଇବାରେ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିବେ, କାହାର ଭୁଲ ଯଦି ହୁଏ ତାଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ। କିନ୍ତୁ ଜଣେ ବିଧାୟକ ବା ସାଂସଦ ସେ କେବଳ ବିଧାନସଭା ବା ସଂସଦରେ ନିୟମ ପ୍ରସ୍ତୁତରେ ଭାଗିଦାରି ହେବା ଛଡା ଆଉ ସେପରି କୌଣସି କ୍ଷମତାର ଅଧିକାରୀ ନୁହେଁ। ନିଜ ନିର୍ବାଚନ ମଣ୍ଡଳୀରେ ଜଣେ ଲୋକ ପ୍ରତିନିଧୀଙ୍କର ଯେପରି କାର୍ଯ୍ୟ ନିର୍ବାହୀ କ୍ଷମତା ଏବଂ ଆର୍ଥୀକ କ୍ଷମତା ରହିବାର ଆବଶ୍ୟକତା ରହିଛି ସେପରି ନାହିଁ କହିଲେ ଚଳେ। ବିଧାୟକ ବା ସାଂସଦ ବା ଅନ୍ୟ କୌଣସି ନିର୍ବାଚିତ ଜନପ୍ରତିନିଧିଙ୍କ କଥା ଯଦି କାର୍ଯ୍ୟପାଳିକାମାନେ ନମାନିଲେ ତାହା ହେଲେ ଏହା ଉପରେ ସଂମ୍ପୃକ୍ତ ବିଧାୟକ ହୁଅନ୍ତୁ ବା ସାଂସଦ ହୁଅନ୍ତୁ ବା କୌଣସି ସ୍ଥାନୀୟ ପରିଷଦର ଅଧ୍ୟକ୍ଷ ହୁଅନ୍ତୁ ସେମାନେ ସମ୍ପୃକ୍ତ ଅଧିକାରିଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିବାର ସେପରି କିଛି ବ୍ୟବସ୍ଥା ନାହିଁ। ଜନପ୍ରତିନିଧୀମାନେ କେବଳ ଏହାର ରାଜନୈତିକ ପ୍ରତିବାଦ କରିପାରିବା ଛଡା ଆଉ କୌଣସି ଉପାୟ ସେମାନଙ୍କ ପାଖରେ ନାହିଁ। ସେ କେବଳ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିପାରିବେ ବା ଉପରିସ୍ଥ ଅଧିକାରିଙ୍କୁ ଲିଖିତ ଅଭିଯୋଗ ଜଣାଇ ପାରିବେ। କିନ୍ତୁ ଜଣେ ଜିଲ୍ଲାପାଳଙ୍କର ଅଧୀକାର ଅଛି ଜିଲ୍ଲା ସ୍ତରୀୟ ଲୋକ ପ୍ରତିନିଧିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାର। ହଁ, ବିଧାୟକ ବା ସାଂସଦମାନେ କୌଣସି ଚିଠି ଲେଖିଲେ ଏହାର ଉତର ଦେବା ପାଇଁ କାର୍ଯ୍ୟନିର୍ବାହୀ ବାଧ୍ୟ କିନ୍ତୁ ଏହା କେବଳ କୌଣସି ବିଷୟରେ ତଥ୍ୟ ହାସଲ ପାଇଁ ରେ ସୀମିତ। ଯଦି ଆମେ ଏହି ଦୃଷ୍ଟିରୁ ତୁଳନା କରିବା ତାହେଲେ କାହା ହାତରେ ବେଶି ଦାୟୀତ୍ୱ ଏବଂ କ୍ଷମତା ? ବ୍ୟବସ୍ଥାପିକା ନା କାର୍ଯ୍ୟପାଳିକା ? ସ୍ୱାଭାବିକ ଭାବରେ କାର୍ଯ୍ୟପାଳିକା। କିନ୍ତୁ ଗଣତନ୍ତ୍ରର ମୁଳ ଭାବନା ଅନୁସାରେ ବ୍ୟବସ୍ଥାପିକା ଅଧୀକ କ୍ଷମତାଶାଳି, କାରଣ ସେମାନଙ୍କୁ ଲୋକ ନିର୍ବାଚିତ କରି ପଠାଇଛନ୍ତି। କିନ୍ତୁ ବାସ୍ତବତା କିଛି ଅଲଗା।

ଖାଲି ଯେ ବିଧାୟକ ବା ସାଂସଦଙ୍କ କ୍ଷେତ୍ରରେ ଏମିତି ହେଉଛି ତାହା ନୁହେଁ। ଗ୍ରାମପଞ୍ଚାୟତ, ଜିଲ୍ଲାପରିଷଦ, ସହରାଞ୍ଚଳ ପରିଷଦମାନଙ୍କରେ ବି ସମାନ ବ୍ୟବସ୍ଥା। ଜନପ୍ରତିନିଧୀମାନଙ୍କ ଭିତରୁ ଯିଏ ଅଧ୍ୟକ୍ଷ ହୋଇଗଲା ତାଙ୍କର ଯେହେତୁ କିଛି କାର୍ଯ୍ୟନିର୍ବାହୀ କ୍ଷମତା ରହିଲା ସେ କିଛି ମାତ୍ରାରେ କ୍ଷମତାଯୁକ୍ତ। ବାକି ଅନ୍ୟ ସମସ୍ତ ଜନପ୍ରତିନିଧୀମାନଙ୍କ ପାଖରେ କୌଣସି କ୍ଷମତା ନାହିଁ। କ୍ଷମତା ରହୁଛି ବ୍ଲକ ଉନ୍ନୟନ ଅଧିକାରୀଙ୍କ ପାଖରେ ବା ଜିଲ୍ଲାପାଳଙ୍କ ପାଖରେ। ପଞ୍ଚାୟତ ସ୍ତରରେ ବା ବ୍ଲକ ସ୍ତରରେ ଯେଉଁ ଜନପ୍ରତିନିଧୀମାନେ ଅଛନ୍ତି ବାସ୍ତବରେ ଦେଖିବାକୁ ଗଲେ ସେମାନଙ୍କର ନା କୌଣସି କାର୍ଯ୍ୟନିର୍ବାହି କ୍ଷମତା ଅଛି ନା କୌଣସି ଆଇନ ପ୍ରଣୟନ କ୍ଷମତା। ସେମାନେ କେବଳ ମଧ୍ୟସ୍ଥି କାମ କରୁଛନ୍ତି, ଜନତା ଓ ପ୍ରଶାସନ ଭିତରେ। ପଞ୍ଚାୟତରେ ମୌଳିକ ସମସ୍ୟା ଯେପରିକି ସ୍ୱାସ୍ଥ୍ୟ, ଶୀକ୍ଷା ଆଦି ପ୍ରସଙ୍ଗରେ ସମସ୍ୟା ହେଲେ ତାକୁ ସମାଧାନ କରିବାର କ୍ଷମତା ସେମାନଙ୍କର ନାହିଁ।

କ୍ଷମତାର ବିକେନ୍ଦ୍ରୀକରଣ ବିଶ୍ୱରେ ଯେତେ ଗଣତାନ୍ତ୍ରିକ ରାଷ୍ଟ୍ର ଅଛି ସବୁଠାରେ ଅଲଗା ଅଲଗା। ଆମେରିକାରେ ବ୍ୟବସ୍ଥାପିକାର କାମ କଂଗ୍ରେସ ବା ପ୍ରତିନିଧି ସଭାର କିନ୍ତୁ ଏହା ସହିତ ସଂସଦମାନଙ୍କର କାର୍ଯ୍ୟନିର୍ବାହୀ କ୍ଷମତା ମଧ୍ୟ ନିଜ ନିଜ ଅଞ୍ଚଳ ପାଇଁ ରହିଛି। ବ୍ରାଜିଲରେ ଏହି କ୍ଷମତା ଆଉ ଟିକିଏ ଶକ୍ତ। ଆମେରିକାରେ ଯେଉଁ ଅମଲାମାନେ କାର୍ଯ୍ୟନିର୍ବାହୀ କାମ ସମ୍ଭାଳନ୍ତି ସେମାନେ ଦୁଇ ପ୍ରକାର। କ୍ୟାଡର ବ୍ୟୁରୋକ୍ରାଟ ଏବଂ ପ୍ରଫେସନାଲ ବ୍ୟୁରୋକ୍ରାଟ। ଭାରତରେ ଇନ୍ଦିରା ଗାନ୍ଧୀ ଏବଂ ରାଜ ନାରାୟଣଙ୍କ ମାମଲାରେ ମାନ୍ୟବାର ସୁପ୍ରିମକୋର୍ଟ କହିଥିଲେ ଯେ ଆମ ଦେଶର ସମ୍ବିଧାନ ଅନୁସାରେ କ୍ଷମତାର ବିକେନ୍ଦ୍ରୀ କରଣ ବିଶ୍ୱର ଅନ୍ୟ ଦେଶ ଭଳି କଠୋର ବା ଦୃଢ଼ ନୁହେଁ। ଏହା ନମନୀୟ ଏବଂ ଏହାର ଅର୍ଥ ବ୍ୟାପକ। ଯେପରିକି ରାଷ୍ଟ୍ରପତି, ବିଚାରପତିଙ୍କ ବିରୋଧରେ ହେଉଥିବା ମହାଭିଯୋଗର ବିଚାର କୋର୍ଟ କରିପାରିବନି, ଏହା କରିବ ବ୍ୟବସ୍ଥାପିକା। ସେହିପରି ଆର୍ଟିକିଲ ୧୩ ଅନୁସାରେ ସଂସଦ ବା ବିଧାନସଭା କରିଥିବା ଆଇନକୁ ତର୍ଜମା କରିବାର କ୍ଷମତା ଦିଆଯାଇଛି ନ୍ୟାୟପାଳିକାକୁ। ଆମେରିକାରେ ଏହି ଦୁଇଟି କଥା ଦେଖିବାକୁ ମିଳେ ନାହିଁ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅଦାଲତରେ ଠିଆ ହେବାକୁ ପଡ଼ିଥିଲା। ସେହିପରି ଆମେରିକାର କଂଗ୍ରେସରେ ଯେଉଁ ନିୟମ ପ୍ରସ୍ତୁତ ହୋଇଯାଇଛି ତାକୁ ସେହି ଦେଶର ଅଦାଲତ ତର୍ଜମା କରିପାରିବ ନାହିଁ।

ସବାଶେଷରେ ଏତିକି କହିବା ଯେ ଗଣତନ୍ତ୍ର ହିଁ ହେଉଛି ଶ୍ରେଷ୍ଠ ବ୍ୟବସ୍ଥା। ସବୁ ବ୍ୟବସ୍ଥାରେ ସଂସ୍କାର ଆସିବା ଏକ ପ୍ରକ୍ରିୟା। ୫୦ ବର୍ଷ ତଳେ ଯେଉଁ ବ୍ୟବସ୍ଥାଗତ ତ୍ରୁଟି ଥିଲା ତାହା ଆଜି ନାହିଁ କି ଆଜି ଯାହା ଅଛି ଆଉ ୫୦ ବର୍ଷ ପରେ ତାହା ନଥିବ। ଆମକୁ ସ୍ୱର ଉଠାଇ, ବିତର୍କ କରି, ସଂସ୍କାର ପାଇଁ ରାସ୍ତା ଖୋଲା କରିବାକୁ ପଡ଼ିବ। ଗଣତନ୍ତ୍ର କହିଲେ ଲୋକମାନଙ୍କ ଦ୍ୱାରା ଶାସନ। ଲୋକମାନେ ଜନପ୍ରତିନିଧୀଙ୍କୁ ବାଛନ୍ତି ଶାସନ ଚଳାଇବା ପାଇଁ। ତେଣୁ ସେମାନଙ୍କୁ ଅଧୀକ କ୍ଷମତାଦେଲେ ପରୋକ୍ଷରେ ଲୋକମାନେ ହିଁ କ୍ଷମତାଶାଳୀ ହେବେ।

ଜଟଣୀ, ଖୋର୍ଦ୍ଧା
ମୋବାଇଲ୍: ୯୪୩୮୫୭୯୨୯୦

# କେଜରିୱାଲ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ

## ନଭେମ୍ବରରେ ବିଧାନସଭା ନିର୍ବାଚନ କରିବାକୁ ପ୍ରସ୍ତାବ



**ନୂଆଦିଲ୍ଲୀ, ୧୫।୯:** ସୁପ୍ରିମକୋର୍ଟରୁ ଜାମିନ ପାଇ ଜେଲରୁ ମୁକୁଳିଥିବା ଅରବିନ୍ଦ କେଜରିୱାଲ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ। ଦୁଇ ଦିନ ପରେ ସେ ତାଙ୍କ ପଦରୁ ଇସ୍ତଫା ଦେବେ ବୋଲି କହିଛନ୍ତି। ତେବେ କିଏ ତାଙ୍କ ସ୍ଥାନରେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ସେ ସ୍ପଷ୍ଟ କରି ନାହାଁନ୍ତି। ତାଙ୍କ ଭଳି ଜେଲରୁ ଜାମିନରେ ମୁକୁଳିଥିବା ମନିଷ ସିସୋଦିଆ ମଧ୍ୟ ମୁଖ୍ୟମନ୍ତ୍ରୀ ହେବେ ନି। ଆଉ ଜଣେ କେହି ଦଳର ଯୋଗ୍ୟ ବ୍ୟକ୍ତି ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ହେବେ ବୋଲି କେଜରିୱାଲ ସୂଚନା ଦେଇଛନ୍ତି।

ସୁପ୍ରିମକୋର୍ଟରୁ ଜାମିନ ପାଇ ଗତକାଲି ସନ୍ଧ୍ୟାରେ କେଜରିୱାଲ ତିହାର ଜେଲରୁ ମୁକୁଳିଥିଲେ। ଆଜି ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଆଗାମୀ ନଭେମ୍ବରରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସହିତ ଦିଲ୍ଲୀ ବିଧାନସଭା ପାଇଁ ମଧ୍ୟ ନିର୍ବାଚନ କରିବାକୁ ସେ ପ୍ରସ୍ତାବ ରଖିବେ। ଏଥିପାଇଁ ବିଧାନସଭା ଭାଙ୍ଗିବାକୁ ପ୍ରସ୍ତାବ ଆଗତ ହେବ। ଏହା ପୂର୍ବରୁ ସେ ତାଙ୍କ ପଦରୁ ଇସ୍ତଫା ଦେଇ ଜନତାଙ୍କ କୋର୍ଟକୁ ଯିବେ। ଜନାଦେଶ ଆଧାରରେ ସେ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବେ। ଜନତା ଯାହା ଚାହିଁବେ ତାହା ହେବ। ଉଲ୍ଲେଖ ଯୋଗ୍ୟ ଯେ, ସୁପ୍ରିମକୋର୍ଟ ତାଙ୍କୁ ଜାମିନ ପ୍ରଦାନ ବେଳେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ)କୁ ନଯିବା ଏବଂ ଉପ-ରାଜ୍ୟପାଳଙ୍କ ଅନୁମତି ବିନା କୌଣସି ଫାଇଲରେ ସ୍ୱାକ୍ଷର କରିପାରିବେ ନାହିଁ ବୋଲି ସର୍ତ୍ତ ରଖିଛନ୍ତି। ଏଭଳି ପରିସ୍ଥିତିରେ ସେ ମୁଖ୍ୟମନ୍ତ୍ରୀ ପଦରେ ରହିବା-ନରହିବା ସମାନ। ବରଂ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ଅନ୍ୟ କାହାକୁ ଦାୟିତ୍ୱ ହସ୍ତାନ୍ତର କରିବା ଉଚିତ ହେବ ବୋଲି ସେ ବିଚାର କରି ଏଭଳି ନିଷ୍ପତ୍ତି ନେଇଛନ୍ତି। କେଜରିୱାଲ କହିଛନ୍ତି ଯେ ସେ କ୍ଷମତା ପାଇଁ ଲାଳାୟିତ ନୁହଁନ୍ତି। ଦିଲ୍ଲୀବାସୀ ତାଙ୍କୁ ସେବା କରିବାକୁ ସୁଯୋଗ ଦେଇଛନ୍ତି। ସେ କ୍ଷମତାକୁ ଜାବୁଡ଼ି ଧରିବାକୁ ଚାହାଁନ୍ତି ନାହିଁ।

ତେବେ ବିଜେପି ଏହାକୁ ପିଆର ଷ୍ଟଣ୍ଟ ବୋଲି କହି ସମାଲୋଚନା କରିଛି। ଯଦି କେଜରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ଚାହୁଁଛନ୍ତି ତେବେ ଦୁଇଦିନ ପରେ କାହିଁକି ଆଜି କାହିଁକି ନୁହେଁ ବୋଲି ବିଜେପି ପ୍ରଶ୍ନ କରିଛି। ଜାମିନରେ ଆସିଥିବା କେଜରିୱାଲ ଦୋଷମୁକ୍ତ ହୋଇ ନାହାଁନ୍ତି ବୋଲି ବିଜେପି କହିଛି।



**ପ୍ରଶାନ୍ତ କିଶୋରଙ୍କ ବୟାନ**

# କ୍ଷମତାକୁ ଆସିଲେ ମଦ ବିକ୍ରୀ କଟକଣା ଉଠାଇବି

**ପାଟନା, ୧୫।୯:** ବିହାରରେ କ୍ଷମତାକୁ ଆସିବାର ଘଣ୍ଟାକ ଭିତରେ ରାଜ୍ୟରେ ମଦ ବିକ୍ରୀ ଉପରେ ଲାଗିଥିବା କଟକଣା ଉଠାଇଦେବି ବୋଲି କହିଛନ୍ତି ଜନସୁରଜ ପାର୍ଟୀର ମୁଖ୍ୟ ପ୍ରଶାନ୍ତ କିଶୋର। ଆଗାମୀ ଅକ୍ଟୋବର ୨ରେ ତାଙ୍କ ପାର୍ଟୀର ପ୍ରତିଷ୍ଠା ଦିବସ ପାଳିତ ହେବାକୁ ଯାଉଛି। ଏହା ପୂର୍ବରୁ ସେ କହିଛନ୍ତି ଯେ, ବିହାର ବିଧାନସଭା ନିର୍ବାଚନରେ ତାଙ୍କ ଦଳ ସବୁ ଆସନରେ ପ୍ରାର୍ଥୀ ଦେବ। ଆଗାମୀ ନିର୍ବାଚନରେ ବିହାରବାସୀ ଉଭୟ ବିଜେଡି-ଜେଡିୟୁ ମେଣ୍ଟ ବା ଏନଡିଏ ଏବଂ ଆରଜେଡି-କଂଗ୍ରେସ ମେଣ୍ଟକୁ ପ୍ରତ୍ୟାକ୍ୟାନ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତାଙ୍କ ଦଳ ବିହାରବାସୀଙ୍କ ପାଇଁ ତୃତୀୟ ବିକଳ୍ପ ଭାବେ ଉଭା ହୋଇଛି। ଗତ ଦୁଇ ବର୍ଷ ଧରି ସେ ରାଜ୍ୟବ୍ୟାପୀ ଗସ୍ତ କରି ଦଳକୁ ସଙ୍ଗଠିତ ଏବଂ ସୁଦୃଢ଼ କରିଛନ୍ତି। ଆଗାମୀ ନିର୍ବାଚନରେ ତାଙ୍କ ଦଳ ଶକ୍ତି ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି। ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ପଦଯାତ୍ରା ସମ୍ପର୍କରେ ସେ କହିଛନ୍ତି ଯେ, ଯାହା ହେଉ ଶେଷରେ ସେ ଘରୁ ବାହାରି ଲୋକଙ୍କ ନିକଟକୁ ଯାଇଛନ୍ତି। ତାଙ୍କୁ ମୋର ଶୁଭକାମନା ବୋଲି ପ୍ରଶାନ୍ତ କିଶୋର କହିଛନ୍ତି। ଉଭୟ ନୀତିଶ ଏବଂ ତେଜସ୍ୱୀ ଯାଦବ ବିହାରର କ୍ଷତି ସାଧନ କରିଛନ୍ତି ବୋଲି ପ୍ରଶାନ୍ତ କହିଛନ୍ତି। ତେଜସ୍ୱୀଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ, ଯିଏ ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି, ଯିଏ ଜିଡିପି କ'ଣ ଜାଣି ନାହାଁନ୍ତି ସେ ବିହାରର ବିକାଶ କଥା କହିବା ଶୋଭାପାଉନି।



## ଦୁର୍ଘଟଣାରେ ୬ ତୀର୍ଥଯାତ୍ରୀ ମୃତ, ୩ ଆହତ

**ଜୟପୁର, ୧୫।୯:** ରାଜସ୍ଥାନ ବୁନ୍ଦିରେ ଦୁର୍ଘଟଣା ଘଟି ୬ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ। ଏଥିସହ ତିନି ଜଣ ଆହତ ହୋଇଛନ୍ତି। ଆଜି ସକାଳେ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉତ୍ତର ପ୍ରଦେଶ ଦେୱାସର କିଛି ତୀର୍ଥଯାତ୍ରୀ ରାଜସ୍ଥାନର ସିକର ଜିଲ୍ଲାରେ ଥିବା ଖଟୁ ଶ୍ୟାମ ମନ୍ଦିରକୁ ପୂଜାର୍ଚ୍ଚନା କରିବାକୁ ଯାଉଥିଲେ। ଏହି ସମୟରେ ଜୟପୁର ଜାତୀୟ ରାଜପଥ ହିଣ୍ଡୋଲି ନିକଟରେ ସେମାନଙ୍କ କାରକୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ୬ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟି ଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ଆଜି ଭୋର ସାଢେ ଚାରିଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ, ତୀର୍ଥଯାତ୍ରୀ କାରକୁ ଏକ ଅଜଣା ଗାଡ଼ି ଧକ୍କା ଦେଇଛି। ଆମେ ଗାଡ଼ିକୁ ଚିହ୍ନଟ କରିବା ସହ ମୃତକଙ୍କ ପରିଚୟ ଜାଣିବାକୁ ଚେଷ୍ଟା କରୁଛୁ।

## ଅସୁସ୍ଥ ମହିଳାଙ୍କୁ ଦୁଷ୍କର୍ମ କଲା ୱାର୍ଡ ବୟ

**କୋଲକାତା, ୧୫।୯:** ପୁଣି କୋଲକାତାର ଗୋଟିଏ ହସ୍ପିଟାଲରେ ଘଟିଛି ଲଜ୍ଜାଜନକ ଘଟଣା। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅସୁସ୍ଥ ପୁଅ ପାଖରେ ଶୋଇଥିବା ମା' ହୋଇଛନ୍ତି ଅସଦାଚରଣର ଶିକାର। ହସ୍ପିଟାଲର ଜଣେ କର୍ମଚାରୀ ୱାର୍ଡ ଭିତରେ ହିଁ ୨୬ ବର୍ଷୀୟ ମହିଳାଙ୍କ ସହ ଏପରି କାଣ୍ଡ ଘଟାଇଛି।

ମହିଳା ଜଣଙ୍କ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ କୋଲକାତାର ଇନଷ୍ଟିଚ୍ୟୁଟ ଅଫ ହେଲଥ(ଆଇସିଏଚ୍)ରେ ତାଙ୍କ ପୁଅର ଚିକିତ୍ସା ଚାଲିଛି। ସେ ହସ୍ପିଟାଲର ୱାର୍ଡରେ ଅସୁସ୍ଥ ପୁଅ ପାଖରେ ଶୋଇଥିବା ବେଳେ ପୂରା ଘଟଣା ଘଟିଛି।

ହସ୍ପିଟାଲରେ ୱାର୍ଡ ବୟ ଭାବେ କାମ କରୁଥିବା ଅଭିଯୁକ୍ତ ତନୟ ପାଲ(୨୬) ରାତି ବେଳେ ପିଲାମାନଙ୍କ ପାଇଁ ଥିବା ୱାର୍ଡରେ ପଶିଥିଲା। ଏହାପରେ ସେ ଅସୁସ୍ଥ ପୁଅ ପାଖରେ ଶୋଇଥିବା ମହିଳାଙ୍କ ପାଖକୁ ଯାଇଥିଲା। ସେ ତାଙ୍କୁ ଆପତ୍ତିଜନକ ଭାବେ ସ୍ପର୍ଶ କରିଥିଲା। ଏଥିସହ ମହିଳାଙ୍କୁ ଉଲଗ୍ନ କରି ଦେଇଥିଲା। ଅଭିଯୁକ୍ତ ଜଣକ ପୂରା ଘଟଣାକୁ ମୋବାଇଲରେ ମଧ୍ୟ ରେକର୍ଡ କରିଥିବା ଅଭିଯୋଗରେ ମହିଳା ଜଣଙ୍କ ଦର୍ଶାଇଛନ୍ତି।

ଅଭିଯୋଗ ପାଇବ ପରେ କୋଲକାତା ପୁଲିସ୍ ଏଫଆଇଆର ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ପୁଲିସ୍ ଅପରାଧରେ ବ୍ୟବହାର ହୋଇଥିବା ମୋବାଇଲକୁ ଜବତ କରି ଫରେନ୍ସିକ ଯାଞ୍ଚ ପାଇ ପଠାଇଛନ୍ତି। ଗିରଫ ପରେ ତନୟ ପାଲକୁ ପୁଲିସ୍ ସ୍ଥାନୀୟ କୋର୍ଟରେ ହାଜର କରାଇ ରିମାଣ୍ଡରେ ନେଇଛି।

# ପ୍ରଧାନମନ୍ତ୍ରୀ ପଦ ଲାଗି ବିରୋଧୀ ସମର୍ଥନ ପ୍ରସ୍ତାବ ଦେଇଥିଲେ: ଗଡ଼କରି



**ମୁମ୍ବାଇ, ୧୫।୯:** ଲୋକସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳ ତାଙ୍କୁ ପ୍ରଧାନମନ୍ତ୍ରୀ ପଦ ଲାଗି ସମର୍ଥନ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିବା ସହ ତାଙ୍କର ଏଭଳି ଲକ୍ଷ୍ୟ ବା ଆକାଂକ୍ଷା ନାହିଁ ବୋଲି ସ୍ପଷ୍ଟ କରିଥିବା କହିଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି।

ନାଗପୁରଠାରେ ଏକ ପୁରସ୍କାର ସମାରୋହରେ ଯୋଗଦେବା ଅବସରରେ ଗଡ଼କରି କହିଛନ୍ତି ଯେ, ସେ କାହାର ନାମ ନେବାକୁ ଚାହୁଁନାହାଁନ୍ତି। କିନ୍ତୁ ବିରୋଧୀ ଦଳର ଜଣେ ପ୍ରମୁଖ ନେତା ତାଙ୍କୁ ଲୋକସଭା ନିର୍ବାଚନ ପୂର୍ବରୁ ସମର୍ଥନ ପ୍ରସ୍ତାବ ଦେଇ କହିଥିଲେ ଯେ, ଯଦି ସେ ପ୍ରଧାନମନ୍ତ୍ରୀ ହେବାକୁ ଆଗ୍ରହୀ ତେବେ ତାଙ୍କୁ ସେମାନେ ସମର୍ଥନ କରିବେ। ଉଲ୍ଲେଖ ଯୋଗ୍ୟ ଯେ, ନିର୍ବାଚନ ପୂର୍ବରୁ ଶିବସେନା ନେତା ଉଦ୍ଧବ ଠାକରେ ଗଡ଼କରିଙ୍କୁ ଯଦି ବିଜେପିରେ ଅପମାନିତ ଅନୁଭବ କରୁଛନ୍ତି ତେବେ ମହାଆଗାଡ଼ିରେ ତାଙ୍କୁ ସ୍ୱାଗତ ବୋଲି କହିଥିଲେ। କିନ୍ତୁ ବିଜେପିର ପୂର୍ବତନ ରାଷ୍ଟ୍ରୀୟ ସଭାପତି ଏହାକୁ ହସରେ ଉଡ଼ାଇ ଦେଇଥିଲେ। ବିରୋଧୀ ଦଳର ସମର୍ଥନ ପ୍ରସ୍ତାବ ସମ୍ପର୍କରେ ସେ କହିଛନ୍ତି ଯେ, ଯେତେବେଳେ ତାଙ୍କୁ ବିରୋଧୀ ଦଳର ଜଣେ ନେତା ପ୍ରଧାନମନ୍ତ୍ରୀ ପଦ ପାଇଁ ସମର୍ଥନ ପ୍ରସ୍ତାବ ଦେଇଥିଲେ ସେତେବେଳେ ସେ ତାଙ୍କୁ ଆପଣମାନେ ମତେ କାହିଁକି ସମର୍ଥନ କରିବେ? ମୁଁ କାହିଁକି ଆପଣମାନଙ୍କ ସମର୍ଥନ ନେବି ବୋଲି ପ୍ରଶ୍ନ କରିଥିଲି ବୋଲି ଗଡ଼କରି କହିଛନ୍ତି। ମୁଁ ମୋ ଦଳ ଏବଂ ସଙ୍ଗଠନ ପ୍ରତି ସମ୍ପୂର୍ଣ୍ଣ ଅନୁଗତ ବୋଲି ଗଡ଼କରି ତାଙ୍କୁ ଜବାବ ଦେଇଥିବା କହିଥିଲେ। ମୋ ବିବେକ ଅନୁଯାୟୀ ମୁଁ ସବୁ ବେଳେ କାର୍ଯ୍ୟ କରିଛି ଓ କରିଚାଲିବି ବୋଲି ଗଡ଼କରି କହିଛନ୍ତି। ଏହା ହିଁ ଭାରତୀୟ ଗଣତନ୍ତ୍ରୀ ମୂଳ ଭିତ୍ତି ବୋଲି ଗଡ଼କରି କହିଛନ୍ତି।



**ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି**

## ଷ୍ଟେଜରେ ଚଢ଼ି ଗଲେ ଯୁବକ

**ବେଙ୍ଗାଲୁରୁ, ୧୫।୯:** କର୍ଣ୍ଣାଟକାର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ସୁରକ୍ଷାରେ ହୋଇଛି ବଡ଼ଧରଣର ତ୍ରୁଟି। ମୁଖ୍ୟମନ୍ତ୍ରୀ ଷ୍ଟେଜ ଉପରେ ବସିଥିବା ବେଳେ ଏହା ଉପରେ ଚଢ଼ି ଯାଇଛନ୍ତି ଜଣେ ଅଜଣା ଯୁବକ। ସେ ଷ୍ଟେଜରେ ଚଢ଼ି ମୁଖ୍ୟମନ୍ତ୍ରୀଙ୍କ ଆଡ଼କୁ ଦ୍ରୁତଗତିରେ ଯାଉଥିବା ବେଳେ ସୁରକ୍ଷାକର୍ମୀମାନେ ତାଙ୍କୁ କାବୁ କରି ନେଇଛନ୍ତି। ବେଙ୍ଗାଲୁରୁରେ ଆୟୋଜିତ ଡେମୋକ୍ରାସୀ ଡେ' କାର୍ଯ୍ୟକ୍ରମ ବେଳେ ଏପରି ଘଟଣା ଘଟିଛି। ଏହି ସାଂଘାତିକ ସୁରକ୍ଷା ତ୍ରୁଟିର ଦୃଶ୍ୟ କ୍ୟାମେରାରେ ମଧ୍ୟ କଏଦ ହୋଇଛି। ଏଥିରେ ଦେବାକୁ ମିଳୁଛି ଯେ ଜଣେ ଯୁବକ ଷ୍ଟେଜ ଉପରେ ଚଢ଼ି ମୁଖ୍ୟମନ୍ତ୍ରୀ ବସିଥିବା ଚୌକି ଆଡ଼କୁ ଦୌଡ଼ିବାକୁ ଚେଷ୍ଟା କରୁଛନ୍ତି। ତେବେ ସେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିବା ପୂର୍ବରୁ ସୁରକ୍ଷାକର୍ମୀମାନେ ତାଙ୍କୁ କାବୁ କରି ନେଇଥିଲେ। ଏହାପରେ ତାଙ୍କୁ ଭିଡ଼ିଭିଡ଼ି ଷ୍ଟେଜ ତଳକୁ ନିଆଯାଇଥିଲା। ସୁରକ୍ଷା ବଳୟ ଭେଦ କରି ଷ୍ଟେଜ ଉପରେ ଚଢ଼ିଥିବା ଯୁବକ ଜଣଙ୍କ ହେଲେ ମହାଦେବ ନାୟକ। ସେ ସୁରକ୍ଷା ପ୍ରୋଟୋକଲ ନିୟମକୁ ଉଲ୍ଲଙ୍ଘନ କରିଥିବାରୁ ପୁଲିସ ତାଙ୍କୁ ଗିରଫ କରିଛି। ବାସ୍ତବରେ ମହାଦେବ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ଗୋଟିଏ ଉତ୍ତରୀୟ ଦେବାକୁ ଚାହୁଁଥିଲେ। ହେଲେ ସେ ସୁରକ୍ଷା ବଳୟକୁ ଭେଦ କରି ଏବେ ପୁଲିସ ହେପାଜତକୁ ଯାଇଛନ୍ତି।

**ମୀରଟ କୋଠା ଭୁଶୁଡ଼ିବା ଘଟଣା**

# ସମସ୍ତ ୯ ମୃତକ ଗୋଟିଏ ପରିବାରର



**ଲକ୍ଷ୍ନୌ, ୧୫।୯:** ପ୍ରଦେଶ ମୀରଟ କୋଠା ଭୁଶୁଡିବା ଘଟଣାରେ ଏକ ଦୁଃଖଦ ରିପୋର୍ଟ ସାମ୍ନାକୁ ଆସିଛି। ଏହି ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ସମସ୍ତ ୯ ଜଣ ଗୋଟିଏ ପରିବାରର ବୋଲି ଜଣାପଡିଛି। ଗତକାଲି ରାତିରେ ପ୍ରବଳ ବର୍ଷା ପରେ ଏକ ତିନି ମହଲା କୋଠା ଭୁଶୁଡ଼ି ପଡିଥିଲା।

ସୂଚନା ଅନୁସାରେ, ଉତ୍ତର ପ୍ରଦେଶର ମୀରଟରେ ଗତକାଲି ରାତିରେ ଏହି ଦୁଃଖଦ ଘଟଣା ଘଟିଥିଲା। ଏକ ତିନି ମହଲା କୋଠା ଭୁଶୁଡ଼ି ପଡ଼ିବାରୁ ଏଥିରେ ୧୪ ଜଣ ଲୋକ ଫସି ଯାଇଥିଲେ। ଖବର ପାଇ ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ଆଜି ସକାଳେ କିଛି ଲୋକଙ୍କୁ ଉଦ୍ଧାର କରାଯାଇଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ଡାକ୍ତରଖାନାରେ ଆଉ ୩ ଜଣ ଆଖି ବୁଜିଛନ୍ତି। ତେବେ ସମସ୍ତ ମୃତକ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ଅନ୍ୟ ପାଞ୍ଚ ଜଣ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଥାଉକି, ଉତ୍ତର ପ୍ରଦେଶରେ କିଛି ଦିନ ହେବ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ପରେ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଏଥିରେ ୧୭ ଜଣଙ୍କ ଜୀବନ ଗଲାଣି। ମୀରଟରେ ମଧ୍ୟ ପ୍ରବଳ ବର୍ଷା କାରଣରୁ ହିଁ କୋଠା ଭୁଶୁଡ଼ି ପଡ଼ିଥିଲା।

# ଇନ୍ଧନ ଟ୍ୟାଙ୍କର ବିସ୍ଫୋରଣ: ୨୪ ଦଗ୍ଧ



**ହାଇତି, ୧୫।୯:** ହାଇତିର ଦକ୍ଷିଣ ଉପଦ୍ୱୀପରେ ଏକ ଇନ୍ଧନ ଟ୍ୟାଙ୍କର ବିସ୍ଫୋରଣ ଘଟି ୨୪ ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ୪୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କ ଶରୀରର ଏକ ତୃତୀୟାଂଶ ପୋଡ଼ି ଯାଇଥିବା ସୂଚନା ମିଳିଛି। ଆଜି ପୂର୍ବାହ୍ନ ସମୟରେ ଏକ ଇନ୍ଧନ ଟ୍ୟାଙ୍କର ଯାଉଥିବା ସମୟରେ ହଠାତ୍ ବିସ୍ଫୋରଣ ଘଟିଥିଲା। ଫଳରେ ୨୪ ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁ ଥିବାବେଳେ ଅଧିକାଂଶ ପୁରୁଷ ଅଛନ୍ତି। ହାଇତି ପ୍ରଧାନମନ୍ତ୍ରୀ ଗ୍ୟାରି କନିଲ୍ ଏହି ଘଟଣାକୁ ଅତ୍ୟନ୍ତ ଭୟାନକ ବୋଲି କହିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ କନିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଆହତମାନଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ସେମାନଙ୍କୁ ହେଲିକପ୍ଟର ଯୋଗେ ସ୍ଥାନାନ୍ତର କରାଯାଇଥିବା



## ବାଘ ଆକ୍ରମଣରେ କୁକୁର ମୃତ

**ପୁଣେ, ୧୫।୯:** ପୁଣେର ଗୋଟିଏ ଜନବସତି ଅଞ୍ଚଳରେ ବାଘର ଆକ୍ରମଣ ଗାଁ ଲୋକଙ୍କ ଛାତି ଥରାଇ ଦେଇଛି। ବାଘ ସ୍ଥାନୀୟ ଅଞ୍ଚଳରେ ଶିକାର ପାଇଁ ପ୍ରବେଶ କରିବା ସହ ଗୋଟିଏ କୁକୁରକୁ ଉଠାଇ ନେଇଛି। ଏହାର ଦୃଶ୍ୟ ସାମ୍ନାକୁ ଆସିବା ପରେ ଜୁନ୍ନାର ତହସିଲରେ ରହୁଥିବା ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ବାଘଟି ଶନିବାର ବିଳମ୍ବିତ ରାତିରେ ନାରାୟଣ ଗାଁ ନିକଟ ୱାରୁଲୱାଡିରେ ଶିକାର କରିଥିଲା। ଏହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ ଗୋଟିଏ ବିରାଟକାୟ ବାଘ ଅନ୍ଧାରିଆ ବୁଦାରୁ ରାତି ପ୍ରାୟ ୧୧ଟା ବେଳକୁ ସାମ୍ନାକୁ ଆସୁଛି। ସେ ଆଗକୁ ଆସିବା ସହ ଗୋଟିଏ କୁକୁରକୁ ପାଟିରେ କାମୁଡ଼ି ଧରି ସିଧା ଅନ୍ଧାରିଆ ଅଞ୍ଚଳକୁ ଚାଲି ଯାଉଛି। କୁକୁରଟିକୁ ସ୍ଥାନୀୟ ଅଞ୍ଚଳର ଜଣେ ଲୋକ ରଖିଥିଲେ। ସେ ରାତି ବେଳା ବନ୍ଦ ରହିଥିବା ଦୋକାନ ସାମ୍ନାରେ ବୁଲୁଥିବା ବେଳେ ବାଘର ଶିକାର ବନିଛି। ଏହା ଦେଖି ଆଉ ଗୋଟିଏ କୁକୁର ପିଛା କରିଥିଲେ ହେଁ ବାଘଟି ଅନ୍ଧାର ଭିତରେ ପୂରା ଉଭେଇ

**ପୁଣି ଛତିଶଗଡ଼ରେ ମାଓବାଦୀଙ୍କ ବର୍ବରକାଣ୍ଡ**

## ଶିକ୍ଷାଦୂତଙ୍କୁ ପିଟିପିଟି ହତ୍ୟା

**ସୁକ୍‌ମା, ୧୫।୯:** ଓଡ଼ିଶା ସୀମାନ୍ତ ଛତିଶଗଡ଼ରେ ମାଓବାଦୀ ହିଂସା ଲାଗି ରହିଛି। କିଛି ଦିନ ତଳେ ପ୍ରଜାକୋର୍ଟରେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଲୋକଙ୍କ ସମ୍ମୁଖରେ ଦୁଇଜଣଙ୍କୁ ହତ୍ୟା କରିଥିଲେ। ଏହି ଘଟଣା ମନରୁ ନ ଲିଭୁଣୁ ପୁଣି ମାଓବାଦୀମାନେ ଏକ ବର୍ବରକାଣ୍ଡ ଭିଆଇଛନ୍ତି। ଛତିଶଗଡ଼ରେ ସୁକ୍‌ମାରରେ ଶନିବାର ଜଣେ ଶିକ୍ଷାଦୂତଙ୍କୁ ମାଓବାଦୀମାନେ ପିଟିପିଟି ହତ୍ୟା କରିଥିବା ଜଣାପଡିଛି। ଏନେଇ ଅଞ୍ଚଳରେ ପୁଣି ଭୟର ବାତାବରଣ ସୃଷ୍ଟି ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ମୁତାବକ, ସ୍ଥାନୀୟ ଶିକ୍ଷିତ ଯୁବକଙ୍କୁ ଅଞ୍ଚଳରେ ଶିକ୍ଷା ଦୂତ ଭାବେ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ଶିକ୍ଷାଦୂତଙ୍କ କାର୍ଯ୍ୟ ହେଲେ ବନ୍ଦ ସ୍କୁଲ ଚାଲୁ କରିବା ଓ ପିଲାଙ୍କୁ ବୁଝାଶୁଝା କରି ସ୍କୁଲ ଆଣିଥାନ୍ତି। ଅନ୍ୟପକ୍ଷେ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯିବା ସହ ସର୍ଚ୍ଚ ଅପରେଶନ କରାଯାଉଥିବା ସୂଚନା ମିଳିଛି।

# ଇଣ୍ଟରଭ୍ୟୁ ଦେବାକୁ ଯାଇ ଦୁଷ୍କର୍ମର ଶିକାର ହେଲେ ଯୁବତୀ

**ନୂଆଦିଲ୍ଲୀ, ୧୫।୯:** ଦେଶର ରାଜଧାନୀ ଦିଲ୍ଲୀରେ ଘଟିଛି ଅଭାବନୀୟ ଘଟଣା। ଜଣେ ୨୨ ଯୁବତୀଙ୍କୁ ଚାକିରି ଦେବା ନାଁରେ କରାଯାଇଛି ଦୁଷ୍କର୍ମ। ଜଣେ ୨୫ ବର୍ଷୀୟ ଯୁବକ ଚାକିରି ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଇଣ୍ଟରଭ୍ୟୁ ପାଇଁ ଦିଲ୍ଲୀର ବସନ୍ତକୁଞ୍ଜ ସ୍ଥିତି ଗୋଟିଏ ଫ୍ଲାଟକୁ ଡାକିଥିଲେ। ସେଠାରେ ସେ ଇଣ୍ଟରଭ୍ୟୁ ବଦଳରେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି।

ପୀଡ଼ିତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ୍ ଅଭିଯୁକ୍ତ ଯୁବକ ଓ ତାଙ୍କର ଜଣେ ମହିଳା ସହଯୋଗୀଙ୍କୁ ଗିରଫ କରିଛି। ପୀଡ଼ିତା ଜଣଙ୍କ ପୁଲିସକୁ କହିଛନ୍ତି ଯେ ସେପ୍ଟେମ୍ବର ୫ରେ ସେ ସୋଶାଲ ମିଡିଆରେ ଜଣେ ଯୁବତୀଙ୍କ ଯୋଗାଯୋଗରେ ଆସିଥିଲେ। ତାଙ୍କୁ ଯୁବତୀ ଜଣଙ୍କ ଚାକିରି କରିବାକୁ ଚାହୁଁଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ଚାକିରି ପାଇଁ ପୀଡ଼ିତା ଜଣଙ୍କ ଆଗ୍ରହୀ ଥିବାରୁ ତାଙ୍କୁ ଯୁବତୀ ଜଣଙ୍କ ଜଣେ ଯୁବକଙ୍କୁ ଯୋଗାଯୋଗ କରିବାକୁ କହିଥିଲେ। ଉକ୍ତ ଯୁବକ ଜଣଙ୍କ ଏୟାରଲାଇନ୍ସରେ କାମ କରୁଥିବା ଯୁବତୀ ଜଣଙ୍କ ପୀଡ଼ିତାଙ୍କୁ ଜଣାଇଥିଲେ।

ତେବେ ଯୁବତୀ ଜଣଙ୍କ ପୀଡ଼ିତାଙ୍କ ଫୋନ ନମ୍ବର ତାଙ୍କ ଠାରୁ ନେବା ସହ ଅଭିଯୁକ୍ତ ଯୁବକଙ୍କୁ ଦେଇଥିଲେ। ପ୍ରାୟ ୩୦ ମିନିଟ ପରେ ଯୁବକ ଜଣଙ୍କ ପୀଡ଼ିତାଙ୍କୁ ଫୋନ କରିଥିଲେ। ସେ କେଉଁ ପ୍ରକାରର ଚାକିରି ଚାହୁଁଥିବା ପ୍ରଶ୍ନ କରିଥିଲେ। ତାଙ୍କ ପାଖରେ ଏୟାର ହୋଷ୍ଟେସ, ପିଏ ଓ ପିଓନ ଚାକିରି ଥିବା ସେ କହିଥିଲେ। ଏହା ଶୁଣି ଯୁବତୀ ଜଣଙ୍କ ଯେକୌଣସି ଉପଯୁକ୍ତ ଚାକିରି ମିଳିଲେ ଭଲ ବୋଲି କହିଥିଲେ। ଏହାପରେ ଯୁବକ ଜଣଙ୍କ ତାଙ୍କୁ ଇଣ୍ଟରଭ୍ୟୁ ପାଇଁ ଡାକିଥିଲେ। ସେପ୍ଟେମ୍ବର ୯ରେ ସବୁ ଡକ୍ୟୁମେଣ୍ଟ ଧରି ଆସିବାକୁ ତାଙ୍କୁ କୁହାଯାଇଥିଲା। ଅଭିଯୁକ୍ତ ଜଣଙ୍କ ହ୍ୱାଟସଆପ୍‌ରେ ଠିକଣା ପଠାଇଥିଲେ। ଏଥିସହ ଘଟଣା ଦିନ ତାଙ୍କୁ ଦିଲ୍ଲୀର ଏରୋସିଟି ମେଟ୍ରୋ ଷ୍ଟେସନରୁ ପିକ ଅପ କରି ବସନ୍ତକୁଞ୍ଜକୁ ନେଇଥିଲେ।

ସେଠାରେ ଥିବା ଗୋଟିଏ ବିଲଡିଂର ଦ୍ୱିତୀୟ ମହଲାକୁ ସେମାନେ ଯାଇଥିଲେ। ଫର୍ମ ଫିଲପ କରିବା ନାଁରେ ଯୁବକ ଜଣଙ୍କ ତାଙ୍କୁ ରୁମ ଭିତରକୁ ଡାକିଥିଲେ। ପୀଡ଼ିତା ଜଣଙ୍କ ରୁମରେ ପଶିବା କ୍ଷଣି ଅଭିଯୁକ୍ତ ତାଙ୍କ ଡକ୍ୟୁମେଣ୍ଟ ଛଡ଼ାଇ ନେଇଥିଲେ।

ସେଠାରେ ତାଙ୍କୁ ଦୁଷ୍କର୍ମ କରିଥିଲେ। ଘଟଣା ସମ୍ପର୍କରେ ସେ ଯଦି ମୁହଁ ଖୋଲନ୍ତି, ତା'ହେଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇ ଯୁବକ ଜଣଙ୍କ ତାଙ୍କୁ ମେଟ୍ରୋ ଷ୍ଟେସନ ପାଖରେ ଛାଡ଼ି ଚାଲି ଯାଇଥିଲେ।

ତେବେ ପୀଡ଼ିତା ଜଣଙ୍କ ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ପରିବାର ଲୋକ ପୁଲିସର ଦ୍ୱାରସ୍ଥ ହେବାରୁ ପୂରା ଘଟଣା ସାମ୍ନାକୁ ଆସିଛି। ପୁଲିସ୍ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଯୁବକ ଓ ପ୍ରଥମେ ପୀଡ଼ିତାଙ୍କ ସହ କଥା ହୋଇଥିବା ଯୁବତୀଙ୍କୁ ଗିରଫ କରିଛି।

ଆଇପିଏଲ୍ ୨୦୨୫

# ଧୋନିଙ୍କୁ ରିଟେନ୍ କରିବ ସିଏସ୍‌କେ!



**ମୁମ୍ବାଇ, ୧୫।୯ (ଏଜେନ୍ସି):** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୫ ପୂର୍ବରୁ ମେଗା ନିଲାମୀ ଆୟୋଜିତ ହେବ। ଏହା ପୂର୍ବରୁ ସମସ୍ତ ୧୦ ଫ୍ରାଞ୍ଚାଇଜ୍ ନିଜର ରିଟେନ୍ ଓ ରିଲିଜ୍ କରିଥିବା ଖେଳାଳିଙ୍କ ତାଲିକା ଦେବେ। କ୍ରିକେଟ୍‌ପ୍ରେମୀ ଏହାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ବେଳେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏ ଯାଏଁ ରିଟେନ୍‌ସନ୍ ନୀତିକୁ ନେଇ କିଛି ନିଷ୍ପତ୍ତି ନେଇ ନାହିଁ।

ରିଟେନ୍‌ସନ୍ ନୀତି ଉପରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ)ର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ଭବିଷ୍ୟତ ବି ନିର୍ଭର କରୁଛି। ଆଇପିଏଲ୍ ୨୦୨୪ରେ ସିଏସ୍‌କେରା ଲିଗ୍ ପର୍ଯ୍ୟାୟରେହିଁ ଶେଷ ହୋଇଥିଲା। ଏହାପର ଠାରୁ ଧୋନିଙ୍କ ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନ ଛିଡ଼ା ହୋଇଛି। କେତେକ କ୍ରିକେଟ୍ ବିଶେଷଜ୍ଞମାନଙ୍କ ବିଚାରରେ ଧୋନି ଆଉ ପ୍ରତ୍ୟାବର୍ତ୍ତନ କରିବେନି। ତେବେ ଅନ୍ୟ କେତେକଙ୍କ ମତରେ ଧୋନିଙ୍କ ମଧ୍ୟରେ ଏବେ ବି କିଛି କ୍ରିକେଟ୍ ବାକି ଅଛି ଏବଂ ପରବର୍ତ୍ତୀ ସିଜନ୍ ନିଶ୍ଚୟ ଖେଳିବେ। ଇତିମଧ୍ୟରେ ଏକ ମିଡିଆ ରିପୋର୍ଟରେ ଦାବି କରାଯାଇଛି ଯେ ସିଏସ୍‌କେ ଧୋନିଙ୍କୁ ରିଟେନ୍ କରିବା ପାଇଁ ପ୍ରସ୍ତୁତ ଅଛି। କେତେକ ଫ୍ରାଞ୍ଚାଇଜ୍ ରିଟେନ୍‌ସନ୍ ସଂଖ୍ୟାକୁ ଆଠକୁ ବଢ଼ାଇବା ପାଇଁ ଅନୁରୋଧ କରିଥିବା ବେଳେ ଆଉ କେତେକ ଫ୍ରାଞ୍ଚାଇଜ୍ ଜଣେ ବି ଖେଳାଳିଙ୍କୁ ରିଟେନ୍ କରିବାକୁ ଚାହେଁ ନାହିଁ। ତେବେ ଚୂଡ଼ାନ୍ତ ରିଟେନ୍‌ସନ୍ ସଂଖ୍ୟା ପାଞ୍ଚ ବା ଛଅ ହୋଇପାରେ, ହେଲେ ବିସିସିଆଇ ଏହା ଉପରେ ବିଧିବଦ୍ଧ ନିଷ୍ପତ୍ତି ନେଇ ନାହିଁ। ବୋର୍ଡ ପାଖରେ ଆଉ ଏକ ସମସ୍ୟା ହେଉଛି ଯେ କେତେକ ଫ୍ରାଞ୍ଚାଇଜ୍ ଅବସର ନେଇସାରିଥିବା ଖେଳାଳିଙ୍କୁ 'ଅନ୍‌କ୍ୟାପ୍‌ଡ୍' ଭାବେ ବର୍ଗୀକୃତ କରିବା ପାଇଁ ଦାବି କରୁଛନ୍ତି। ସେଥିମଧ୍ୟରେ ସିଏସ୍‌କେ ବି ସାମିଲ ଅଛି। ଏହାଦ୍ୱାରା ସିଏସ୍‌କେ ଧୋନିଙ୍କୁ କମ୍ ମୂଲ୍ୟରେ ରଖିବା ପାଇଁ ଅନୁମତି ପାଇପାରିବ। ତେବେ ଏହାର ଅନ୍ୟ ଚାଲେଞ୍ଜ ବି ରହିଛି। ରିପୋର୍ଟରେ କୁହାଯାଇଛି ଯେ ବିସିସିଆଇ ଯଦି ଫ୍ରାଞ୍ଚାଇଜ୍‌ମାନଙ୍କୁ ମାତ୍ର ଦୁଇ ଖେଳାଳିଙ୍କୁ ରିଟେନ୍ କରିବାକୁ ଅନୁମତି ଦିଏ, ତା'ହେଲେ ବି ସିଏସ୍‌କେ ଧୋନିଙ୍କୁ ରିଟେନ୍ କରିବ।

ଡାଇମଣ୍ଡ ଲିଗ୍ ଫାଇନାଲ୍

## ଦ୍ୱିତୀୟ ସ୍ଥାନରେ ନୀରଜ



**ବ୍ରସେଲ୍ସ (ବେଲ୍‌ଜିୟମ୍), ୧୫।୯ (ଏଜେନ୍ସି):** ଭାରତର ତାରକା ଜାଭେଲିନ୍ ଥ୍ରୋଅର୍ ତଥା ଦୁଇ ଅଲିମ୍ପିକ୍ ପଦକଧାରୀ ନୀରଜ ଚୋପ୍ରା ୨୦୨୪ର ଡାଇମଣ୍ଡ ଲିଗ୍‌ର ଫାଇନାଲ୍‌ରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେ ମାତ୍ର ୦.୦୧ମି. ପାଇଁ ଚାମ୍ପିଅନ୍ ହୋଇପାରି ନାହାନ୍ତି। ଶୁକ୍ରବାର ଡାଇମଣ୍ଡ ଲିଗ୍‌ର ୩୦୦୦ମି. ଷ୍ଟିପଲ୍‌ଚେଜ୍‌ରେ ଭାରତର ଅବିନାଶ ସାବଲେ ନବମ ସ୍ଥାନରେ ରହିଥିଲେ। ନୀରଜ ତୃତୀୟ ପ୍ରୟାସରେ ୮୭.୮୬ମି.ର ସର୍ବଶ୍ରେଷ୍ଠ ଥ୍ରୋ' କରିଥିଲେ। ଗ୍ରେନାଡାର ଆଣ୍ଡରସନ୍ ପିଟର୍ସ ୮୭.୮୭ମି. ଥ୍ରୋ' ସହ ପ୍ରଥମ ସ୍ଥାନରେ ରହିଥିଲେ। ଜର୍ମାନୀର ଜୁଲିଅନ୍ ୱେବର୍ ୮୫.୯୭ମି. ଥ୍ରୋ' ସହ ତୃତୀୟ ସ୍ଥାନ ପାଇଥିଲେ। ଏହାଛଡ଼ା ଫାଇନାଲ୍‌ରେ ଭାଗ ନେଇଥିବା ଅନ୍ୟ ଥ୍ରୋଅର୍‌ମାନେ ୮୩ମି.ରୁ ଅଧିକ ଥ୍ରୋ' କରିପାରି ନ ଥିଲେ। ଫାଇନାଲ୍‌ରେ ନୀରଜ ପ୍ରଥମ ପ୍ରୟାସରେ ୮୬.୮୨ମି., ଦ୍ୱିତୀୟ ପ୍ରୟାସରେ ୮୩.୪୯ମି., ତୃତୀୟ ପ୍ରୟାସରେ ୮୭.୮୬ମି., ଚତୁର୍ଥ ପ୍ରୟାସରେ ୮୨.୦୪ମି., ପଞ୍ଚମ ପ୍ରୟାସରେ ୮୩.୩୦ମି. ଓ ଷଷ୍ଠ ପ୍ରୟାସରେ ୮୬.୪୬ମି. ଥ୍ରୋ' କରିଥିଲେ। ଏଥର ପୂର୍ବରୁ ଡାଇମଣ୍ଡ ଲିଗ୍ ଷ୍ଟାଣ୍ଡିଙ୍ଗରେ ନୀରଜ ୧୪ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ଥିଲେ। ଏହି ସିଜନ୍‌ରେ ନୀରଜ ମାତ୍ର ଦୁଇ ଇଭେଣ୍ଟରେ ଭାଗ ନେଇଥିଲେ। ଚଳିତ ବର୍ଷ ଦୋହା ଠାରେ ନୀରଜ ୮୮.୩୬ମି. ଥ୍ରୋ' ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହାଛଡ଼ା ଲୁଜାନ୍‌ରେ ସେ ୮୯.୪୯ମି. ଥ୍ରୋ' ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ, ଯାହାକି ସିଜନ୍‌ରେ ତାଙ୍କ ସର୍ବଶ୍ରେଷ୍ଠ ଥ୍ରୋ' ଥିଲା।

## ତରବର ହୋଇ ପୁନର୍ବାର ଆହତ ହେବାକୁ ଚାହୁଁନି: ସାମି



**କୋଲକାତା, ୧୫।୯ :** ଆହତ ଜନିତ କାରଣରୁ ଦୀର୍ଘ ଦିନ ହେବ ପ୍ରତିଯୋଗିତାମୂଳକ କ୍ରିକେଟରୁ ଦୁରେଇ ରହିଥିବା ଭାରତର ପ୍ରମୁଖ ପେସ ବୋଲର ମହମ୍ମଦ ସାମି ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚରେ ମଧ୍ୟ ଦଳରେ ସାମିଲ ହୋଇ ନାହାଁନ୍ତି। ଆଶା କରାଯାଉଥିଲା ସାମି ବାଂଲାଦେଶ ବିପକ୍ଷ ସିରିଜରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। କିନ୍ତୁ ସେ ସମ୍ପୂର୍ଣ୍ଣ ଫିଟ ହୋଇନଥିବାରୁ ତାଙ୍କୁ ଦଳରେ ସାମିଲ କରାଯାଇ ନାହିଁ ଏବଂ ତାଙ୍କୁ ଆଉ କିଛି ଦିନ ବିଶ୍ରାମ ନେବା ସହିତ ସମ୍ପୂର୍ଣ୍ଣ ଫିଟନେସ ହାସଲ କରିବାକୁ କୁହାଯାଇଛି। ଜାତୀୟ ଦଳକୁ ଫେରିବା ପୂର୍ବରୁ ତାଙ୍କୁ କିଛି ଘରୋଇ ମ୍ୟାଚ ଖେଳି ନିଜର ଫିଟନେସ ପ୍ରମାଣ ଦେବାକୁ ପଡ଼ିବ। ସମ୍ଭବତଃ ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ସେ ପୁରା ଫିଟ ହୋଇଯାଇଥିବେ ଏବଂ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। ତେବେ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ ନିମନ୍ତେ ଦରେ ସାମିଲ ହୋଇନଥିଲେ ବି ସାମି ନିରାଶ ହୋଇ ନାହାଁନ୍ତି। ତରବର ହୋଇ ଆହତ ଜନିତ ସମସ୍ୟାକୁ ଆହୁରି ଜଟିଳ କରିବାକୁ ସେ ଚାହାଁନ୍ତି ନାହିଁ। ଯେ ପର୍ଯ୍ୟନ୍ତ ନିଜକୁ ଶତ ପ୍ରତିଶତ ଫିଟ ବୋଲି ବିଚାର ନକରିବେ ସେ ପର୍ଯ୍ୟନ୍ତ ସେ ପ୍ରତିଯୋଗାତାମୂଳକ କ୍ରିକେଟକୁ ଫେରିବେ ନାହିଁ ବୋଲି କହିଛନ୍ତି। କାରଣ ଅନ୍ତର୍ଜାତୀୟ କ୍ରିକେଟରେ ସାମାନ୍ୟତମ ଦୁର୍ବଳତାର ସୁଯୋଗ ପ୍ରତିପକ୍ଷ ଦଳ ନେଇଯିବାର ସମ୍ଭାବନା ଥାଏ ବୋଲି ସାମି କହିଛନ୍ତି।

ଦଲୀପ ଟ୍ରଫି

# ଇଣ୍ଡିଆ-ଡି'କୁ ହରାଇଲା ଇଣ୍ଡିଆ-ଏ

**ଅନନ୍ତପୁର, ୧୫।୯ (ଏଜେନ୍ସି) :** ଦଲୀ ଟ୍ରଫି ୨୦୨୪ ଦ୍ୱିତୀୟ ରାଉଣ୍ଡରେ ରବିବାର ଚତୁର୍ଥ ତଥା ଅନ୍ତିମ ଦିନ ଇଣ୍ଡିଆ-ଏ ଟିମ୍ ୧୮୬ ରନ୍‌ର ବଡ଼ ବ୍ୟବଧାନରେ ଇଣ୍ଡିଆ-ଡି'କୁ ପରାସ୍ତ କରିଛି। ୮୯ ରନ୍ କରିବା ସହ ୪ ୱିକେଟ୍ ନେଇଥିବା ଇଣ୍ଡିଆ-ଏ'ର ଅଲ୍‌ରାଉଣ୍ଡର୍ ସାମ୍ସ ମୁଲାନୀ 'ପ୍ଲେୟର୍ ଅଫ୍ ଦ ମ୍ୟାଚ୍' ବିବେଚିତ ହୋଇଛନ୍ତି। ଅନ୍ୟପଟେ, ଇଣ୍ଡିଆ-ବି ଓ ଇଣ୍ଡିଆ-ସି ମଧ୍ୟରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍ ଡ୍ର'ରେ ଶେଷ ହୋଇଛି। ୩୮ ରନ୍ କରିବା ସହ ୮ ୱିକେଟ୍

### ଇଣ୍ଡିଆ-ବି ଓ ଇଣ୍ଡିଆ-ସି ମ୍ୟାଚ୍ ଡ୍ର

ନେଇଥିବା ପେସର୍ ଅଂଶୁଲ କମ୍ବୋଜ 'ପ୍ଲେୟର୍ ଅଫ୍ ଦ ମ୍ୟାଚ୍' ପୁରସ୍କାର ଜିତିଛନ୍ତି।

୪୮୮ ରନ୍‌ର ବିଜୟଲକ୍ଷ୍ୟ ନେଇ ଖେଳିଥିବା ଇଣ୍ଡିଆ-ଡି ଟିମ୍ ୩୦୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଟିମ୍ ଆଜି ୬୨/୧ ସ୍କୋର୍‌ରୁ ଅସମାପ୍ତ ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରିଥିଲା। ରିକି ଭୁଇ ସର୍ବାଧିକ ୧୧୩ ରନ୍‌ର ଇନିଂସ୍ ଖେଳିଥିବା ବେଳେ ଅଧିନାୟକ ଶ୍ରେୟସ ଆୟର ୪୧, ସଞ୍ଜୁ ସାମ୍‌ସନ୍ ୪୦ ଓ ଯଶ ଦୁବେ ୩୭ ରନ୍ କରିଥିଲେ। ବିପକ୍ଷ ବୋଲର୍ ତନୁଷ କୋଟିଆନ୍ ୪ ଓ ମୁଲାନୀ ୩ ୱିକେଟ୍ ନେଇଥିଲେ।

ଏହା ପୂର୍ବରୁ ପ୍ରଥମ ଇନିଂସ୍‌ରେ ଇଣ୍ଡିଆ-ଏ ୨୯୦ ରନ୍ କରିଥିବା ବେଳେ ଜବାବରେ ଇଣ୍ଡିଆ-ଡି ୧୮୩ ରନ୍ କରିଥିଲା। ଏହାପରେ ଇଣ୍ଡିଆ-ଏ ଟିମ୍ ୩୮୦/୩ ସ୍କୋର୍‌ରେ ଦ୍ୱିତୀୟ ଇନିଂସ୍ ସମାପ୍ତି ଘୋଷଣା କରିଥିଲା।



ଅନ୍ୟପଟେ, ପ୍ରଥମ ଇନିଂସ୍‌ରେ ଇଣ୍ଡିଆ-ସି'ର ୫୨୫ ରନ୍ ଜବାବରେ ଇଣ୍ଡିଆ-ବି ଆଜି ୩୦୯/୭ ସ୍କୋର୍‌ରୁ ଅସମାପ୍ତ (ପ୍ରଥମ) ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୩୩୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଅଭିମନ୍ୟୁ ଈଶ୍ୱରନ୍ ଅପରାଜିତ ୧୫୭ ରନ୍‌ର ଇନିଂସ୍ ଖେଳିଥିଲେ। ନିମ୍ନକ୍ରମ ବ୍ୟାଟର୍‌ମାନେ ଖାସ୍ ପ୍ରଦର୍ଶନ କରିପାରି ନ ଥିଲେ। ବିପକ୍ଷ ବୋଲର୍ କମ୍ବୋଜ ୮ ୱିକେଟ୍ ନେଇଥିଲେ।

ଏହାପରେ ଇଣ୍ଡିଆ-ସି' ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୪ ୱିକେଟ୍ ହରାଇ ୧୨୮ ରନ୍ କରିଥିଲା। ଟିମ୍ ପକ୍ଷରୁ ଅଧିନାୟକ ଋତୁରାଜ ଗାଏକୱାଡ଼ ସର୍ବାଧିକ ୬୨ ରନ୍‌ର ଇନିଂସ୍ ଖେଳିଥିଲେ।

## ଚାଲେଞ୍ଜର ସମ୍ମୁଖୀନ ହେବାକୁ ମୋର୍କେଲ ଆଗ୍ରହୀ

**ନୂଆଦିଲ୍ଲୀ : ୧୫।୯ :** ଭାରତୀୟ ପୁରୁଷ କ୍ରିକେଟ ଦଳର ବୋଲିଂ କୋଚ ଦକ୍ଷିଣ ଆଫ୍ରିକାର ମୋର୍ଣ୍ଣେ ମୋର୍କେଲ ନିଜ ନୂଆ ଦାୟିତ୍ୱ ନେଇ ବେଶ ଉତ୍ସାହିତ। ଆଗାମୀ ବାଂଲାଦେଶ ସିରିଜ ତାଙ୍କ ପାଇଁ ପ୍ରଥମ ପରୀକ୍ଷା। ସାଧାରଣତଃ ଭାରତୀୟ ପିଚ ସ୍ପିନରମାନଙ୍କୁ ସୁହାଇଥାଏ। ପେସ ବୋଲରମାନଙ୍କ ପାଇଁ କ୍ୱଚିତ ଏହା ସହାୟକ ହୋଇଥାଏ। ଏହି ପରିପ୍ରେକ୍ଷୀରେ ବାଂଲାଦେଶ ସିରିଜ ତାଙ୍କ ପାଇଁ ଏକ ଚାଲେଞ୍ଜ। ସ୍ପିନରମାନେ ଦାୟିତ୍ୱ ନେବା ପୂର୍ବରୁ ପ୍ରଥମ ୧୦/୧୨ ଓଭରରେ ପେସ ବୋଲରମାନେ କିପରି ୱିକେଟ ଦଖଲ କରିପାରିବେ ସେଥିପ୍ରତି ମୋର୍କେଲ ଦୃଷ୍ଟି ଦେବେ ବୋଲି କହିଛନ୍ତି। ମହମ୍ମଦ ସାମିଙ୍କ ଅନୁପସ୍ଥିତିରେ ବୁମରା ଓ ସିରାଜ ଭାରତୀୟ ଦଳର ନୂଆ ବଲ ବୋଲିଂ ଦାୟିତ୍ୱ ସମ୍ଭାଳିବେ। ଉଭୟେ ଅନ୍ତର୍ଜାତୀୟ କ୍ରିକେଟରେ ବେଶ ଅଭିଜ୍ଞ ଏବଂ ଘରୋଇ ପିଚ ସହିତ ଭଲଭାବେ ପରିଚିତ। ତେଣୁ ସେମାନଙ୍କୁ ବିଶେଷ ପରାମର୍ଶ ଦେବାର ଆବଶ୍ୟକତା ନାହିଁ। କେବଳ ସଠିକ ଲାଇନରେ କିପରି ବୋଲିଂ କରିବାକୁ ପଡ଼ିବ ସେଥିପ୍ରତି ସେମାନଙ୍କୁ ଦୃଷ୍ଟି ଦେବାକୁ ପଡ଼ିବ ବୋଲି ମୋର୍କେଲ କହିଛନ୍ତି।

ବାଂଲାଦେଶ ବିପକ୍ଷ ଟି-୨୦ ଶୃଙ୍ଖଳା

# ଟିମ୍ ଇଣ୍ଡିଆକୁ ଫେରିପାରନ୍ତି ଈଶାନ

### ଗିଲ୍, ବୁମ୍‌ରା, ସିରାଜ ଓ ପନ୍ତଙ୍କୁ ଦିଆଯାଇପାରେ ବିଶ୍ରାମ



**ମୁମ୍ବାଇ, ୧୫।୯ (ଏଜେନ୍ସି):** ନଅ ମାସ ଧରି ଟିମ୍ ଇଣ୍ଡିଆରୁ ଦୂରରେ ଥିବା ୱିକେଟ୍‌କିପର୍-ବ୍ୟାଟର୍ ଈଶାନ କିଶନଙ୍କ ।ଇଁ ପ୍ରତ୍ୟାବର୍ତ୍ତନର ବାଟ ଖୋଲୁଛି। କାରଣ ଭାରତୀୟ ଚୟନକାରୀମାନେ ଉ-ଅଧିନାୟକ ଶୁବମନ ଗିଲ୍, ପେସର୍ ଯଶପ୍ରୀତ ବୁମ୍‌ରା, ପେସର୍ ମହମ୍ମଦ ସିରାଜ ଓ ୱିକେଟ୍‌କିପର୍-ବ୍ୟାଟର୍ ରିଷଭ ପନ୍ତଙ୍କୁ ବାଂଲାଦେଶ ବିପକ୍ଷ ଟି-୨୦ ଶୃଙ୍ଖଳାରୁ ୱାର୍କଲୋଡ୍ ମ୍ୟାନେଜ୍‌ମେଣ୍ଟ ଅନୁଯାୟୀ ବିଶ୍ରାମ ଦେବା ଲାଗି ବିଚାର କରୁଛନ୍ତି। ଯଦି ପନ୍ତଙ୍କୁ ବିଶ୍ରାମ ଦିଆଯାଏ, ତା'ହେଲେ ଈଶାନଙ୍କ ନାମ ଉପରେ ବିଚାର କରାଯାଇପାରେ। ଏକ ସୂତ୍ରରୁ ପ୍ରକାଶ, ଶୁବମନ ଗିଲ୍‌ଙ୍କ ଛଡ଼ା କେତେକ ବରିଷ୍ଠ ଖେଳାଳିଙ୍କୁ ଅକ୍ଟୋବର ୬ରୁ ଆରମ୍ଭ ହେବାକୁ ଥିବା ବାଂଲାଦେଶ ବିପକ୍ଷ ଟି-୨୦ ଶୃଙ୍ଖଳାରୁ ବିଶ୍ରାମ ଦିଆଯିବ। ଗିଲ୍, ବୁମ୍‌ରା, ପନ୍ତ ଓ ସିରାଜ ବାଂଲାଦେଶ ବିପକ୍ଷରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟର ଅଂଶବିଶେଷ ଅଛନ୍ତି। ବରିଷ୍ଠ ଖେଳାଳିମାନଙ୍କୁ ଏହି ଶୃଙ୍ଖଳାରୁ ବିଶ୍ରାମ ଦିଆଯିବାର କାରଣ ଟିମ୍ ଇଣ୍ଡିଆର ବ୍ୟସ୍ତ କାର୍ଯ୍ୟସୂଚୀ। ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ୨୦୨୩-୨୫ ଚକ୍ରରେ ଭାରତକୁ ୧୦ ଟେଷ୍ଟ ଖେଳିବାର ଅଛି। ସେଥିମଧ୍ୟରୁ ଟିମ୍ ଘରୋଇ ଗ୍ରାଉଣ୍ଡରେ ବାଂଲାଦେଶ ବିପକ୍ଷରେ ଦୁଇ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ତିନି ମ୍ୟାଚ୍ ଖେଳିବ। ଏହାପରେ ପାଞ୍ଚ ଟେଷ୍ଟ ଖେଳିବା ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିବ। ବାଂଲାଦେଶ ବିପକ୍ଷରେ ଟେଷ୍ଟ ଶୃଙ୍ଖଳା ପରେ ଟି-୨୦ ଶୃଙ୍ଖଳା ଖେଳାଯିବ, ଯାହା ଅକ୍ଟୋବର ୭ରୁ ଆରମ୍ଭ ହୋଇ ଅକ୍ଟୋବର ୧୩ରେ ଶେଷ ହେବ। ନ୍ୟୁଜିଲାଣ୍ଡ ସହ ଟେଷ୍ଟ ଶୃଙ୍ଖଳା ଅକ୍ଟୋବର ୧୬ରୁ ଆରମ୍ଭ ହେବ।

## ପ୍ରମୋଦ ଭଗତଙ୍କୁ ଜରିମାନା

**ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ):** ଭୁବନେଶ୍ୱରି ସେଫ ସିଟି ଡ୍ରାଇଭ ଅଭିଯାନକୁ ନେଇ ବ୍ଲକିଂ ଚେକିଂ ଚାଲିଥିଲା ବେଳେ ପାରା ଅଲମ୍ପିଆନ ପ୍ରମୋଦ ଭଗତଙ୍କ ଗାଡିକୁ ପୋଲିସ ଜବତ କରିଛି। ସେ ମଦ୍ୟପାନ କରି ଗାଡି ଓଲଟା ଚଲାଇବା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କୋର୍ଟରେ ଜରିମାନା ଦେଇ ଗାଡି ରିଲିଜ କରିବାକୁ ପୋଲିସ ପକ୍ଷରୁ ତାଙ୍କୁ କୁହାଯାଇଥିଲା। ଶନିବାର ରାତି ପ୍ରାୟ ଗୋଟାଏରେ ପ୍ରମୋଦ ଡମଣା ପଟୁ କାର ଚଲାଇ ଆସୁଥିଲେ। ସାଥିରେ ଜଣେ ମହିଳା ବସିଥିଲେ। ନାଲ୍‌କୋ ଛକରେ ପୋଲିସ ଚେକିଂ କରୁଥିବା ଦେଖି ପଛୁଆ ଗାଡି ଚଲାଇ ଖସି ଯିବାକୁ ଉଦ୍ୟମ କରୁଥିଲେ।

ରାଜ୍ୟ ଖବର

# ଜଳକାର ଜଳସ୍ତର ବୃଦ୍ଧି

## ସତର୍କ କଲା ପ୍ରଶାସନ



**ବାଲେଶ୍ୱର, ୧୫।୯ (ସଂଚାର ବ୍ୟୁରୋ):** ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ହେବାରୁ ଉତ୍ତର ଓଡ଼ିଶାରେ ବନ୍ୟା ଆଙ୍କା ଦେଖାଦେଇଛି। ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ନଦୀର ମଥାନୀଠାରେ ସକାଳ ୬ଟା ସୁଦ୍ଧା ଜଳସ୍ତର ୫.୯୮ ମିଟର ରହିଥିବାବେଳେ ତାହା କ୍ରମଶଃ ବୃଦ୍ଧି ପାଇ ସକାଳ ୭ଟାରେ ୬.୧୦ମିଟର, ୮ଟାରେ ୬.୧୭ମି., ୯ଟାରେ ୬.୨୨ ମି ଓ ପୂର୍ବାହ୍ନ ୧୦ଟାରେ ୬.୨୬ ମିଟରରେ ପ୍ରବାହିତ ହେଉଛି। ଗତ ଦୁଇଦିନ ଧରି ବାଲେଶ୍ୱର ସମେତ ପଡୋଶୀ ମୟୁରଭଞ୍ଜ ଜିଲାରେ ପ୍ରବଳ ବର୍ଷା ଜାରି ରହିଛି। ଯାହା ଫଳରେ ବସ୍ତା ଦେଇ ପ୍ରବାହିତ ହେଉଥିବା ଜଳକା ନଦୀ ଅବବାହିକା ସମେତ ନଦୀର ଉପର ମୁଣ୍ଡ ରାସଗୋବିନ୍ଦପୁର, ମୋରଡା, ଶୁଳିଆପଦା, ଚିତ୍ରଡା ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏଣୁ ଅନବରତ ବର୍ଷା କାରଣରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଉଛି। ତଳିଆ ଅଞ୍ଚଳବାସୀଙ୍କୁ ସତର୍କ କରାଯିବା ସହିତ ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଛି।

ଯଦି ବନ୍ୟା ହୁଏ ତାହାଲେ ବସ୍ତା ବ୍ଲକର ୧୦ ଏବଂ ସଦର ବ୍ଲକର ୩ଟି ପଞ୍ଚାୟତ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି। ଗତକାଲି ରାସଗୋବିନ୍ଦପୁର ଅଞ୍ଚଳରେ ୮୨ ମିଲିମିଟର, ମୋରୋଡାରେ ୩୦, ୨ ମିଲିମିଟର ଏବଂ ଶୁଳିଆପଦା ଅଞ୍ଚଳରେ ୭୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ଯାଇଛି। ମୟୂରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦୁଝରକୁ ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରିଥିବାରୁ ପ୍ରବଳ ବର୍ଷା ହେବାର ଆଶଙ୍କା କରାଯାଉଛି। ମାତ୍ର ସତର୍କ ସଙ୍କେତ ୬.୫୦ ମିଟର ରହିଥିବା ବେଳେ ପୂର୍ବାହ୍ନ ୧୧ଟା ସୁଦ୍ଧା ବିପଦ ସଙ୍କେତ ତଳେ ଅର୍ଥାତ୍ ୬.୨୯ ମିଟରରେ ପ୍ରବାହିତ ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଦିବାସୀ ଅଞ୍ଚଳରେ...

ରାଜ୍ୟରେ ଡବଲ୍ ଇଂଜିନର ସରକାର ଆସିସାରିଛି। ବିକାଶର ଗତିକୁ ଡବଲ୍ ଇଂଜିନ ଅଧିକ ବେଗରେ ଆଗକୁ ନେଉଥିବା ପ୍ରକାଶ କରିଥିଲେ ।

ଏହି ଅବସରରେ ଖଣି ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମାତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭ ଦର୍ଶିନୀ ସରକାରଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମପୁର ଷ୍ଟେସନ ଚତୁର୍ଥ ପ୍ଲାଟ ଫର୍ମ ଠାରେ ବନ୍ଦେ ଭାରତ ଏକ୍ସପ୍ରେସର ଶୁଭ ଉଦ୍ଘାଟନ ହୋଇଥିଲା ।

### ଅଣଓଡ଼ିଆଙ୍କ...

ସାଜିଥିଲେ ବିଜେଡି ସରକାର ସମୟରେ ତୃତୀୟ ମହଲାରେ ଆସ୍ଥାନ ଜମାଇଥିବା ଅଣଓଡିଆ ଅଫିସର। ଏମାନଙ୍କର କେଉଁ କେଉଁ ଏନ୍‌ଜିଓ ସହିତ ସମ୍ପର୍କ ରହିଛି ମୋହନ ସରକାର ତାହାର ଖୋଳତାଡ କରିବା ଆବଶ୍ୟକ । ଓଡିଆ ଅସ୍ମିତାକୁ ଗୁରୁତ୍ୱ ଦେଉଥିବା ମୋହନ ମାଝିଙ୍କ ସରକାର ତୁରନ୍ତ ଖାତା ଖତିଆନା ନଥିବା ଏହି ଅଣଓଡିଆ ଏନ୍‌ଜିଓମାନଙ୍କୁ ଓଡିଶାରୁ ବିଦା କରିବାକୁ ଦାବି ଉଠିଲାଣି । ତେବେ ପ୍ରଥମେ ଏମାନଙ୍କ କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରି ପରେ ଓଡିଶାକୁ ହଟାଇବାପାଇଁ ମତପ୍ରକାଶ ପାଉଛି ।

### ସୁଭଦ୍ରାମୟ...

ଅଧିକାରୀ, ଜନପ୍ରତିନିଧି ବ୍ୟାନର୍ ପୋଷ୍ଟର ଧରି ସୁଭଦ୍ରା ସ୍ୱାଗତ ପଦଯାତ୍ରାରେ ସାମିଲ ହୋଇଛନ୍ତି। ସୁଭଦ୍ରାମୟ ହୋଇଉଠିଛି ଓଡ଼ିଶା।

ସୁଭଦ୍ରାର ଶୁଭାରମ୍ଭ ପୂର୍ବରୁ ଆଜି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କାଏ ଲେଖାଏଁ ଯାଇଛି। ପ୍ରଥମ କିସ୍ତି ପାଇବା ପାଇଁ ଯୋଗ୍ୟ ହିତାଧିକାରୀ ଏକ ଟଙ୍କା ପାଇଛନ୍ତି। ଏକ ଟଙ୍କା ଯାଇ ନ ଥିଲେ ବି ୧୫ ସୁଦ୍ଧା ଆବେଦନ କରିଥିବା ହିତାଧିକାରୀ ପ୍ରଥମ କିସ୍ତି ପାଇବେ।। ଯଦି ଟଙ୍କା ନ ଯାଏ ତେବେ ୧୭ ପରେ ଯାଞ୍ଚ କରି ପ୍ରଥମ କିସ୍ତି ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ପଷ୍ଟ କରିଛନ୍ତି। ସୁଭଦ୍ରା ସଚେତନତା ପଦଯାତ୍ରାରେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି ଏ ପର୍ଯ୍ୟନ୍ତ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଆବେଦନ କରିସାରିଲେଣି। ରେଜିଷ୍ଟ୍ରେସନ ପାଇଁ ବଢୁଥିବା ଗହଳିକୁ ଦେଖି ସ୍ପଷ୍ଟ ଅନୁମେୟ ହେଉଛି ଯେ ଓଡ଼ିଶାରେ ମହିଳାମାନେ ସୁଭଦ୍ରାକୁ ଆପଣେଇଛନ୍ତି ଏବଂ ଏହାକୁ ଏକ ସଫଳ ଯୋଜନା କରିବା ପାଇଁ ରାଜ୍ୟ ସରକାରଙ୍କ ସହ କାନ୍ଧରେ କାନ୍ଧ ମିଶାଇ ଛିଡା ହୋଇଛନ୍ତି।

ଆଜି ରାଜ୍ୟରେ ଚାଲିଛି ସୁଭଦ୍ରା ସଚେତନତା ପଦଯାତ୍ରା। ଭୁବନେଶ୍ୱରର ୟୁନିଟ- ୩ ଗିରିଦୁର୍ଗା ମନ୍ଦିର ନିକଟରୁ ରମାଦେବୀ ବିଶ୍ୱବିଦ୍ୟାଳୟ ଛକ ପର୍ଯ୍ୟନ୍ତ ସୁଭଦ୍ରା ସଚେତନତା ପଦଯାତ୍ରା କରାଯାଇଛି। ଏଥିରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସାମିଲ୍ ହୋଇଥିଲେ । ୧୦୦ ଦିନ ଭିତରେ ଏଭଳି ଯୋଜନା ମହିଳାଙ୍କ ପାଇଁ ଆଣିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ। ପଦଯାତ୍ରା ପୂର୍ବରୁ ଉଦ୍‌ବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ବିକଶିତ ହେବ ଏବଂ ମା'ମାନଙ୍କ ନେତୃତ୍ୱରେ ହେବ । ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟି । ନିର୍ବାଚନ ପୂର୍ବରୁ ଦେଇଥିବା କଥାକୁ ରକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ତାରିଖ, ଜନ୍ମ ଦିନରେ ଓଡିଶା ଆସୁଛନ୍ତି । ସେହିଦିନ ସୁଭଦ୍ରା ଶୁଭାରମ୍ଭ ହେବ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସିଧାସଳଖ ଉକ୍ତ ଯୋଜନାର ଅର୍ଥ ଆକାଉଣ୍ଟକୁ ପଠାଯିବ।

### ସୁଭଦ୍ରା ଶୁଭାରମ୍ଭ...

ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ପୁଲିସ କମିସନର ସଞ୍ଜୀବ ପଣ୍ଡା ରବିବାର ଏକ ବୈଠକରେ ଯୋଗଦେଇ କହିଛନ୍ତି ଯେ, ୧୧ ଡିସିପି ରାଙ୍କ ଅଧିକାରୀ, ୨୨ ଅତିରିକ୍ତ ଡିସିପି, ୬୬ ଏସିପି, ୧୦୦ ଆଇଆଇସି, ୩୦୦ ବରିଷ୍ଠ ପୁଲିସ ଅଧିକାରୀ ମୁତୟନ ହେବେ। ପୁଲିସ କମିସନର ଶ୍ରୀ ପଣ୍ଡା କହିଛନ୍ତି, ବିମାନବନ୍ଦରରୁ ଜନତା ମଇଦାନ ରାସ୍ତାରେ ବ୍ୟାରିକେଡ୍ ହେବ। ଏହାଛଡ଼ା ବ୍ଲୁ ବୁକ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ୍ କଟକଣା ଲାଗୁ ହେବ। ସାଧା ପୋଷାକରେ ବି ପୁଲିସ ବୁଲିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଆଖିରେ ରଖି ଗୁଇନ୍ଦା ବିଭାଗ ଅଧିକ ସକ୍ରିୟ ରହିଛି।

### ପାଭିଲିଅନ୍‌ରେ...

କ୍ରୀଡା ସଚିବ ଭିନିଲ କ୍ରିଷ୍ଣା ଥିଲେ ଖେଳ ବିଭାଗର ଅସଲ କ୍ଷମତା କେନ୍ଦ୍ର । ବିଭାଗୀୟ ମନ୍ତ୍ରୀ ଥିଲେ ନାଁକୁ ମାତ୍ର । ପାଣ୍ଡିଆନଙ୍କର ଅତ୍ୟ ଖାସ୍ ଥିବା ଭିନିଲ ହିଁ ସମସ୍ତ ନିଷ୍ପତ୍ତିକୁ ଗୋଟି ଗୋଟି କାର୍ଯ୍ୟକାରୀ କରୁଥିଲେ। ବାହାର ଲୋକେ କିଛି ଟେର୍ ପାଇଲେ ନାହିଁ । ଖେଳାଳି ବି ଅନ୍ଧାରରେ ରହିଲେ । ହଜାର ହଜାର କୋଟି ଟଙ୍କାର କାମ ନିଜ ପସନ୍ଦର ଠିକାଦାରଙ୍କୁ ବାଣ୍ଟିଦେଲେ। କାମର ତଦାରଖ କେହି କରିବାକୁ ନାହିଁ। ଏହାର ଫଳ ହେଲା ଏୟା ଯେ କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ସ୍ପୋର୍ଟସ ସାଇନ୍ସ ସେଣ୍ଟରର ସିଲିଂ ଭାଙ୍ଗି ଗଳିପଡିଲା । ଏଭଳି ଅନେକ ଉଦାହରଣ ରହିଛି । ଏହାର ପ୍ରତିବାଦ କେହି କଲେ ନାହିଁ କି କାହା ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ ହେଲାନାହିଁ । ଅନେକ ନିରବ ରହିଲେ। କାରଣ ତୁ ଗୁହାରୀ କରିବୁ ଯାହାକୁ ମୁଁ — କରିଛି ତାହାକୁ ଭଳି ସ୍ଥିତି ଥିବାରୁ ସମସ୍ତେ ମୁହଁରେ ତାଲା ପକାଇ ରହିଲେ ।

ଖେଳ ଭିତ୍ତିଭୂମି ଆଢୁଆଳରେ ଖୋଳ କରିବାରେ ଗୁମାସ୍ତା ବି କୁଆଡେ ପଛରେ ନଥିଲେ । ତାଙ୍କ ଜିଲ୍ଲାରୁ ଯେଉଁ ବାଟରେ ପାଇଲେ ଟଙ୍କା ନେଇ ଖେଳ ଭିତ୍ତିଭୂମିରେ ଲଗାଇଛନ୍ତି । ଏହାର ବିଧିବଦ୍ଧ ତଦନ୍ତ ହେଲେ ବହୁ ଘଟଣା ପଦାକୁ ଆସିବ ବୋଲି କିଛି ପୂର୍ବତନ କ୍ରୀଡାବିତ୍ ମତ ଦେଇଛନ୍ତି । କାରଣ ଗୁରୁ-ଚେଲା ଖେଳୁଆଡ ମନୋଭାବରେ ଯେଭଳି ଖୋଳ କରୁଥିଲେ ସେଥିରେ ଗୁମାସ୍ତାଙ୍କର କିଛି ଲୋକ ବି ସାମିଲ ଥିଲେ । ସେହିମାନଙ୍କ ମଧ୍ୟରୁ କିଛି ବାବୁଙ୍କ ସରକାରୀ ବଙ୍ଗଳାରେ କ୍ରୀଡାର ବ୍ୟବସ୍ଥା କରିଥିଲେ ।

ହଜାରେରୁ ଅଧିକ ଟଙ୍କାର ଭିତ୍ତିଭୂମି ବିକାଶ ସତ୍ତ୍ୱେ କାହିଁକି ଓଡିଶାରୁ ଅଧିକ ସଂଖ୍ୟାରେ ଆର୍ନ୍ତଜାତୀୟ ଖେଳାଳୀ ବାହାରି ପାରୁନାହାନ୍ତି ତାହାର ଉତ୍ତର କାହାରି ପାଖରେ ନାହିଁ । ହକି କୁ ବାଦ୍ ଦେଲେ ଓଡିଶା ଅନ୍ୟ ସବୁକ୍ରୀଡାରେ ପ୍ରାୟତଃ ପଛରେ ପଡିଛି । ଆର୍ନ୍ତଜାତୀୟ ସ୍ତରର ତ ଦୂରରକଥା ପୂର୍ବଭଳି ଜାତୀୟ ସ୍ତରରେ ବି ଓଡିଆ ଖେଳାଳୀ ଆଉ ଚମକୁ ନାହାନ୍ତି। ତେଣୁ ନିଜକୁ କ୍ରୀଡାର ଧର୍ମଯାଜକ ବୋଲି ପ୍ରଚାର କରି ଗୁରୁ-ଚେଲା ଯୋଡି ଯେଉଁ ହଜାର ହଜାର କୋଟି ଟଙ୍କା ରାଜକୋଷରୁ ଖର୍ଚ୍ଚ କରିଛନ୍ତି ଓ ଏଥିରୁ ବେଶ୍ କିଛି ନିଜ ପାଣ୍ଠିରେ ଯୋଡିଛନ୍ତି ତାହାର ବିଧିବଦ୍ଧ ତଦନ୍ତ ପାଇଁ ଦାବି ଉଠିଲାଣି । ମୋହନ ସରକାର ଏହା ଉପରେ କି ପଦକ୍ଷେପ ନେବେ ତାହାକୁ ଏବେ କ୍ରୀଡାପ୍ରେମୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ଅନାଇ ବସିଛନ୍ତି ।

### କମିଶନରଙ୍କୁ ଘାଇଲା...

ଆପାର୍ଟମେଣ୍ଟରେ ଭଡାଟିଆ ରହୁଛନ୍ତି ସତ, ହେଲେ ସେମାନଙ୍କର ଚିହ୍ନଟ ହେଉନି । ପୋଲିସ ପାଖରେ ରେଣ୍ଟ ଏଗ୍ରିମେଣ୍ଟ ଡିପୋଜିଟ କରାଯାଉନାହିଁ। ଫ୍ଲାଟ କିଣିଥିବା ଘର ମାଲିକ ମାସିକ ୨ ହଜାର ପର୍ଯ୍ୟନ୍ତ ସୋସିଆଇଟି ଚାର୍ଯ ଦେଉଥିବା ବେଳେ ନା କାମ କରୁଛି ସିସିଟିଭି ନା ନିୟୋଜିତ ହେଉଛନ୍ତି ସିକ୍ୟୁରୀଟି ଗାର୍ଡ । ଯାହାକୁ ନେଇ ୭ଶହ ୯୦ ଫ୍ଲାଟ ମାଲିକ ଏକାଠି ହୋଇ ସୁରକ୍ଷା ଦାବିରେ ଆପାର୍ଟମେଣ୍ଟ ଆଗରେ ଧାରଣା ମଧ୍ୟ ଦେଇଛନ୍ତି। ସେମାନଙ୍କ କହିବା କଥା ହେଉଛି ନିୟମିତ ବ୍ୟବଧାନରେ ପୋଲିସ ପେଟ୍ରୋଲିଂ ହେଉନାହିଁ। ପିସିଆର କୁ ଫୋନ କଲେ ଘଣ୍ଟାଏ ପରେ ଭ୍ୟାନ ପହଁଚୁଛି। ଏଣୁ ନିଜେ ପୋଲିସ କମିଶନର ଏଦିଗରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

ସେପଟେ ତମାଣ୍ଡୋ ଥାନା କଳିଙ୍ଗବିହାର କେ ୪ ରେ ଜଣେ ମହିଳା ମର୍ନିଂ ୱାକ କରୁଥିବା ବେଳେ ଏକ ପଲସର ଗାଡ଼ିରେ ଦୁଇ ଦୁର୍ବୃତ୍ତ ମୁଣ୍ଡରେ ହେଲମେଟ ପିନ୍ଧିବା ସହ ଚେନ ଝାମ୍ପି ନେଇଛନ୍ତି । ଯାହାର ସିସିଟିଭି ସାମ୍ନାକୁ ଆସିବା ପରେ ଚେନ ଲୁଟେରାଙ୍କୁ ଧରିବା ପାଇଁ ଛାନଭିନ ଆରମ୍ଭ କରିଛି ତମାଣ୍ଡୋ ଥାନା ପୋଲିସ । ଲୁଟେରା ଦ୍ୱୟ ବ୍ୟବହାର କରୁଥିବା ବାଇକ ମଧ୍ୟ ଚୋରାଗାଡି ଥିବା ଜାଣିବାକୁ ପାଇଛି ପୋଲିସ। ଗୋଟିଏ ପଟେ କମିଶନର ଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ନେଇ ରାସ୍ତାରେ ବ୍ଲକିଂ, ହୋଟେଲରେ ଚେକିଂ ଚାଲୁଛି। ସାରା ସହର ପୋଲିସ ଛାଉଣୀ ହେଉଛି । କିନ୍ତୁ ପୋଲିସ ଠାରୁ ଦୁଇ ପାଦ ଆଗକୁ ଯାଇ ଅପରେସନ କରୁଛନ୍ତି ଲୁଟେରା । ଯାହା କମିଶନର ଙ୍କ ପାରିବାପାଣିଆ ପ୍ରତି ସୃଷ୍ଟି କରିଛି ପ୍ରଶ୍ନ।






## ସୁଭଦ୍ରା ଯୋଜନାର ପ୍ରଚାର ପ୍ରସାର ପାଇଁ ପଦଯାତ୍ରା

**ବୋରିଗୁମ୍ମା,୧୫।୯ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକସ୍ଥିତ ମିନିଷ୍ଟାଡିଅମ ପରିସରରେ ସୁଭଦ୍ରା ଯୋଜନା ପ୍ରଚାରର ପଦଯାତ୍ରା ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ସନ୍ଧ୍ୟା ସମରଥ ଯୋଗ ଦେଇ ଏହି ପ୍ରଚାର ପଦଯାତ୍ରାର ଉଦଘାଟନ କରିଥିଲେ। ତହସିଲଦାର ଅମୃତଲାଲ ବେହେରା ଯୋଗ ଦେଇଥିବା ବେଳେ ବୋରିଗୁମ୍ମା ଶିଶୁବିକାଶ ଅଧିକାରିଣୀ ଗାୟତ୍ରୀ ବାହିନୀପତି, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏସ ପ୍ରଧାନୀ ସହ ବରିଷ୍ଠ କଂଗ୍ରେସ କର୍ମୀ ରାମ ଚନ୍ଦ୍ର ପାଡ଼ୀ, ଅଶୋକ ଗନ୍ତାୟତ, ବିଜେପି ମଣ୍ଡଳ ସଭାପତି ରାଜସିଂ, ଶଙ୍କର ମହାନ୍ତି, ଅଙ୍ଗନବାଡ଼ି କର୍ମୀ, ଓଏଲଏମ କର୍ମଚାରୀ ଓ ପାଞ୍ଚଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ପଦଯାତ୍ରା ନେଇ ହିତାଧିକାରୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଯୋଜନାର ଲାଭ ଉଠାଇବା ପାଇଁ ବହୁସଂଖ୍ୟାରେ ମହିଳା ପଦଯାତ୍ରାରେ ଉପସ୍ଥିତ ଥିଲେ।

## କଣାସରେ ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରା

**କଣାସ,୧୫।୯ (ସଂଚାର ବ୍ୟୁରୋ) :** ରାଜ୍ୟସରକାର ୨୧ବର୍ଷରୁ ୬୦ବର୍ଷ ମଧ୍ୟରେ ସମସ୍ତ ମହିଳାମାନଙ୍କୁ ୫ବର୍ଷ ମଧ୍ୟରେ ୫୦ହଜାର ଟଙ୍କା ଦେବାପାଇଁ ଘୋଷଣା କରିବାପରେ ମହିଳାମାନେ ଆନନ୍ଦିତ ହୋଇ ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ରରେ ନିଜ ନିଜ ଫର୍ମ ଅନ୍‌ଲାଇନ୍‌ରେ ଆବେଦନ କରିବା ପାଇଁ ଭିଡ ଜମାଉଥିବା ଦେଖିବାକୁ ମିଳୁଛି । ଆଜି କେତେକ ମହିଳା ବଡାସ ଗ୍ରାମପଞ୍ଚାୟତର ବାଲିପାଟଣା ଗ୍ରାମରେ ସୁଭଦ୍ର ଯୋଜନା ସଂପର୍କରେ ସଚେତନ କରିବା ପାଇଁ ଏକ ଶୋଭାଯାତ୍ରା ଗ୍ରାମ ମଧ୍ୟରେ କରୁଥିବା ଦେଖିବାକୁ ମିଳିଥିଲା ।

## ରାଜନଗରରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା




**ରାଜନଗର,୧୫।୯ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ଦୁଇଟି ପର୍ଯ୍ୟାୟରେ ବର୍ଷକୁ ଦଶ ହଜାର ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି । ଚଳିତ ମାସ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ଯେଉଁ ମହିଳାମାନେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଥିବେ,୧୭ ତାରିଖରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ୫୦୦୦ ଟଙ୍କା ଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏହି ଯୋଜନାକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ଆଜି ସାରା ରାଜ୍ୟରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ହଂସୁଆ ସେତୁ ନିକଟରୁ ପଦଯାତ୍ରା ବାହାରି ବଜାର ପରିକ୍ରମା କରି ବ୍ଲକ ପରିସରରେ ପହଁଚିଥିଲା । ବିଡ଼ିଓ ନିଶାନ ମିଶ୍ରଙ୍କ ନେତୃତ୍ୱରେ ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ଅଜୟ କୁମାର ଜେନା, ଜୀବିକା ମିଶନର ସଂଯୋଜକ ରଶ୍ମିରଞ୍ଜନ ଦାଶ, ନିହାର ରଂଜନ ବେହେରା, ରାଜନଗର ପଂଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ମିଶନ ଶକ୍ତିର ମହିଳା, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀମାନେ ଏହି ପଦଯାତ୍ରାରେ ଯୋଗଦେଇଥିଲେ ।ଏହି ଅବସରରେ ବିଡ଼ିଓ ଶ୍ରୀ ମିଶ୍ର ସୁଭଦ୍ରା ଯୋଜନାରେ ମହିଳା ମାନେ କିଭଳି ଲାଭ ପାଇପାରିବେ ସେ ନେଇ ଉପସ୍ଥିତ ଥିବା ମହିଳା ମାନଙ୍କୁ ବୁଝାଇଥିଲେ ।

# ସରକାରୀ ସ୍କୁଲରେ ହ୍ରାସ ପାଉଛି ଛାତ୍ରଛାତ୍ରୀଙ୍କ ସଂଖ୍ୟା

**କଳାହାଣ୍ଡି, ୧୫।୯ (ସଂଚାର ବ୍ୟୁରୋ) :** ପୂର୍ବ ସରକାର ୫ଟି ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସ୍କୁଲଗୁଡ଼ିକୁ ଚକାଚକ୍ କରିଥିଲେ । କିନ୍ତୁ ପାଠପଢ଼ାର ମାନ ନିମ୍ନଗାମୀ ଥିଲା। ଅନେକ ସ୍କୁଲରେ କେଉଁଠି ଛାତ୍ରଛାତ୍ରୀଙ୍କ ଅନୁପାତରେ ଶିକ୍ଷକ ଅଭାବ ଥିଲାବେଳେ ଆଉ ଅନ୍ୟ କେଉଁଠି ବିନା ଶିକ୍ଷକରେ ସ୍କୁଲ କେବଳ ଖୋଲୁଥିଲା ବେଳେ ପିଲାମାନେ ସ୍କୁଲକୁ ଆସି ଖେଳକୁଦ ଓ ମଉଜ ମଜଲିସ୍ କରି ମଧ୍ୟାହ୍ନ ଭୋଜନ ଖାଇ ଘରକୁ ଫେରୁଥିଲେ। ଏହିପରି ଏକ ସ୍କୁଲ ରହିଛି କେସିଙ୍ଗା ସହର ମଧ୍ୟରେ ତଥା ଏନ୍ଏସି ଅନ୍ତର୍ଗତ ୫ନଂ ୱାର୍ଡ ସାନପଡ଼ାରେ। ସ୍କୁଲରେ ଜଣେ ହେଲେ ବି ଶିକ୍ଷକ ନଥାଇ ସ୍କୁଲ ଚାଲିଥିବା ଜଣାଯାଇଛି।

ସୂଚନାନୁସାରେ କେସିଙ୍ଗା ବ୍ଲକ୍ ଓ ଏନ୍ଏସିରେ ସମୁଦାୟ ୮୯ ଟି ପ୍ରାଥମିକ ବିଦ୍ୟାଳୟ ଓ ୩୬ ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି । ସମୁଦାୟ ୧୭୪୩୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଯେଉଁଥିରେ ଛାତ୍ର ସଂଖ୍ୟା ୮୭୪୮ ଓ ଛାତ୍ରୀ ସଂଖ୍ୟା ୮୬୮୬ ଅଟେ। ହେଲେ ୧୩୨ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି । ଉପରିସ୍ଥ ଅଧିକାରୀଙ୍କୁ ଖାଲି ଶିକ୍ଷକ ପଦବୀ ପୂରଣ ପାଇଁ ଅବଗତ କରାଯାଇଛି ହେଲେ ଏ ପର୍ଯ୍ୟନ୍ତ ଏହି ପଦବୀ ପୂରଣ ହୋଇପାରିନାହିଁ । ସେହିପରି କେସିଙ୍ଗା ଏନ୍ଏସିର ସାନପଡା ସ୍କୁଲରେ ଜଣେ ହେଲେବି ଶିକ୍ଷକ ନଥିବା ସୂଚନା ଅଧିକାର ଆଇନରେ ପ୍ରଦାନ ତଥ୍ୟରୁ ଜଣାପଡିଛି । ଏହି ସ୍କୁଲରେ ୧୭ ଜଣ ଛାତ୍ର ଓ ୧୭ ଜଣ ଛାତ୍ରୀ ପାଠ ପଢୁଥିବା ବେଳେ ଏବେ କେହି ଶିକ୍ଷକ ଶିକ୍ଷୟିତ୍ରୀ ନଥିବା ସୂଚନା ଆଇନ ତଥ୍ୟରୁ ଜଣାପଡିଛି ।

ସେହିଭଳି ପ୍ରତ୍ୟେକ ବର୍ଷ ସରକାରୀ ସ୍କୁଲରେ ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ ପାଉଛି । ୨୦୧୯-୨୦ ଶିକ୍ଷାବର୍ଷରେ ସମୁଦାୟ ଛାତ୍ରଛାତ୍ରୀ ସଂଖ୍ୟା ୧୯୯୫୧, ୨୦୨୦-୨୧ରେ ୧୯୨୨୨, ୨୦୨୧-୨୨ରେ ୧୯୨୨୪, ୨୦୨୨-୨୩ରେ ୧୯୦୪୭, ୨୦୨୩-୨୪ରେ ୧୮୨୧୮ ଓ ଚଳିତ ଶିକ୍ଷାବର୍ଷରେ ୧୭୪୩୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି। ଏଥିରୁ ଜଣାପଡୁଛି ଯେ କେବଳ ୨୦୨୧-୨୨ ଶିକ୍ଷାବର୍ଷରେ କେବଳ ୧୨ ଜଣ ଛାତ୍ରଛାତ୍ରୀ ବୃଦ୍ଧି ପାଇଥିବା ବେଳେ ଅନ୍ୟ ସବୁ ବର୍ଷରେ ହ୍ରାସ ପାଇଛି। ସେହିଭଳି ଛାତ୍ରଛାତ୍ରୀଙ୍କ ଅନୁପାତରେ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ ନିଯୁକ୍ତି କରାଯାଉନଥିବା ତଥ୍ୟରୁ ଜଣାପଡିଛି । ତେଣୁ ଏସବୁ ପ୍ରତି ଦୃଷ୍ଟି ଦେବା ସହ କେମିତି ସ୍କୁଲରେ ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ପାଇବ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।



## ପିଲା ଚୋରକୁ କାବୁକରି ଥାନା ଜିମା ଦେଲେ ଲୋକେ

**ସୁନ୍ଦରଗଡ,୧୫।୯ (ସଂଚାର ବ୍ୟୁରୋ):** ସୁନ୍ଦରଗଡ ସହର ପତ୍ରପଡ଼ାରେ ଶନିବାର ସକାଳେ ଜଣେ ଅଜଣା ବ୍ୟକ୍ତି ଘର ଭିତରକୁ ପଶି ୭ ବର୍ଷୀୟ ଶିଶୁ କନ୍ୟାଙ୍କୁ ଟେକି ନେଇ ପଳାଉଥିବା ସମୟରେ ସ୍ଥାନୀୟ ଲୋକେ ଶିଶୁ କନ୍ୟାକୁ ଉଦ୍ଧାର କରି ପିଲା ଚୋରକୁ କାବୁ କରି ଥାନାରେ ଜିମା ଦେଇଛନ୍ତି। ପିଲା ଚୋରକୁ ଉତ୍ତମ ମଧ୍ୟମ ଦେବା ପରେ ଚୋରକୁ ସୁନ୍ଦରଗଡ଼ ଟାଉନ ଥାନାରେ ଜିମା ଦେଇଛନ୍ତି। ସୂଚନା ଅନୁସାରେ ସୁନ୍ଦରଗଡ ଅନ୍ତର୍ଗତ ଟାଉନ ଥାନା ପତ୍ରାପଡା ସ୍ଥିତ ଜଣଙ୍କ ଘରେ ପଶି ଏକ ଶିଶୁ କନ୍ୟାକୁ ଚୋରି କରୁଥିବା ବେଳେ ଶିଶୁର ମା ଦେଖି ପାଟି କରିବା ପରେ ସ୍ଥାନୀୟ ଲୋକ ଚୋରକୁ ଧରି ନିସ୍ତୁକ ମାଡ ମାରିଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଚୋରକୁ ଉଧାର କରି ସୁନ୍ଦରଗଡ଼ ମେଡିକାଲରେ ଭର୍ତ୍ତି କରିଛି। ବ୍ୟକ୍ତି ଜଣକ ସଦର ଥାନା ଟାଙ୍ଗରଭାଡ଼ି ଗ୍ରାମର ବୋଲି ଜଣାପଡିଛି । ଝିଅଟିର ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି ।

## ଦୟାରେ କୁମ୍ଭୀର ଆତଙ୍କ

**କଣାସ,୧୫।୯ (ସଂଚାର ବ୍ୟୁରୋ) :** କଣାସ ବ୍ଲକ ଅର୍ନ୍ତଗତ ପାଣ୍ଡିଆକେରା ଗ୍ରାମପଞ୍ଚାୟତର ତାଳପଡା ଦେଇ ପ୍ରବାହିତ ହେଉଥିବା ଦୟାନଦୀରେ କୁମ୍ଭୀର ଦେଖାଦେଇଛି। ଗ୍ରାମରେ ହୃଷିକେଶ ସୁନ୍ଦରାୟ (୮୫) କୁମ୍ଭୀର ଆକ୍ରମଣରୁ ରକ୍ଷା ପାଇଯାଇଥିବା ଜଣାପଡିଛି। ଖବର ନେବାରେ ଜଣାପଡିଛି ହୃଷିକେଶ ଦୟାନଦୀର ତାଳପଡା ତୁଠରେ ଗାଧଉଥିବା ବେଳେ ଦୟାନଦୀ ମଝିରେ ଏକ କୁମ୍ଭୀର ଓଲଟ ମାରି ତାଙ୍କ ଆଡକୁ ଆସୁଥିବାରୁ ସେ ବଡପାଟି କରି ନଦୀକୂଳକୁ ଉଠିଆସିଥିଲେ । ସେଇ ସମୟରେ ସେହି ତୁଠରେ ଜଣେ ମହିଳା ନିରାସ ସେଠୀ ଗାଧଉଥିଲେ । ସେ ପାଟି ଶୁଣି ଉପରକୁ ପଳାଇ ଆସିଥିଲେ । ଖବର ନେବାରେ ଜଣାପଡିଛି ୪ଦିନ ତଳେ କୁମ୍ଭୀରଟିକୁ ନିକଟବର୍ତ୍ତୀ ପାଣ୍ଡିଆକେରା ତୁଠରେ କିଛି ଲୋକ ଦେଖିଥିଲେ। କୁମ୍ଭୀର ଯୋଗୁଁ ନଦୀକୂଳବାସୀ ଆତଙ୍କିତ ହୋଇପଡିଛନ୍ତି ।

## ଭାଦ୍ରବ ଏକାଦଶୀ କର୍ମା ମହୋତ୍ସବ - ୨୦୨୪ ଅନୁଷ୍ଠିତ

**ସୁନ୍ଦରଗଡ,୧୫।୯ (ସଂଚାର ବ୍ୟୁରୋ) :** ଓରାମ ସାଂସ୍କୃତିକ ସମାଜ ଓଡ଼ିଶା ଏବଂ ସୁନ୍ଦରଗଡର ମିଳିତ ଆନୁକୁଲ୍ୟରେ ଭାଦ୍ରବ ଏକାଦଶୀ କର୍ମା ମହୋତ୍ସବ-୨୦୨୪ ଓରାମ ସାଂସ୍କୃତିକ ସମାଜ ରାଜ୍ୟ କାର୍ଯ୍ୟାଳୟ ପଡ଼ିଆ, ବାଇପାସ ରୋଡ଼ରେ ମହାଆଡମ୍ବର ସହକାରେ ପାଳିତ ହୋଇ ଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓ ସମ୍ମାନୀତ ଅତିଥି ଭାବେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମାଦଳ ବଜାଇ ଆନନ୍ଦରେ ନାଚିଥିଲେ । ପ୍ରଥମେ ପ୍ରକୃତିର ପବିତ୍ର ସ୍ୱରୂପ କରମା ଡାଳ ଆଣି ଉତ୍ସବ ସ୍ଥଳରେ ବିଧି ଅନୁଯାୟୀ ସ୍ଥାପନ କରିଥିଲେ । ଏହି ଉତ୍ସବ ବର୍ଷକରେ ତିନି ଥର କାର୍ତ୍ତିକ ପୂର୍ଣ୍ଣିମା, ଦଶହରା ଦଶମୀ ଓ ଭାଦ୍ରବ ଏକାଦଶୀରେ ପାଳନ କରାଯାଇଥାଏ। ପୂଜା ପାଇଁ ବିସ୍ମିତା ମିଞ୍ଜ, ଦୀପ୍ତି ବେକ୍ ଓ ଆଶ୍ରିତା କୁଜୁର ଉପବାସ ରହିଥିବା ବେଳେ ପୂଜାରୀ ଶୁକ୍ରା ଓରାମ ଓ ଲକ୍ଷ୍ମୀ ଓରାମ ପୂଜାର୍ଚ୍ଚନା କରିଥିଲେ । ଅତିଥି ଭାବେ ପୌରାଧ୍ୟକ୍ଷା ତନୟା ମିଶ୍ର,



ସଦର ତହସିଲଦାର କୁଳମଣି ରନବିଡା, ରାଜ୍ୟ ଓରାମ ସାଂସ୍କୃତିକ ସମାଜ ସଭାପତି ସୁଶ୍ରୀ ସୁକେଶୀ ଓରାମ, ସୁନ୍ଦରଗଡ ଓରାମ ସାଂସ୍କୃତିକ ସମାଜ ସଭାପତି ବାଲକୁ ବାର୍ଲା, ଯଶୋବନ୍ତ ନାଏକ, ଗିରିଶ ଚନ୍ଦ୍ର ସାହୁ, କଳାକୃଷ୍ଣ ଓରାମ, ପ୍ରେମ ସାଗର ଓରାମ, ପୁଷ୍ପଲତା ଟପ୍ପୋ, ସୁଖିଲାଲ ମୁଣ୍ଡା, ସସ୍ମିତା କେରକେଟା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ରାମେଶ୍ୱର ଟପ୍ପୋ ସଞ୍ଚାଳନ କରିଥିଲେ । ତାପରେ ମାଦଳ ନୃତ୍ୟର କାର୍ଯକ୍ରମ ହୋଇଥିଲା ।

# ବିଏସ୍‌ଏଫ୍ ପକ୍ଷରୁ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ

**ମାଲକାନଗିରି,୧୫।୯ (ସଂଚାର ବ୍ୟୁରୋ) :** ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ବ୍ଲକ ସଦର ମହକୁମାରେ ୨ୟ ବାଟାଲିୟନ୍ ଜି କମ୍ପାନି ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ଗୋଲାଗୁଡା ପ୍ରାଥମିକ ବିଦ୍ୟାଳୟ ର କୁନି କୁନି ପିଲା, ସ୍ଥାନୀୟ ଜନ ପ୍ରତିନିଧି ଓ ଅଞ୍ଚଳବାସୀଙ୍କୁ ନେଇ ସ୍କୁଲ ପରିସର ସମେତ ଆଖପାଖ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହାପରେ ସ୍କୁଲ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଜରିଆରେ ଅଞ୍ଚଳବାସୀଙ୍କୁ ସ୍ୱଚ୍ଛତା ଓ ଜୀବନ ବିକାଶରେ ସ୍ୱଚ୍ଛତାର ଆବଶ୍ୟକତା ନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି। ସ୍ଥାନୀୟ ସ୍କୁଲ ପିଲାଙ୍କୁ ହାତ ଧୋଇବା, ଦୈନନ୍ଦିନ ଜୀବନରେ ସ୍ୱଚ୍ଛତା ପାଳନ ନେଇ ଆଲୋଚନା କରାଯାଇଥିଲା

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଡିଆ ଥାନାରେ ଥିବା ୨ୟ ବାଟାଲିଅନ୍ ବିଏସ୍‌ଏଫ୍ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରାମ



ସିଂ ବଦୋରିଆ ଯୋଗ ଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ଗୋଲାଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପି ଭି ସାହୁ, ଗୋଲାଗୁଡ଼ା ଗ୍ରାମ ୱାର୍ଡ ମେମ୍ବର ରାଧିକା କସରିଆ, ପଡିଆ ଥାନା ଏଏସଆଇ ଅନିଲ କୁମାର ମିଶ୍ର, କେଶବ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ନିହାର ରଞ୍ଜନ ପଟନାୟକ ପରିଚାଳନା କରିଥିଲେ।




## କେନ୍ଦ୍ରାପଡ଼ାରେ ସୁଭଦ୍ରା ପଦଯାତ୍ରା ଆୟୋଜିତ

**କେନ୍ଦ୍ରାପଡ଼ା,୧୫।୯ (ସଂଚାର ବ୍ୟୁରୋ) :** ଓଡ଼ିଶାର ମା ଭଉଣୀମାନଙ୍କୁ ସାମାଜିକ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ ତଥା ସଶକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନର ବହୁଳ ପ୍ରଚାର ପ୍ରସାର କରିବା ନିମନ୍ତେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଦର ମହକୁମାରେ 'ସୁଭଦ୍ରା ସ୍ୱାଗତ ପଦଯାତ୍ରା' ଆୟୋଜିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ପଦଯାତ୍ରା ପୂର୍ବାହ୍ନରେ ତିନିମୁହାଣୀଠାରୁ ଆରମ୍ଭ ହୋଇ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ସଦସ୍ୟା, ବିଭିନ୍ନ ମହାସଂଘର ନେତୃମଣ୍ଡଳୀ ଯୋଗ ଦେଇ ସୁଭଦ୍ରା ଯୋଜନା ସମ୍ପର୍କିତ ପ୍ଲାକାର୍ଡ ଓ ସ୍ଲୋଗାନ ଦେଇ ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରେ ପହଂଚିଥିଲେ। ଉକ୍ତ ପଦଯାତ୍ରାରେ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ାର ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, କେନ୍ଦ୍ରାପଡ଼ା ପୌର ପରିଷଦ ଅଧ୍ୟକ୍ଷା ସରିତା ସାହୁ ,ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁ, ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ପରିଷଦ ପରିସରରେ ଆୟୋଜିତ ସଭାରେ ଅତିଥିମାନେ ସୁଭଦ୍ରା ଯୋଜନା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସେହିପରି କେନ୍ଦ୍ରାପଡ଼ା ବିଡ଼ିଓ ବନ୍ଦନା ଖଟୁଆଙ୍କ ଅଧକ୍ଷତାରେ ସହର ଉପକଣ୍ଠ ଶାନ୍ତସାହି ଲକ ପାଖରୁ ଏକ ଶୋଭାଯାତ୍ରା ବାହାରି କେନ୍ଦ୍ରାପଡ଼ା ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲା।ଡେରାବିଶ ବ୍ଲକ ପକ୍ଷରୁ ବିଡ଼ିଓ ଦାଶରଥି ଜେନାଙ୍କ ଅଧକ୍ଷତାରେ ଗୁହାଳସିଂ ପଞ୍ଚାୟତର ଜିଲ୍ଲା ସଂସ୍କୃତି ପାଖରୁ ଡେରାବିଶ ବ୍ଲକ ବିଡ଼ିଓ ଦାଶରଥି ଜେନାଙ୍କ ଅଧକ୍ଷତାରେ ଏକ ଶୋଭାଯାତ୍ରା କାର୍ଯ୍ୟାଳୟ ପରିସରକୁ ଯାଇଥିଲା।

## ଜଗତସିଂହପୁରରେ ସୁଭଦ୍ରା ପଦଯାତ୍ରା ଅନୁଷ୍ଠିତ

**ଜଗତସିଂହପୁର,୧୫।୯ (ସଂଚାର ବ୍ୟୁରୋ) :** ଜଗତସିଂହପୁର ସଦର ମହକୁମାଠାରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ବଣ୍ଟନ ପୂର୍ବରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରା ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ଠାରୁ ଆରମ୍ଭ ହୋଇ ଟାଉନ୍ ହଲ୍ ଠାରେ ଶେଷ ହୋଇଥିଲା। ସୁଭଦ୍ରା ସ୍ୱାଗତ ପଦଯାତ୍ରାକୁ ସାଂସଦ ବିଭୁପ୍ରସାଦ ତରାଇ ଓ ବିଧାୟକ ଅମରେନ୍ଦ୍ର ଦାସ ପତାକା ଦେଖାଇ ଶୁଭ ଉଦଘାଟନ କରିଥିଲେ। ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ,ଅନ୍ୟାନ୍ୟ ଅଧିକାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସାମିଲ ଥିଲେ। ପଦଯାତ୍ରା ପରେ ସ୍ଥାନୀୟ ଟାଉନ୍ ହଲ୍ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଉକ୍ତସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ବିଭୁପ୍ରସାଦ ତରାଇ କହିଲେ ମହିଳା ମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି, ଯାହାର ଫଳ ସ୍ୱରୂପ ଆଜି ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ସାମିଲ କରାଯାଇଛି। ୫ ବର୍ଷରେ ପ୍ରତ୍ୟେକ ମହିଳା ମାନଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ।

### ଅଜଣା ରୋଗରେ ମେଧାବୀ ଛାତ୍ରୀ

# ଚିକିତ୍ସା ପାଇଁ ସାହାଯ୍ୟର ହାତ ବଢ଼ାଇବାକୁ ନିବେଦନ

**ନୀଳଗିରି,୧୫।୯ (ସଂଚାର ବ୍ୟୁରୋ) :** ବାପା ମାଆଙ୍କ ଏକମାତ୍ର ଝିଅର ଅଜଣା ରୋଗରେ ଭାରାକ୍ରାନ୍ତ ପରିବାର। ଝିଅ ସ୍ନେହାଶ୍ରୀ (୧୩) ଜଣେ ମେଧାବୀ ଛାତ୍ରୀ ଭାବରେ ଭଲ ପାଠ ପଢୁଥିବାରୁ ବାପା ମା ଅନେକ ସ୍ୱପ୍ନ ଦେଖିଥିଲେ। ପାଠ ପଢି ବାପା ମାଙ୍କ ନାମ ରଖିବା ସହିତ ଅଞ୍ଚଳବାସିଙ୍କ ପାଖରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଆଶା ଆଜି ଆଶାରେ ରହିବା ସହିତ ସମାନ।

ସୂଚନା ଅନୁଯାୟୀ ନୀଳଗିରି ବ୍ଲକ୍ ଧୋବଶିଳା ଗ୍ରାମର ସୁଧିରଞ୍ଜନ ନାୟକ ଏବଂ ମାଆ ସଂଜୁରାଣୀ ନାୟକଙ୍କ ଏକମାତ୍ର କନ୍ୟା ସ୍ନେହାଶ୍ରୀ ଜାମୁଡ଼ିହା ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ପଢୁଥିବା ବେଳେ କିଛିଦିନ ପୂର୍ବରୁ ଅସୁସ୍ଥତା କାରଣରୁ ବାଲେଶ୍ୱର ହସ୍ପିଟାଲରେ ଚିକିତ୍ସା କରାଇ ମେଡ଼ିସିନ ଖାଉଥିଲେ। ଇତିମଧ୍ୟରେ ବିଦ୍ୟାଳୟରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜାରେ ସହପାଠୀଙ୍କ ସହିତ ପୂଜାରେ ଭାଗ ନେଇଥିଲେ। ବିଦ୍ୟାଳୟରେ ଅବସ୍ଥାନ କରୁଥିବା ବେଳେ ସ୍ନେହାଶ୍ରୀଙ୍କ ଦେହ ଅଧିକ ଖରାପ ହେବା ସହିତ



ଜ୍ୱରରେ ପୀଡ଼ିତ ହୋଇ ଘରକୁ ଆସିଥିଲେ। ଧିରେ ଧିରେ ତାଙ୍କର ଶରୀରରେ ବିଭିନ୍ନ ସ୍ଥାନରେ ପାଣି ଫୋଟକା ଭଳି ବାହାରି ଶରୀରରୁ ଚମଡା ବାହାରିବାକୁ ଲାଗିଲା।ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ସୋମ ହସ୍ପିଟାଲ୍ ଶିଶୁବିଭାଗରେ ଆଡମିଟ୍ କରାଯାଇ ଚିକିତ୍ସା କରାଯାଉଥିବା ବେଳେ ଗତ ୯ତାରିଖରେ ତାଙ୍କ ଜେଜେବାପା ଡମ୍ବରୁଧରଙ୍କ ଦେହାନ୍ତ ହୋଇଥିଲା। ସେହିଦିନ ମଧ୍ୟ ସ୍ନେହାଶ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏବେବି ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିବା ପରିବାର ସୂତ୍ରରୁ ପ୍ରକାଶ। ପ୍ରଫେସର ଡଃ ଦେବସ୍ମିତା ରଥ ଝିଅର ଚିକିତ୍ସା କରୁଥିବା ବେଳେ ଅଞ୍ଚଳବାସୀ ଝିଅର ଆଶୁ ଆରୋଗ୍ୟ କାମନା କରି ଶୀଘ୍ର ସୁସ୍ଥହୋଇ ଘରକୁ ଫେରନ୍ତୁ ବୋଲି ଡାକ୍ତରଙ୍କ ଠାରେ ନିବେଦନ କରିଛନ୍ତି।

ବାପା ନୀଳଗିରି ସହରରେ ଏକ ଛୋଟିଆ ଲୁଗା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଝିଅର ଉନ୍ନତ ଚିକିତ୍ସା ପାଇଁ ଯଦି କୌଣସି ସ ହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ଚାହାନ୍ତି ତାହେଲେ ଉକ୍ତ ମେଧାବୀ ଛାତ୍ରୀର ଜୀବନ ରକ୍ଷା ପାଇଁ ସାହାଯ୍ୟର ହତା ବଢ଼ାଇବାକୁ ଅନୁରୋଧ କରାଯାଇଛି। ଏନେଇ ଆଦର୍ଶ ବିଦ୍ୟାଳୟର କର୍ତୃପକ୍ଷ ଛାତ୍ରୀ ସ୍ନେହାଶ୍ରୀଙ୍କ ପିତାଙ୍କର ୯୭୭୭୦୮୪୮୪୯ମୋବାଇଲ ନମ୍ବର ଜାରି କରି ସାହାଯ୍ୟର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି।

## କୁଚିଆ ମଦ କାରବାରକୁ ପ୍ରଶୟ ଦେଉଛି କିଏ ?

**ପାଟଣାଗଡ,୧୫।୯ (ସଂଚାର ବ୍ୟୁରୋ) :** ଖପ୍ରାଖୋଲ ପରି ଅନୁନ୍ନତ ଦାଦନ ପ୍ରବଣ ଅଞ୍ଚଳରେ ପ୍ରାୟତଃ ମଦଜନିତ ମୃତ୍ୟୁ ହେଉ ବା ହିଂସା ସବୁ ଥିରେ ପ୍ରଚ୍ଛନ୍ନ ଭାବରେ ମଦର କୁପରିଣତି। ଗୋଟିଏ ପଟେ ମଦ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନ୍ୟ ପଟେ ଗାଁ ଗାଁ ରେ ଦେଶୀ ମଦ କୁଚିଆର ବନ୍ୟା । ସତେ ଯେପରି ଖପ୍ରାଖୋଲ ବ୍ଲକର ଗାଁମାନଙ୍କରେ ମଦ ରାନ୍ଧିବା ଏକ ପ୍ରକାର କୁଟୀର ଶିଳ୍ପ ହୋଇଗଲାଣି କହିଲେ ଚଳେ କିନ୍ତୁ ଏମାନଙ୍କୁ ଲଗାମ ପାଇଁ ସରକାରଙ୍କ ଅବକାରୀ ବିଭାଗର ଭୂମିକା କଣ ? ଖାଲି ଦରମା ଉଦାରସ୍ତ କରି ମାଲେମାଲ ହେବା ନାଁ ଗ୍ରାଉଣ୍ଡ ଜିରୋକୁ ଯାଇ ମଦ କୁଚିଆଙ୍କ ଉପରେ ଚଢ଼ାଉ କରି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବ କିନ୍ତୁ ଏଇଠି ସବୁ ଓଲଟା ବେଧଡ଼କରେ ଚାଲିଛି। ଏପରିକି ବିଦେଶୀ ମଦ ମଧ୍ୟ ଗାଁ ଗାଁରେ ବିକ୍ରି ଚାଲିଛି । ହେଲେ ଅବକାରୀ ବିଭାଗ ଚୁପ ଚାପ ବସି ରହିଛି। କାର୍ଯ୍ୟାନୁଷ୍ଠାନ ଶୂନ୍ୟ...ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏଇ ଅସାଧୁ ତତ୍ୱ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ବନ୍ଦ କରିବା ଉଚିତ ନ ହେଲେ ପରିଣତି ଭୟଙ୍କର ହେବ। ଏହାକୁ ନେଇ ଲୋକେ ତାତିଲେଣି । ଯଦି ଅସାଧୁ ମଦ କୁଚିଆ ଓ ଅବକାରୀ ବିଭାଗର ମଧୁଚନ୍ଦ୍ରିକା ବନ୍ଦ ନ ହୁଏ ଆଗକୁ ବଡ଼ ଜନଆନ୍ଦୋଳନର ସୂତ୍ର ହେବାର ସମ୍ଭାବନା ଅଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରୁଛି ।

## ମହିଳାଙ୍କ ଆର୍ଥିକ ଉନ୍ନତିରେ ସୁଭଦ୍ରା ଏକ ଯୁଗାନ୍ତକାରୀ ଯୋଜନା

**ସୁବର୍ଣ୍ଣପୁର,୧୫।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳାଙ୍କ ଆର୍ଥିକ ସ୍ୱଚ୍ଛଳତା ସହ ସାମଗ୍ରିକ ବିକାଶ ଲକ୍ଷ୍ୟରେ ରାଜ୍ୟ




ସରକାରଙ୍କ ତରଫରୁ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି। ସମସ୍ତ ଯୋଗ୍ୟ ମହିଳା ଯେପରି ଯୋଜନାରେ ଯୋଡି ହୋଇ ଏହାର ଲାଭ ନେଇପାରିବେ ସେଥିପାଇଁ ରାଜ୍ୟ, ଜିଲ୍ଲା ତଥା ବ୍ଲକସ୍ତରରେ ମାଁ ମାନଙ୍କୁ ସଂଶ୍ଳିଷ୍ଟ କରାଯାଇ ବିବିଧ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସୁଭଦ୍ରା ସ୍ୱାଗତ ପଦଯାତ୍ରାକୁ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ, ବଲାଙ୍ଗୀର ଲୋକସଭା ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଶରତ ଶତପଥୀ ଓ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସୁବର୍ଣ୍ଣପୁର ଟାଉନ ହଲ ଠାରେ ପହଞ୍ଚିଥିଲା। ପରେ ପରେ ପଦଯାତ୍ରାରେ ସାମିଲ ସମସ୍ତ ମହିଳା, ମହିଳାମଣ୍ଡଳ ର କର୍ମକର୍ତ୍ତା ପ୍ରମୁଖଙ୍କୁ ନେଇ ସଚେତନତା ସଭା,କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା।

### ବାଲେଶ୍ୱର ଜିଲ୍ଲା ସ୍କୁଲ୍ ଭୂସଂପତ୍ତିର ସୁରକ୍ଷା

# ସିଭିଲ୍ ସୋସାଇଟି ଓ ସାମାଜିକ ସଂଗଠନମାନଙ୍କ ବୈଠକ ୧୯ରେ

**ବାଲେଶ୍ୱର,୧୫।୯ (ସଂଚାର ବ୍ୟୁରୋ):** ସିଭିଲ୍ ସୋସାଇଟି ପକ୍ଷରୁ ବାଲେଶ୍ୱର ଜିଲ୍ଲା ସ୍କୁଲ୍ ଭୂ-ସଂପତ୍ତିର ସୁରକ୍ଷା ପାଇଁ ଆହୂତ ପରିବର୍ଦ୍ଧିତ ବୈଠକ ଆସନ୍ତା ୧୯ ତାରିଖ ଗୁରୁବାର ଅପରାହ୍ନ ୫ଟାରେ ପୁନଶ୍ଚ ବସିବା ପାଇଁ ଶନିବାର ଦିନ ନିଷ୍ପତ୍ତି ନିଆଯାଇଛି। ଶନିବାର ଦିନ ପ୍ରତିକୂଳ ପାଗ କାରଣରୁ ଏହି ନିଷ୍ପତ୍ତି ନିଆଗଲା ବୋଲି ବୈଠକରେ ସ୍ଥିର ହୋଇଛି । ପ୍ରବଳ ବର୍ଷା କାରଣରୁ ବୈଠକରେ ଯୋଗଦେଇ ପାରୁନଥିବାର ବହୁ ସଦସ୍ୟ/ସଦସ୍ୟା ଟେଲିଫୋନ୍‌ରେ ଜଣାଇଥିବାର କେତେକ କର୍ମକର୍ତ୍ତା ପ୍ରକାଶ କରିଥିଲେ। ତେଣୁ ଚଳିତ ମାସ ଶେଷ ସପ୍ତାହରେ ପ୍ରସ୍ତାବିତ ଗଣ ଆନ୍ଦୋଳନ ସଂପର୍କରେ ଆସନ୍ତା ପରିବର୍ଦ୍ଧିତ ବୈଠକରେ ସବିଶେଷ ଆଲୋଚନା ଓ ନିଷ୍ପତ୍ତି ନିଆଯିବ। ଏହି ବୈଠକରେ ଜିଲ୍ଲାର ପ୍ରମୁଖ ସାମାଜିକ ସଂଗଠନ ଓ ଗଣସଂଗଠନମାନଙ୍କ ପ୍ରତିନିଧି ଯୋଗ ଦେବାକୁ ଅନୁରୋଧ କରାଯିବ ବୋଲି ସଂପାଦକ ଶ୍ରୀ ନାୟକ ଜଣାଇଥିଲେ । ଏହି ବୈଠକରେ ସ୍କୁଲ୍ ପରିଚାଳନା କମିଟିର ସଭାପତି ସଂଜୀବ ମିଶ୍ର, ସିଭିଲ୍ ସୋସାଇଟି ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ବିକାଶ ଦାସ, କମଳ ଲୋଚନ ଆଚାର୍ଯ୍ୟ, ବାସନ୍ତୀ ନାୟକ, ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ପାଢ଼ୀ, ଶରତ ଚନ୍ଦ୍ର ଦଳାଇ, କମଳାକାନ୍ତ ବେହେରା, ଶେଖ ଅବଦୁଲ ଜାରୀ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବଲାଙ୍ଗିରରେ ଆରମ୍ଭ ହେଲା ସୁଭଦ୍ରା ପଦଯାତ୍ରା ଓ ସ୍ୱାକ୍ଷର ପ୍ରଚାର



**ବଲାଙ୍ଗିର,୧୫।୯ (ସଂଚାର ବ୍ୟୁରୋ) :** ଓଡ଼ିଶାର ପ୍ରତ୍ୟେକଟି ମହିଳା ହେବେ ସ୍ୱାବଲମ୍ବୀ ଏବଂ ସଶକ୍ତ, ଏହି ଉଦ୍ଦେଶ୍ୟରେ ଓଡିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନା ବର୍ତ୍ତମାନ ଘରେ ଘରେ ଆଦୃତ ଓ ଲୋକପ୍ରିୟ ହୋଇପାରିଛି । ବଲାଙ୍ଗିରରେ ମଧ୍ୟ ଏହି ଯୋଜନାର ସଫଳ ରୂପାୟନ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ, ଜିଲ୍ଲା ପ୍ରଶାସନ ଅନୁକୁଲ୍ୟରେ ରବିବାର ଦିନ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ କୋଶଳ କଳା ମଣ୍ଡଳ ପଡିଆ ପର୍ଯ୍ୟନ୍ତ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାରେ ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ମାନେ ଯୋଗ ଦେବା ସହ ସ୍ୱାକ୍ଷର ପ୍ରଚାରରେ ନିଜକୁ ସାମିଲ କରିଥିଲେ। ଏହି ପଦଯାତ୍ରା ବେଳେ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ , ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର , ଡିପିସି ମିଶନ ଶକ୍ତି ସୁମନ ଦ୍ୱିବେଦୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ମହିଳା ମାନେ ସ୍ଲୋଗାନ ଦେଇ ପଦଯାତ୍ରା କରିଥିଲେ।

# ଆମରି ସତ୍ୟର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ

**ଖୋର୍ଦ୍ଧା,୧୫।୯ (ସଂଚାର ବ୍ୟୁରୋ):** ଆମରି ସତ୍ୟର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ସମ୍ପାଦକ ଡ. ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା ମୈତ୍ରୀଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷାବିତ୍ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷା ଓ ଓଡ଼ିଆ ସାହିତ୍ୟର ଅଗ୍ରଗତି ଆମରି ହାତରେ ଅଛି ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରାକ୍ତନ ପ୍ରଧ୍ୟାପିକା ସଂଘମିତ୍ରା ମିଶ୍ର ମହୋଦୟା ସାହିତ୍ୟରେ ସତ୍ୟ ସହ ମିଥ୍ୟା ନ ରହିଲେ ସାହିତ୍ୟ ସମ୍ଭବ ହେବନି। ଓଡ଼ିଆ ଭାଷାର ଅଗ୍ରଗତି ପାଇଁ ଯୁବକମାନଙ୍କ ମନରେ ପତ୍ରିକା ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରାଇବାକୁ



ପଢ଼ିବ ବୋଲି ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଡ. ବିଷ୍ଣୁ ଚରଣ ସାହୁ ବେଦ ଉପନିଷଦ ଗୀତାରେ ଯେଉଁ ସତ୍ୟର ପରିଭାଷା ରହିଛି ତାହା ବର୍ଣ୍ଣନା କରିଥିଲେ। ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ଆମରି ସତ୍ୟ ପତ୍ରିକା କିପରି ଉତ୍ଥାନ ପତନ ଦେଇ ଗତି କରୁଛି ଓ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂ ଅତିଥି ପରିଚୟ ଦେବା ସହ ରମେଶ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଉକ୍ତ ଉତ୍ସବରେ ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀଙ୍କୁ 'ଆମରି ସତ୍ୟ ସାରସ୍ୱତ ସମ୍ମାନ', ଶ୍ରୀଯୁକ୍ତ ବିଭୂ ପ୍ରସାଦ ହରିଚନ୍ଦନଙ୍କୁ 'ଆମରି ସତ୍ୟ ସମ୍ମାନ' ଓ ନାଟ୍ୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଜିତେନ୍ଦ୍ର ପଟ୍ଟନାୟକଙ୍କୁ 'ଆମରି ସତ୍ୟ ଡା: ଧନେଶ୍ୱର ସାହୁ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଆମରି ସତ୍ୟ ବିକାଶ ପରିଷଦ, ଜଟଣୀର ୧୯ ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପଣ୍ଡିତ ରମାକାନ୍ତ ମିଶ୍ରଙ୍କ 'କୁଳ ପ୍ରଦୀପ ରଘୁ ' ପୁସ୍ତକ ଓ ଶ୍ରୀଯୁକ୍ତ ଶରଚନ୍ଦ୍ର ମହାପାତ୍ରଙ୍କ 'ବ୍ୟକ୍ତି ବିଶେଷ କିଛି ଅଜଣା କଥା' ପୁସ୍ତକ ଉନ୍ମୋଚନ ହୋଇଥିଲା।

## ଟଙ୍କଧରଙ୍କ ଭୀମ ରଡ଼ି



ଝାରସୁଗୁଡାର ଯୁବ ବିଧାୟକ ଟଙ୍କଧରଙ୍କ ଭୀମ ରଡିକୁ ନେଇ ଏବେ ଚର୍ଚ୍ଚା। ବିଧାନସଭାରେ ସ୍ୱରାଷ୍ଟ୍ର ବିଭାଗର ଖର୍ଚ୍ଚଦାବି ଦିନ ବାବୁଙ୍କ ରଡିରେ କୁଆଡେ ବିରୋଧିଦଳ ନେତା ନବୀନ ପଟ୍ଟନାୟକ ବିଧାନସଭାକୁ ଆସିବାକୁ ବାଧ୍ୟ ହେଲେ ବୋଲି କୁହାଯାଉଛି। ସ୍ୱରାଷ୍ଟ୍ର ବିଭାଗର ଖର୍ଚ୍ଚଦାବି ଆଲୋଚନା ବିରୋଧିଦଳ ନେତା ନବୀନ ପଟ୍ଟନାୟକ ଆରମ୍ଭ କରିବେ ବୋଲି ସମସ୍ତେ ଭାବିଥିଲେ। ଗଣମାଧ୍ୟମ ବି ଅପେକ୍ଷା କରିଥିଲା। ହେଲେ ଆରମ୍ଭ କରିଥିଲେ ପୂର୍ବତନ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା। ଆଲୋଚନା କାଳରେ ଯେତେବେଳେ ଟଙ୍କଧରଙ୍କ ପାଳି ପଡିଲା ସିଏ ସିଧା ନବୀନଙ୍କୁ ନିଶାଣ କଲେ। କହିଲେ ୨୪ବର୍ଷ ସ୍ୱରାଷ୍ଟ୍ର ବିଭାଗ ଦାୟିତ୍ୱରେ ରହିଲେ। ହେଲେ ସ୍ୱରାଷ୍ଟ୍ର ଆଲୋଚନାକୁ ଆସୁ ନାହାନ୍ତି। ଶଙ୍ଖ ଭବନ ଯାଉଛନ୍ତି। ଅନ୍ୟ ବୈଠକକୁ ଯାଉଛନ୍ତି। ହେଲେ ନବୀନ ଡରିକି ବିଧାନସଭା ଆସୁନାହାନ୍ତି। ଟଙ୍କଧରଙ୍କ ଏଭଳି ମରମଜଳା କଥାର କିଛି ସମୟ ପରେ ବିରୋଧିଦଳ ନେତା ନବୀନ ଆସି ବିଧାନସଭାରେ ହାଜର। ତାଙ୍କୁ ଦେଖିଲା ପରେ କିଛି ଗଣମାଧ୍ୟମ ପ୍ରତିନିଧି କହୁଥାନ୍ତି ଭୀମ ରଡି ଶୁଣି ଦୁର୍ଯ୍ୟୋଧନ ପଦାକୁ ଆସିବା ଭଳି ଟଙ୍କଧରଙ୍କ ରଡି ଶୁଣି ନବୀନ ବିଧାନସଭାକୁ ଆସିଲେ। ଗଣମାଧ୍ୟମକୁ ବାଇଟ୍ ବି ଦେଲେ। ବିଧାନସଭା ବାହାରେ ନବୀନ ଗଣମାଧ୍ୟମର ଶିରୋନାମା ପାଲଟିଥିବାବେଳେ ଏହାର ଶ୍ରେୟ କିନ୍ତୁ ଟଙ୍କଧରଙ୍କ ପାଖକୁ ଯାଇଛି। ଟଙ୍କଧରଙ୍କ ଭୀମରଡିକୁ ନେଇ ଏବେ ରାଜଧାନୀରୁ ଝାରସୁଗୁଡା ପର୍ଯ୍ୟନ୍ତ ଚର୍ଚ୍ଚା ଜୋର ଧରିଛି।

## ଗଣେଶ୍ୱରଙ୍କ ନରସିଂହ ଅବତାର



ବିଜେଡି ବିଧାୟକଙ୍କ ଗଣେଶ୍ୱର ବେହେରାଙ୍କ କଥା ବିଧାନସଭା ଭିତରେ ଶୁଣିବାପରେ ଏବେ ଅନେକ ତାଙ୍କୁ ନରସିଂହ ଅବତାର ବୋଲି କହୁଛନ୍ତି। ତେବେ ଏ ନରସିଂହ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ନରସିଂହ ମିଶ୍ର। ନରସିଂହ ମିଶ୍ର ବିଧାନସଭାରେ ଯେଭଳି କଥା କଥାକେ ଆଇନ୍ କାନୁନ୍‌ର ପାଠ ପଢାନ୍ତି ଓ ବହି ଦେଖାନ୍ତି କଂଗ୍ରେସରୁ ଆସି ବିଜେଡି ଟିକେଟରେ ନିର୍ବାଚନ ଜିଣିଥିବା ବାବୁ ଗଣେଶ୍ୱର ବି ସେହିଭଳି ପାଠ ପଢାଉଛନ୍ତି। ବାବୁଙ୍କ ଅକାଟ୍ୟ ଯୁକ୍ତିକୁ ସମସ୍ତେ ତାରିଫ କରୁଛନ୍ତି। ନରସିଂହ ଠିକ୍ ଯେମିତି ଆଇନ୍ ପାଠ ପଢାଇ ସମସ୍ତଙ୍କ ମୁହଁ ବନ୍ଦକରି ଦେଉଥିଲେ ଗଣେଶ୍ୱର ଅନୁରୂପ ଢଙ୍ଗରେ ଯୁକ୍ତି କରୁଛନ୍ତି। ଫରକ ଏତିକି ଯେ ନରସିଂହ ବାରମ୍ବାର ବାଚସ୍ପତିଙ୍କୁ ଆଇନ୍‌ର ପାଠ ପଢାଉଥିବା ବେଳେ ଗଣେଶ୍ୱର ସରକାରୀଦଳକୁ ଇଙ୍ଗିତ କରୁଛନ୍ତି। ଗୃହକୁ ଆସିଲା ବେଳେ ପୂରା ପ୍ରସ୍ତୁତ ସହିତ ବିଭିନ୍ନ ପ୍ରକାର ଆଇନ୍ ପୁସ୍ତିକା, ଆବଶ୍ୟକ କାଗଜପତ୍ର ଧରି ଆସୁଛନ୍ତି। ତେଣୁ କଂଗ୍ରେସରୁ ସଦ୍ୟ ଆସିଥିଲେ ବି ବାବୁ ଗଣେଶ୍ୱରଙ୍କର ଚାହିଦା ବିଧାନସଭାରେ ବେଶ୍ ବଢିଯାଇଛି। ଖାଲି ଯାହା ବାବୁଙ୍କର ଲମ୍ବା ଭାଷଣକୁ ବାଚସ୍ପତି ମଝିରେ ମଝିରେ ରୋକିବାକୁ ନିର୍ଦ୍ଦେଶ ଦେଉଛନ୍ତି, ଯାହା ନରସିଂହଙ୍କ କ୍ଷେତ୍ରରେ ପ୍ରାୟତଃ ହେଉନଥିଲା।

## ସୋଫିଆଙ୍କ ଆଗରେ ସୌଭିକ ଫିକା





ବିଧାନସଭାରେ ଏଥର କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୌଶଙ୍କ ଆଗରେ ଫିକା ପଡି ଯାଇଛନ୍ତି ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ। ଗତ ବିଧାନସଭାରେ ସୌଭିକ ଏକାଧିକ ପ୍ରଶ୍ନ କରିବା ସହିତ ଗୃହ ମଧ୍ୟରେ ନିଜ ବାକ୍ ଚାତୁରୀ ଯୋଗୁଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାନସଭାରେ ତାଙ୍କର ପ୍ରଦର୍ଶନ ଦେଖି ତାଙ୍କୁ କେତେକ କଟକର ବାଇମୁଣ୍ଡି ବୋଲି କହୁଥିଲେ। ସେତେବେଳେ ସୌଭିକ ଥିଲେ ଶାସକଦଳରେ। ପ୍ରଶ୍ନ ପଚାରିବା ଓ କଥା କହିବାର ସୁଯୋଗ କମ୍ ଥିଲେ ବି ସୌଭିକ ତାକୁ ହାତଛଡା କରୁନଥିଲେ। କଟକ ଉପରେ ଏକାଧିକ ପ୍ରଶ୍ନ କରୁଥିଲେ। ହେଲେ ସେ ଏଥର ବିରୋଧି ଦଳରେ। କହିବାର ପର୍ଯ୍ୟାପ୍ତ ସୁଯୋଗ ଥିଲେ ବି ସୌଭିକ ଆଉ ଆଗଭଳି ନାହାନ୍ତି। ତାଙ୍କ ସ୍ଥାନ ଏବେ କଟକ-ବାରବାଟୀର କଂଗ୍ରେସ ବିଧାୟିକା ସୋଫିଆ ନେଇ ଯାଇଛନ୍ତି। କଟକର ଭଲମନ୍ଦ ଉପରେ ମାଳ ମାଳ ପ୍ରଶ୍ନ ସାଙ୍ଗକୁ ସମସ୍ତ ଆଲୋଚନାରେ ବିଜେପିକୁ ଘାଇଲା କରୁଛନ୍ତି। ସେହିଭଳି ତାଙ୍କ ପ୍ରଶ୍ନର ଉତ୍ତର ଗଣମାଧ୍ୟମ ନିକଟରେ କିଭଳି ପହଞ୍ଚିବ ତାହାର ବି ବ୍ୟବସ୍ଥା କରିଦେଇଛନ୍ତି। ଏବେ ଆଲୋଚନା ହେଉଛି ଯେ ଉଭୟଙ୍କ ପିତା ପୂର୍ବତନ ବିଧାୟକ ହୋଇଥିବାବେଳେ ନବାଗତା ସୋଫିଆଙ୍କ ଆଗରେ କଣାନ୍ତୁ ଦୁଇ ଦୁଇ ଥରର ସୌଭିକ ଫିକା ପଡିବାରେ ଲାଗିଛନ୍ତି।

## ଚନ୍ଦକା ଏବେ ଖାକି ବାବୁଙ୍କ ଥଇଥାନ କେନ୍ଦ୍ର




ଚନ୍ଦକାରେ ରହିଛି ଏସଓଜି କ୍ୟାମ୍ପ୍। ସାରା ରାଜ୍ୟରେ ହେଉଥିବା ମାଓ ନିୟନ୍ତ୍ରଣ ପାଇଁ ଏଠାରେ ଜବାନମାନଙ୍କୁ ତାଲିମ ଦିଆଯାଏ। ବଡ କଷ୍ଟକର କାମ। ହେଲେ ଏଠାକୁ ଯିବାକୁ ଖାକିବାବୁମାନେ ବ୍ୟଗ୍ର। ଏ ସଂକ୍ରାନ୍ତରେ କିଛି ଖାକିବାବୁ କରୁଥିବା ଆଲୋଚନାରୁ ଜଣାଯାଇଛି ଯେ ଏଠାକୁ ଥରେ ବଦଳି ହୋଇଗଲେ ସେହିଠାରେ ହିଁ ରହିବ। ଆଉ କୁଆଡେ ଯିବାର ନାହିଁ। ନିକଟରେ ଏଠାରେ ଥିବା ବାବୁଙ୍କର ତାଲିକା ଗୃହ ବିଭାଗରେ ପହଞ୍ଚିଛି। ତାକୁ ଦେଖି ବିଭାଗର ବଡ ବାବୁମାନେ ପୂରା ଟେରା। କାରଣ ଏଠାରେ କିଏ ୨୦ ବର୍ଷ ତ ଆଉ କିଏ ୧୫ ବର୍ଷ। ଆଠ ଦଶ ବର୍ଷିଆଙ୍କ ସଂଖ୍ୟା ବି କିଛି କମ୍ ନୁହେଁ। ଏତେଦିନ କିଭଳି ବାବୁମାନେ ଏଠାରେ ରହିଲେ ତାହାର ଏବେ ଖୋଳତାଡ ଚାଲିଛି। ଚନ୍ଦକା ମୁଖିଆ କୁଆଡେ ୮ବର୍ଷ ସେଇ ଗୋଟିଏ ସ୍ଥାନରେ କାଟି ସାରିଲେଣି। ତାଙ୍କ ଚେଲାମାନେ ତାଙ୍କୁ ଟପିଗଲେଣି। ଏହାର ରହସ୍ୟ ଉନ୍ମୋଚନରୁ ଜଣାଯାଇଛି ଯେ ଏଠାରେ ଥିବା ସନ୍ତରଣ କେନ୍ଦ୍ରକୁ ବଡ ବଡ ପୁଲିସ୍ ବାବୁମାନେ ସବୁବେଳେ ଯାଉଛନ୍ତି। ଯିଏ ସେମାନଙ୍କୁ ଭଲ ସେବା ଯୋଗାଇ ପାରିଲା ତାର ଆଉ ଏଠାରୁ ବଦଳି ହେବାର ନାହିଁ। କିଛି ଜବାନ ତ ଏଠାରୁ ଅବସର ନେବେ ବୋଲି ଚିନ୍ତା କଲେଣି।

## ସଚିବଙ୍କ ପଛରେ ମନ୍ତ୍ରୀଙ୍କ ଗୁଇନ୍ଦା



ରାଜ୍ୟର ଜଣେ ସଚିବଙ୍କ ପଛରେ ତାଙ୍କରି ବିଭାଗର ମନ୍ତ୍ରୀ ଗୁଇନ୍ଦା ଲଗାଇଛନ୍ତି। ସଚିବଙ୍କୁ କିଏ କିଏ ଭେଟିବାକୁ ଆସୁଛନ୍ତି ଓ ସାଙ୍ଗରେ କ'ଣ କ'ଣ ଆଣୁଛନ୍ତି ତାହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ମନ୍ତ୍ରୀ ମହାଶୟ ନିଜେ ବି ନଜର ରଖୁଛନ୍ତି। ଅଳ୍ପଦିନ ତଳେ ମନ୍ତ୍ରୀ ଆଦିବାସୀ ଅଞ୍ଚଳକୁ ଗସ୍ତରେ ଯାଇଥିଲେ। ସେଠାକାର କିଛି ବ୍ୟବସାୟୀ ଆସି ମନ୍ତ୍ରୀଙ୍କୁ ସୌଜନ୍ୟ ସାକ୍ଷାତ କରିଥିଲେ। ସେମାନଙ୍କୁ ଦେଖୁ ଦେଖୁ ମନ୍ତ୍ରୀ ପଚାରିଲେ ସଚିବଙ୍କ ସହିତ ସମ୍ପର୍କ କିପରି। କିଛି ବ୍ୟବସାୟୀ ମୁରୁକି ହସା ଦେଇ ମୁଣ୍ଡ ଟୁଙ୍ଗାରିଲେ। ସମଝନେ ବାଲୋଁକୋ ଇସାରା କାଫି ଭଳି ମନ୍ତ୍ରୀ ବୁଝିଗଲେ। ମନେ ମନେ ହିସାବ କଲେ। ତାଙ୍କର ଜଣେ ପାଖ ଲୋକ ଯାହା ସୂଚନା ଦେଲେ ସଚିବଙ୍କର ମାସକୁ କୋଟିଏ ଉପରେ ବୋଲି ମନ୍ତ୍ରୀ ଆକଳନ କଲେ। ଏହା ପରେ ମନ୍ତ୍ରୀ କଡା ଭାଷାରେ କୁଆଡେ ବ୍ୟବସାୟୀମାନଙ୍କୁ ତାଗିଦା କରିଛନ୍ତି। ସଚିବଙ୍କ ସହିତ ଯେତିକି ସମ୍ପର୍କ ରଖିଲ ରଖିଲ ଆଉ ନୁହେଁ। ତେବେ ଗସ୍ତରୁ ଫେରିବା ପରେ ସଚିବଙ୍କ ପଛରେ ମନ୍ତ୍ରୀ କୁଆଡେ ଗୁଇନ୍ଦାଗିରି ଚଳାଇଥିବା ସଚିବାଳୟରେ ଆଲୋଚନା ହେଉଛି। ଗୁଇନ୍ଦାଗିରିର ସୂଚନା ପାଇଲା ପରେ ମନ୍ତ୍ରୀ ବି କୁଆଡେ ସତର୍କ ହୋଇଛନ୍ତି। ତାଙ୍କ ହାତରେ ଦୁଇ ଦୁଇଟି ବିଭାଗ ଥିବାରୁ ଏ ମନ୍ତ୍ରୀ ଜଗିଥିବାବେଳେ ଆର ମନ୍ତ୍ରୀଙ୍କ ବିଭାଗରେ ସିଏ କୁଆଡେ ଅଧିକ ମନ ଦେଇଥିବା ନେଇ ଆଲୋଚନା ଚାଲିଛି। ଏହି ସଚିବଙ୍କୁ ତଡିବାପାଇଁ ମନ୍ତ୍ରୀ ଜଣଙ୍କ ଯେତେ ଉଦ୍ୟମ କଲେ ବି ସେଥିରେ ସଫଳ ହେଉନଥିବାରୁ ଅଧିକାଂଶ ସମୟରେ ମନମରା ହୋଇ ରହୁଛନ୍ତି।

# ହରିୟାଣାରେ ଚାଷୀଙ୍କ ଜମି ଦଖଲ କଂଗ୍ରେସର ଉଦ୍ଦେଶ୍ୟ- ଧର୍ମେନ୍ଦ୍ର

## ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ



**ହରିୟାଣା, ୧୫।୯:** ହରିୟାଣାର ବିକାଶକୁ ସମ୍ପୂର୍ଣ୍ଣ ବନ୍ଦ କରି ପୁଣି ଥରେ କୃଷକଙ୍କ ଜମି ଦଖଲ କରିବା, ଦଳିତ ଓ ମହିଳାଙ୍କ ଉପରେ ଅତ୍ୟାଚାର କରିବା ଏବଂ ଯୁବକମାନଙ୍କୁ ସେହି ପୁରୁଣା ସ୍ଥିତାବସ୍ଥାକୁ ଫେରାଇ ଆଣିବା କଂଗ୍ରେସର ମୂଳ ରାଜନୈତିକ ଉଦ୍ଦେଶ୍ୟ ରହିଛି ବୋଲି କହିଛନ୍ତି ହରିୟାଣା ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ହରିୟାଣା ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି କରନାଲରେ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଭେଟିବା ସହ ସଂଗଠନାତ୍ମକ ବିଷୟ ଉପରେ ଆଲୋଚନା କରିଛନ୍ତି। ପ୍ରଚାର କରିବା ଅବସରରେ ସେ କହିଛନ୍ତି ହରିୟାଣାରେ ବିଜେପି ବିଜୟର ହ୍ୟାଟ୍ରିକ୍ ହେବାକୁ ଯାଉଛି। ବିଧାନସଭା ନିର୍ବାଚନ ପାଇଁ ବିଜେପି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଯାଇଛି। ବିଗତ ୧୦ ବର୍ଷରେ ରାଜ୍ୟରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ବିଗତ ୧୦ ବର୍ଷ ଧରି ବିଜେପି ନିରନ୍ତର ଭାବେ ହରିୟାଣାର ସେବା କରିଆସୁଛି। ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀ ପ୍ରତ୍ୟେକ ବର୍ଗଙ୍କ କଲ୍ୟାଣ ପାଇଁ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ନେଇଛନ୍ତି। କୃଷକମାନଙ୍କୁ ସମସ୍ତ କୃଷି ସାମଗ୍ରୀ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)ର ଗ୍ୟାରେଣ୍ଟି ଦେବାରେ ହରିୟାଣା ହେଉଛି ପ୍ରଥମ ରାଜ୍ୟ। ବିଜେପି ସରକାରରେ ଏହି ରାଜ୍ୟରେ ଯୁବବର୍ଗଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଇ ସେମାନଙ୍କୁ ସରକାରୀ ଚାକିରି ପ୍ରଦାନ କରାଯାଇଛି। ଗୋଟିଏ ପଟେ ସୈନୀ ସରକାର ଚାଷୀଙ୍କ ସ୍ୱାର୍ଥ ପାଇଁ ଚିନ୍ତା କରୁଛନ୍ତି। ଅନ୍ୟ ଗୋଟିଏ ପକ୍ଷରେ ବାପା ପୁଅଙ୍କ ଶାସନରେ ଚାଷୀଙ୍କ ଚାଷଜମି ଦଖଲ କରିବା ପାଇଁ ଯୋଜନା କରାଯାଉଛି। ଯେଉଁମାନେ ଏମଏସପି ନାଁରେ ଚାଷୀଙ୍କୁ ଠକିଥା'ନ୍ତି ସେମାନେ କେବେ ବି ନିଜ ସରକାରରେ ଗ୍ୟାରେଣ୍ଟି ପୂରଣ କରନ୍ତି ନାହିଁ। କଂଗ୍ରେସ ଠାରୁ ଜନତା କେବଳ ମିଛର ଗ୍ୟାରେଣ୍ଟି ପାଇଥା'ନ୍ତି। ହରିୟାଣାର ସଚେତନ ଓ ସ୍ୱାଭିମାନୀ ଲୋକମାନେ କଂଗ୍ରେସର ହରିୟାଣା ବିରୋଧୀ ଓ ଜନବିରୋଧୀ ମାନସିକତାକୁ ଭଲ ଭାବରେ ବୁଝିଛନ୍ତି। ସେଥିପାଇଁ ଆଗାମୀ ବିଧାନସଭା ନିର୍ବାଚନରେ ଜନତା, କଂଗ୍ରେସ ଏବଂ ବାପା ପୁଅଙ୍କୁ ହରାଇ ସେମାନଙ୍କୁ ଏକ ଶିକ୍ଷା ଦେବାକୁ ଯାଉଛନ୍ତି। ଆହରିୟାଣାର ଡବଲ ଇଞ୍ଜିନ ସରକାର କୃଷକ, ମହିଳା, ଦଳିତ, ବଞ୍ଚିତ ଏବଂ ଯୁବବର୍ଗଙ୍କ ନନଷ୍ଟପ୍ ବିକାଶ କରି ବିକଶିତ ହରିୟାଣା ଗଠନ କରିବା କାମରେ ଲାଗିଛନ୍ତି। ହରିୟାଣାର ବିଜେପି ସରକାର ଉପରେ ଜନସାଧାରଣଙ୍କ ଅତୁଟ ବିଶ୍ୱାସ ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଶ୍ରୀନହରରେ ସୁନିଆଁ ପର୍ବ

## ଆରମ୍ଭ ହେଲା ୧୪୩୨ ସାଲ



**ପୁରୀ,୧୫।୯(ସଂଚାର ବ୍ୟୁରୋ):** ଭାଦ୍ରବ ମାସ ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ପାଳିତ ହେଉଛି ବାମନ ଜନ୍ମ ନୀତି। ଅଦିତିଙ୍କ ଠାରୁ ବାମନ ଜନ୍ମ ହୋଇଥିବାରୁ ଏହାର ସ୍ମୃତିକୁ ନେଇ ଏହି ଜନ୍ମ ନୀତି ଦ୍ୱିପ୍ରହର ଧୂପ ପରେ ଶ୍ରୀମନ୍ଦିରରେ ପାଳିତ ହୋଇଥିଲା। ତେବେ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ବାମନ ଜନ୍ମ ନୀତି ସରିବା ପରେ ପୁନର୍ବାର ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଅନ୍ୟପଟେ ରବିବାର ସନ୍ଧ୍ୟାରେ ଗଜପତିଙ୍କ ଶ୍ରୀନହରରେ ସୁନିଆଁ ପର୍ବ ଅନୁଷ୍ଠିତ। ସକାଳୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତି ଆରମ୍ଭ ହେବା ସହ ସକାଳଧୂପ ଓ ଭୋଗମଣ୍ଡପ ପରେ ଶ୍ରୀବିଗ୍ରହଙ୍କ ମହାସ୍ନାନ କରାଯାଇ ନୂଆଲୁଗା ଓ ଚନ୍ଦନ ଲାଗି କରାଯାଇଥିଲା। ଏହି ଅବସରରେ ଦକ୍ଷିଣ ଘରୁ ମଦନମୋହନ ରତ୍ନ ସିଂହାସନକୁ ବିଜେ କରିବା ପରେ ରତ୍ନ ଭଣ୍ଡାର ନିକଟକୁ ଆସିଥାନ୍ତି। ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ପୂଜପଣ୍ଡା ସାମନ୍ତ ବାମନଙ୍କ ସୁବର୍ଣ୍ଣ ପ୍ରତିମାରେ ଏହି ଜନ୍ମ ନୀତି ପାଳନ କରିଥାନ୍ତି। ତେବେ ଆଜି ଶ୍ରୀମନ୍ଦିରରେ ବାମନ ଜନ୍ମ, ପବିତ୍ରା ଲାଗି ଓ ଇନ୍ଦ୍ରଧ୍ୱଜା ପୂଜା ବିଧି ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅନ୍ୟପଟେ ରବିବାର ହେଉଛି ପବିତ୍ର ସୁନିଆଁ ଉତ୍ସବ। ଆଜିଠାରୁ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କର ଆରମ୍ଭ ହୋଇଛି ୧୪୩୨ ସାଲ ୬୮ ଅଙ୍କର ପ୍ରବେଶ। ଏହି ଅବସରରେ ଗଜପତିଙ୍କ ଶ୍ରୀନହରରେ ସନ୍ଧ୍ୟାରେ ପାଳିତ ହେବ ସୁନିଆଁ ଉତ୍ସବ। ଆଜିଠାରୁ ଗଜପତି ମହାରାଜାଙ୍କର ୬୮ ଅଙ୍କ ଆରମ୍ଭ ହୋଇଥିଲା। ଜାତକ ଓ ପାଞ୍ଜି ଅଙ୍କ ଗଣନାର ବିଶେଷ ମହତ୍ତ୍ୱ ରହିଥିବା ବେଳେ ଆଜିର ଏହି ସୁନିଆଁ ଅବସରରେ ଶ୍ରୀନହର ପ୍ରାଙ୍ଗଣରେ ଥିବା କନକ ଦୁର୍ଗାଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା।

## କାନ୍ଥ ପଡ଼ି ଜେଜେ ମା' ମୃତ; ଶିଶୁକନ୍ୟା ଗୁରୁତର

**ସୋନପୁର,୧୫।୯(ସଂଚାର ବ୍ୟୁରୋ):** କାନ୍ଥ ପଡ଼ିଯିବାରୁ ଜେଜେ ମା'ର ମୃତ୍ୟୁ ଘଟିଥିବା ବେଳେ ୨ବର୍ଷର ଶିଶୁକନ୍ୟା ଗୁରୁତର ଆହତ ହୋଇଛି। ସୋନପୁର ଜିଲ୍ଲା ଲକ୍ଷ୍ମିପୁର ଥାନା ଅନ୍ତର୍ଗତ ସଉରାପାଲି ଗାଁରେ ଏହି ଅଘଟଣ ଘଟିଛି। ବର୍ଷା ଯୋଗୁ ଏହି ଅଘଟଣ ଘଟିଛି ବୋଲି କୁହାଯାଉଛି। ଗତକାଲି ରାତିରେ ଜେଜେ ମା' ଓ ନାତୁଣି ଘରେ ଶୋଇଥିଲେ। ଏହି ସମୟରେ ହଠାତ୍ ଘରର ଏକ କାନ୍ଥ ସେମାନଙ୍କ ଉପରେ ପଡ଼ି ଯାଇଥିଲା। ଘଟଣାସ୍ଥଳରେ ଜେଜେ ମା'ଜୀବନ ଚାଲି ଯାଇଥିଲା। ଚିତ୍କାର ଶୁଣି ପଡ଼ୋଶୀମାନେ ଧାଇଁ ଆସିଥିଲେ। ଛୋଟ ଛୁଆଟିକୁ ଉଦ୍ଧାର କରି ଭୀମଭୋଇ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସୂଚନାଯୋଗ୍ୟ, କିଛି ଦିନ ହେବ ରାଜ୍ୟରେ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ ଘରର ମାଟି କାନ୍ଥ ଦୁର୍ବଳ ହୋଇ ଭୁଶୁଡ଼ି ପଡ଼ିଥିବା କୁହାଯାଉଛି।

## ହୀରାକୁଦର ୧୦ ଗେଟ୍ ଖୋଲା



**ସମ୍ବଲପୁର,୧୫।୯ (ସଂଚାର ବ୍ୟୁରୋ):** ଉପରମୁଣ୍ଡରେ ବର୍ଷା କମିବାରୁ ୪ ଗେଟ୍ ବନ୍ଦ କରାଯାଇଛି। ଏବେ ଡ୍ୟାମର ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ପ୍ରକାଶ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଥିଲା। ଏହା ପରେ ପର୍ଯ୍ୟାୟ କ୍ରମେ ୧୬ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଇଥିଲା।

## ତୁରେକେଲାରେ ଝାଡ଼ାବାନ୍ତି, ୨ ମୃତ



**ବଲାଙ୍ଗିର, ୧୫।୯ (ସଂଚାର ବ୍ୟୁରୋ):** ଜିଲ୍ଲାରେ ଝାଡ଼ାବାନ୍ତି ଆତଙ୍କ। ତୁରେକେଲା ବ୍ଲକ ମହୁଲପାର୍ଟି ପଞ୍ଚାୟତର କାନ୍ଦଗାଡ ଗାଁରେ ଝାଡ଼ାବାନ୍ତିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୦ ଜଣ ଆକ୍ରାନ୍ତ ହୋଇଛନ୍ତି। ତିନିଜଣ ଗୁରୁତର ଅବସ୍ଥାରେ ତୁରେକେଲା ହସପିଟାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟମାନଙ୍କର ଗାଁରେ ଚିକିତ୍ସା ଜାରି ରହିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଅନ୍ତର୍ଭୁକ୍ତ।
ମେଡିକାଲ ଟିମ୍ ଅସ୍ଥାୟୀ କ୍ୟାମ୍ପ କରି ଗାଁରେ ଚିକିତ୍ସା ଜାରି ରଖିଛନ୍ତି। କେଉଁ କାରଣ ପାଇଁ ଗାଁରେ ଝାଡ଼ାବାନ୍ତି ବ୍ୟାପିଛି ତାହା ଜଣାପଡ଼ିନାହିଁ। ଦୂଷିତ ପାଣି ଝାଡ଼ାବାନ୍ତି କାରଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ପାଣି ନମୂନା ପରୀକ୍ଷା ପଠାଯିବ ବୋଲି ସୂଚନା ରହିଛି। ସୂଚନାଯୋଗ୍ୟ, ବଲାଙ୍ଗିର ଜିଲ୍ଲାରେ ପ୍ରାୟ ୨୦ ଜଣ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

## ଧାନ ନଷ୍ଟ କଲେ ହାତୀ ପଲ

**ଫୁଲବାଣୀ, ୧୫।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତର ୧୬ନଂ ୱାର୍ଡ ରେଟୁଡ଼ି ଗ୍ରାମରେ ପୁଣି ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳୁଛି। କିଛି ମାସର ବ୍ୟବଧାନ ପରେ ପୁଣି ହାତୀପଲ ଫେରିଛନ୍ତି। ଶନିବାର ବିଳମ୍ବିତ ରାତ୍ରିରେ ପାଖାପାଖି ୧୦ରୁ ଊର୍ଦ୍ଧ୍ୱ ହାତୀ ଧାନ ବିଲ ନଷ୍ଟ କରିଥିବା ଚାଷୀମାନେ ସୂଚନା ଦେଇଛନ୍ତି। ଏହି ହାତୀପଲ ପ୍ରାୟ ରାତି ୧୧ରୁ ସକାଳ ୫ ଟା ପର୍ଯ୍ୟନ୍ତ ଉପଦ୍ରବ କରିବା ସହ ନିମିର ପ୍ରଧାନଙ୍କ ମିଲ ଘର ମଧ୍ୟ ଭାଙ୍ଗି ଦେଇଛନ୍ତି।

## ଗୁଣି ସନ୍ଦେହରେ ୫ ଜଣଙ୍କୁ ପିଟିପିଟି ହତ୍ୟା

**ମାଲକାନଗିରି, ୧୫।୯(ସଂଚାର ବ୍ୟୁରୋ):** ଅନ୍ଧବିଶ୍ୱାସର କୁପରିଣତି ଦେଖିବାକୁ ମିଳିଛି ଛତିଶଗଡ଼ରେ। ଗୁଣିଗାରେଡି ସନ୍ଦେହରେ ସୁକୁମା ଜିଲ୍ଲା କୋଣ୍ଟା ଥାନା ଏତକାଲ ଗାଁରେ ଏକ ପରିବାରର ୫ଜଣଙ୍କୁ ପିଟିପିଟି ହତ୍ୟା କରାଯାଇଛି। ମୃତକଙ୍କ ମଧ୍ୟରେ ଜଣେ ବୃଦ୍ଧାଙ୍କ ସମେତ ୩ଜଣ ମହିଳା ଅନ୍ତର୍ଭୁକ୍ତ। ଏହି ମାମଲାରେ ପୋଲିସ ୫ଜଣଙ୍କୁ ଗିରଫ କରି ଜେରା ଚଳାଇଛି। ଏସ୍‌ପି ଜି ଗଭନ କହିଛନ୍ତି, ମାଓ ଅଧ୍ୟୁଷିତ ଅଞ୍ଚଳ ହୋଇଥିଲେ ସୁଦ୍ଧା ହତ୍ୟାକାଣ୍ଡରେ ମାଓବାଦୀଙ୍କ ସଂପୃକ୍ତି ନାହିଁ। ଗାଁର ମୌସମ କର୍ଣ୍ଣ(୬୦), ମୌସମ ବୁଛା(୩୪), ମୌସୁମ ବୀରି (୪୦), କର୍କା ଲଛି(୪୩) ଓ ମୌସୁମ ଅଜରୋ(୩୨)। ଏହି ପରିବାର ଶିଶୁଙ୍କ ମୃତ୍ୟୁ ପାଇଁ ଦାୟି ବୋଲି ଗାଁ ଲୋକେ ବିଶ୍ୱାସ କରୁଥିଲେ। ସେମାନେ ଉକ୍ତ ପରିବାରକୁ ଡାକି ଆଣି ଗାଁ ଦାଣ୍ଡରେ ପିଟିପିଟି ହତ୍ୟା କରିଥିଲେ। ପୁଲିସ କାର୍ଯ୍ୟାନୁଷ୍ଠାନ ଭୟରେ ଗାଁ ଜନଶୂନ୍ୟ ହୋଇଯାଇଛି।

## ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବିରେ ପଦଯାତ୍ରା

**ବୈଶିଙ୍ଗା,୧୫।୯(ସଂଚାର ବ୍ୟୁରୋ)** ମୟୂରଭଞ୍ଜ ତଥା ଉତ୍ତର ଓଡିଶାବାସୀଙ୍କୁ ବିଶ୍ୱ ସ୍ତରୀୟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ମୟୂରଭଞ୍ଜରେ ଓଡିଶାର ଦ୍ୱିତୀୟ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମ୍ସ ପ୍ରତିଷ୍ଠା ଦାବିରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ବାରିପଦା ରୁ ମୁଖ୍ୟମନ୍ତ୍ରୀ ଭବନ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରା ର ତୃତୀୟ ଦିନରେ ପହଞ୍ଚିଛି। ପଦଯାତ୍ରୀ ଦଳ ଶନିବାର ସକାଳ ସମୟରେ ବୈଶିଙ୍ଗା ଅତିକ୍ରମ କରିବା ପରେ ବାଲେଶ୍ୱର ରେମୁଣାଠାରେ ପହଞ୍ଚିଛନ୍ତି। ପଦଯାତ୍ରୀ ଦଳ ମାନଙ୍କୁ ସଚେତନ ନାଗରିକଙ୍କ ପକ୍ଷରୁ ବୈଶିଙ୍ଗା ଠାରେ ସ୍ୱାଗତ କରାଯାଇଥିବା ବେଳେ ବାଲେଶ୍ୱର ରେ ମାୟା ସଂଗଠନ ପକ୍ଷରୁ ସଂଗଠନ ସଭାପତି ବାପି କୁମାର ଓ ମଙ୍ଗଲୁ ମାରାଣ୍ଡିଙ୍କ ନେତୃତ୍ୱରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି।

# ମଉକା ଦେଖି ନବୀନଙ୍କ ଉପରେ ଲଲନଙ୍କ ମଧୁର ପ୍ରତିଶୋଧ





**ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ):** ନିତିଶ କୁମାରଙ୍କ ଜେଡିୟୁ ଓଡ଼ିଶା ରାଜନୀତିରେ ବିଜୁ ଜନତା ଦଳର ପ୍ରତିଦ୍ୱନ୍ଦ୍ୱୀ ନୁହେଁ। ଏକଥା ଜଣାଥିଲେ ମଧ୍ୟ ଜେଡିୟୁର ବରିଷ୍ଠ ନେତା ତଥା କେନ୍ଦ୍ର ମତ୍ସ୍ୟ, ପଶୁସମ୍ପଦ ଓ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂହ ଗତ ଶୁକ୍ରବାର ଦିନ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ନେତୃତ୍ୱାଧୀନ ବିଜେଡି ସରକାରକୁ କଡ଼ା ସମାଲୋଚନା କରିଛନ୍ତି। ଯାହାକୁ ନେଇ ରାଜନୀତିକ ମହଲରେ ବଡ଼ କମ୍ପନ ଦେଖାଦେଇଛି। କେନ୍ଦ୍ରମନ୍ତ୍ରୀ ଲଲନ ସିଂହ କହିଥିଲେ ଯେ ଗତ ୨୪ ବର୍ଷ ଧରି ଓଡ଼ିଶାରେ ଏକଛତ୍ରବାଦ ଶାସନ ଚାଲିଥିଲା। ବିଜେଡି ସରକାର ରାଜ୍ୟର ବିକାଶ ପାଇଁ ନୁହେଁ ବରଂ ରାଜ୍ୟ ରାଜନୀତିରେ କିପରି ତିଷ୍ଠି ରହିବ ସେଥିପାଇଁ କାମ କରୁଥିଲା ବୋଲି କେନ୍ଦ୍ରମନ୍ତ୍ରୀ ତାଚ୍ଛଲ୍ୟ କରି କହିଥିଲେ। ଓଡ଼ିଶା ରାଜନୀତିରେ ଜେଡିୟୁ ନବୀନଙ୍କ ବିଜେଡିର ପ୍ରତିଦ୍ୱନ୍ଦ୍ୱୀ ହୋଇନଥିଲେ ହେଁ ସେ କାହିଁକି ଏପରି କହିଲେ। ଏହାର କାରଣ ଜାଣିବାକୁ ହେଲେ ଆମକୁ ୨୦୨୩ ମସିହା ମଇ ମାସ ୯ତାରିଖ ଘଟଣାକୁ ମନେପକାଇବାକୁ ପଡ଼ିବ।
ସେ ସମୟରେ ଜେଡିୟୁ ନେତା ନୀତିଶ କୁମାର ସର୍ବଭାରତୀୟ ସ୍ତରରେ ଏକ ଅଣଭାଜପା ମେଣ୍ଟ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କୁ ଭେଟୁଥିଲେ। ୨୦୨୩ ମସିହା ମଇ ମାସ ୯ତାରିଖରେ ନିଜ ଦଳର ତତ୍କାଳୀନ ସଭାପତି ଲଲନ ସିଂହଙ୍କୁ ସାଙ୍ଗରେ ଧରି ନୀତିଶ କୁମାର ନବୀନ ନିବାସ ଯାଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ନବୀନ ଲଲନ ସିଂହଙ୍କୁ ତାଙ୍କ ଅତିଥି ଭବନରେ ଭେଟିବା ପରେ ନୀତିଶଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ। କିନ୍ତୁ ଜେଡିୟୁ ସଭାପତି ଲଲନ ସିଂହଙ୍କୁ ଡାକି ନ ଥିଲେ। ଅପରପକ୍ଷରେ ସରକାରୀ ଅଧିକାରୀ ଥିବା ତାଙ୍କ ସଚିବ ଭୈରବ କାର୍ତ୍ତିକେୟନ ପାଣ୍ଡିଆନଙ୍କୁ ମଧ୍ୟାହ୍ନ ଭୋଜନରେ ନୀତିଶଙ୍କ ସହିତ ସାମିଲ କରିବା ପାଇଁ ଭୁଲି ନ ଥିଲେ। ନବୀନଙ୍କ ଏପରି ବ୍ୟବହାରରେ ଲଲନ ସିଂହ ଅପମାନିତ ହୋଇ ନବୀନ ନିବାସରୁ ଫେରି ଆସିଥିଲେ। ସେ ସମୟରେ ଏହାକୁ ନେଇ ଅନେକ ରାଜନୈତିକ ବୟାନବାଜୀ ହୋଇଥିଲେ ହେଁ ଲଲନ ସିଂହ ନୀରବ ଥିଲେ। ଇତି ମଧ୍ୟରେ ଜେଡିୟୁ ଏନଡିଏରେ ସାମିଲ ହୋଇଛି ଓ ଲଲନ ସିଂହ କେନ୍ଦ୍ରମନ୍ତ୍ରୀ ହୋଇଛନ୍ତି। ଗତ ଶୁକ୍ରବାର ଦିନ କେନ୍ଦ୍ରମନ୍ତ୍ରୀ ଲଲନ ସିଂହ ଓଡ଼ିଶା ଗସ୍ତରେ ଆସି ସୁଯୋଗର ସଦୁପଯୋଗ କରିଛନ୍ତି। ସାମ୍ବାଦିକମାନଙ୍କ ପ୍ରଶ୍ନରେ ବିଜେଡି ସରକାର ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରି ପୂର୍ବ ଅପମାନର ମଧୁର ପ୍ରତିଶୋଧ ନେଇଛନ୍ତି ବୋଲି ରାଜନୀତିକ ମହଲରେ ଆଲୋଚନା ହେଉଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର